୬ ଦକ୍ଷିଣ ଆଫ୍ରିକା ଓଡିଆଇ ସିରିଜ୍ ପରେ ଟି-୨୦କୁ ଫେରିବେ ରୋହିତ !



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ-୩୨ ● ସଂଖ୍ୟା-୩୦୮ ● ୬ ଡିସେମ୍ବର ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-308 ● 6th December 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ଭାରତକୁ ତୈଳ ଯୋଗାଣ ଜାରି ରହିବ : ପ୍ରତିଶ୍ରୁତି ଦେଲେ ପୁଟିନ

## ରୁଷ୍ ନାଗରିକଙ୍କୁ ମିଳିବ ମାଗଣା ଇ-ପର୍ଯ୍ୟଟକ ଭିସା : ମୋଦୀ

**ନୂଆଦିଲ୍ଲୀ, ୫।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ପୁଣି ଥରେ ଶାନ୍ତିର ପକ୍ଷ ରଖିଛନ୍ତି। ୟୁକ୍ରେନ ଯୁଦ୍ଧ ଶେଷ କରିବାର ସଦ୍ୟତମ ପ୍ରୟାସକୁ ସମର୍ଥନ କରି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ କହିଛନ୍ତି, ଏହି ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଖୋଜିବା ପାଇଁ ଭାରତ ରୁଷ ସହ କାନ୍ଧରେ କାନ୍ଧ ମିଶାଇ ଛିଡା ହେବ। ଦୁଇ ଶୀର୍ଷ ନେତା ମୋଦି ଏବଂ ପୁଟିନଙ୍କ ମଧ୍ୟରେ ୨୩ତମ ବାର୍ଷିକ ଶିଖର ଆଲୋଚନାରେ ୟୁକ୍ରେନ ପ୍ରମୁଖ ପ୍ରସଙ୍ଗ ଥିଲା। ଏହି ଅଲୋଚନାର ମୁଖ୍ୟ ପ୍ରସଙ୍ଗ ଥିଲା ଭୂ-ରାଜନୈତିକ ପରିବେଶ ଏବଂ ଉତ୍ତେଜନା ଭିତରେ ବି ଦୁଇଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସହଭାଗୀତାକୁ ଦୀର୍ଘ ୮ ଦଶନ୍ଧି ଧରି ଆହୁରି ଦୃଢ କରିବା। ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମୋଦୀ



କହିଛନ୍ତି, ଭାରତ କେବଳ ନିରପେକ୍ଷ ନୁହେଁ ବରଂ ୟୁକ୍ରେନ ଯୁଦ୍ଧ ଶେଷ କରିବା ପାଇଁ ସେ ଶାନ୍ତି ସପକ୍ଷରେ ରହିବ। ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ରୁଷ୍ ରାଷ୍ଟ୍ରପତି ପୁଟିନ ଓ ମୋଦିଙ୍କ ମଧ୍ୟରେ ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ଶୁକ୍ରବାର ଏକ ଦ୍ୱିପାକ୍ଷିକ ବୈଠକ ବସିଥିଲା। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ପ୍ରାରମ୍ଭିକ ଟେଲିଭିଜନ ଅଭିଭାଷଣରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭୁରି ଭୁରି ପ୍ରଶଂସା କରିବା ସହ କହିଥିଲେ, 'ରୁଷ ରାଷ୍ଟ୍ରପତି ପୁଟିନ ତାଙ୍କୁ ୟୁକ୍ରେନ ଯୁଦ୍ଧର ପ୍ରାରମ୍ଭିକ ସମୟରେ ଯୁଦ୍ଧ ସମ୍ପର୍କିତ ଅପଡେଟ୍ ତଥ୍ୟ ଏକ ସଚ୍ଚୋଟ ବନ୍ଧୁ ପରି ଦେଉଥିଲେ।' ଆଲୋଚନା ଅବସରରେ ରୁଷ୍ ରାଷ୍ଟ୍ରପତି ପୁଟିନ କହିଥିଲେ, 'ଏପରି ସୌହାର୍ଦ୍ଦ୍ୟପୂର୍ଣ୍ଣ ସ୍ୱାଗତ ପାଇଁ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତଥା ଆମର ସମସ୍ତ ଭାରତୀୟ ସହଯୋଗୀଙ୍କୁ ଧନ୍ୟବାଦ ଦେଉଛି। ଗୁରୁବାର ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଆୟୋଜିତ ରାତ୍ରୀ ଭୋଜନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନରେନ୍ଦ୍ର ମୋଦୀଙ୍କୁ ମଧ ଧନ୍ୟବାଦ।' ସେ ଆହୁରି କହିଥିଲେ, 'ଭାରତର ବିକାଶମୁଖୀ ଅର୍ଥ ବ୍ୟବସ୍ଥା ପାଇଁ ଆମେ ତୈଳ ଯୋଗଣ ଜାରି ରଖିବାକୁ ପ୍ରସ୍ତୁତ ଅଛୁ। ଆମେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ କାରବାର ବୃଦ୍ଧି ପାଇଁ ଜାତୀୟ ମୁଦ୍ରାର ବିନିଯୋଗ କରିବାକୁ (ପୃଷ୍ଠା ୭ରେ)

### ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିମନ୍ତ୍ରଣ କଲେ ପୁଟିନ

**ନୂଆଦିଲ୍ଲୀ, ୫।୧୨**

ରୁଷ୍‌ର ରାଷ୍ଟ୍ରପତି ପୁଟିନ ଦୁଇଦିନିଆ ଭାରତ ଗସ୍ତ ଶେଷରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ରୁଷ୍ ଆସିବାକୁ ନିମନ୍ତ୍ରଣ କରିଛନ୍ତି। ରୁଷ୍-ଭାରତ ଶିଖର ସମ୍ମିଳନୀରେ ଯୋଗ ଦେବାକୁ କହିଛନ୍ତି ରୁଷ୍ ରାଷ୍ଟ୍ରପତି। ଶୁକ୍ରବାର ଦିନ ହୋଇଥିବା ଆଲୋଚନା ପରେ ଉଭୟ ନେତା ଏକ ମିଳିତ ବିବୃତ୍ତି ଜାରି କରିଛନ୍ତି। ଭାରତ ଓ ରୁଷିଆ ମଧ୍ୟରେ ସ୍ୱାକ୍ଷରିତ ହୋଇଛି ଅନେକ ରାଜିନାମା। ଦୁଇ ଦେଶ ମଧ୍ୟରେ ଆର୍ଥିକ ବିକାଶ ପ୍ରକଳ୍ପ ଆଦି ଉପରେ ହୋଇଛି ଏହିସବୁ ରାଜିନାମା।

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଖର୍ଚ୍ଚ ଦାବି ପାରିତ

## ମେଗା ଜଳସେଚନ ପ୍ରକଳ୍ପରେ ହୋଇଥିବା ଦୁର୍ନୀତିର ଅନୁଧାନ କରାଯିବ

**ଭୁବନେଶ୍ୱର, ୫।୧୧**

**ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମୁଦାୟ ୩୫୩ କୋଟି ୪ ଲକ୍ଷ ୧୫ ହଜାର ଟଙ୍କାର ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନା ଏବଂ ମନ୍ତ୍ରୀଙ୍କ ଉତ୍ତର ପରେ ଗୃହୀତ ହୋଇଛି। ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାୟକଙ୍କ ଦ୍ୱାରା ଗୃହରେ ଆଗତ ଏହି ଖର୍ଚ୍ଚ ଦାବି ଉପରେ ଦୀର୍ଘ ସମୟ ଧରି ସରଗରମ ଆଲୋଚନା ପରେ ବାଚନିକ ଭୋଟରେ ତାହା ଗୃହୀତ ହୋଇଥିଲା। ତେବେ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ବ୍ୟକ୍ତ କରି ବିରୋଧୀ ଦଳର ବିଧାୟକମାନେ କକ୍ଷ ତ୍ୟାଗ କରିଥିଲେ।

ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ ଯେ, ରାଜ୍ୟରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ



କ୍ଷେତ୍ରରେ ହୋଇଥିବା ଦୁର୍ନୀତିର ଅନୁଧାନ କରାଯାଉଛି। ଆବଶ୍ୟକ ଅନୁସାରେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେ କହିଥିଲେ ତୃଣ ମୂଳ ସ୍ତରରେ ସମାଜର ଅବହେଳିତ ଓ ଦୁର୍ବଳ ବର୍ଗଙ୍କ ସାମାଜିକ ଏବଂ ଅର୍ଥନୈତିକ ସଶକ୍ତି କରଣ ସୁନିଶ୍ଚିତ କରିବା ସହିତ ଏମାନଙ୍କର ସାମଗ୍ରିକ ବିକାଶ କରିବା ଓ ସେମାନଙ୍କୁ ସଶକ୍ତ କରିବା ଏହି ବିଭାଗର ମୁଖ୍ୟ ଲକ୍ଷ୍ୟ। ବିଶୁଦ୍ଧ ଓ (ପୃଷ୍ଠା ୭ରେ)

## ଫେବୃଆରୀ ୧୯ରୁ ମାଟ୍ରିକ୍ ପରୀକ୍ଷା



**ଭୁବନେଶ୍ୱର, ୫।୧୨**

**ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ଫେବୃଆରୀ ୧୯ରୁ ରାଜ୍ୟରେ ଆରମ୍ଭ ହେବ ମାଟ୍ରିକ୍ ପରୀକ୍ଷା। ୧୯ରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ଯାଏଁ ଚାଲିବ। ୧୯ ତାରିଖ ସକାଳ ୯ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ ଚାଲିବ। ଏନେଇ ମାଧମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଗଣିତ ପରୀକ୍ଷା ଦିନ ଛାତ୍ରଛାତ୍ରୀଙ୍କୁ ଅଧିକ ୧୫ମିନିଟ ସମୟ ଦିଆଯିବ ବୋଲି କୁହାଯାଇଛି। ତେବେ ପରୀକ୍ଷା କାର୍ଯ୍ୟ ସୂଚୀ ଅନୁସାରେ ଫେବୃଆରୀ ୧୯ ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ଏହାପରେ ୨୧ରେ ଇଂରାଜୀ, ୨୩ରେ ସଂସ୍କୃତ ଏବଂ ହିନ୍ଦୀ, ୨୫ରେ ବିଜ୍ଞାନ ପରୀକ୍ଷା ରହିଥିବା ବେଳେ ୨୭ରେ ସାମାଜିକ ବିଜ୍ଞାନ, ମାର୍ଚ୍ଚ ୨ରେ ଗଣିତ ପରୀକ୍ଷା ଦେବେ ଛାତ୍ରଛାତ୍ରୀ।

## ୬୫ ହଜାର ନିଯୁକ୍ତି ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି

**ଭୁବନେଶ୍ୱର, ୫।୧୨**

**ନ୍ୟୁଜ୍‌ବ୍ୟୁରୋ**

"ରାଜ୍ୟରେ ୨ଲକ୍ଷ ୩୫ ହଜାର ସରକାରୀ ପଦବୀ ଖାଲି, ସରକାର ବେକାର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦେଉନାହାନ୍ତି, ଅନେକ ଦାଦନ ହୋଇ ବାହାରକୁ ଯାଉଛନ୍ତି"-ଅଭିଯୋଗ ଦର୍ଶାଇ ଶୁକ୍ରବାର ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ମୁଲତବୀ ପ୍ରସ୍ତାବ ଆଗତ ହୋଇଥିଲା। ଏହି ପ୍ରସଙ୍ଗରେ ବିରୋଧୀ ଦଳର ବିଧାୟକମାନେ ରାଜ୍ୟ ସରକାରଙ୍କୁ ଘେରିବା ସହିତ ନୂତନ ନିଯୁକ୍ତି କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଥିଲେ। ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇ ବିରୋଧୀଙ୍କ ଅଭିଯୋଗକୁ ଦୃଢ ଭାବେ ଖଣ୍ଡନ



କରିଥିଲେ। ସେ ପାଲଟା ଅଭିଯୋଗ କରିଥିଲେ ବିଗତ ସରକାରଙ୍କ ଅମଳରେ ରାଜ୍ୟରେ ଆର୍ଥିକ ସ୍ଥିତି ଭଲ ଥିବା ସତ୍ତ୍ୱେ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରି ଦିଆଯାଇଥିଲା। ଅନ୍ୟ ପକ୍ଷରେ ଆନ୍ତର୍ଜାତିକ ସଂସ୍ଥାର ସହଯୋଗ ନେଇ କନସଲ୍‌ଟାନ୍ସି ନିଯୁକ୍ତି କରି ସରକାର ବହୁ ପରିମାଣର ଅର୍ଥ ବ୍ୟୟ କରିଥିଲେ। ୨୦୧୧, ୨୦୧୫, ୨୦୧୮ ଓ ୨୦୨୩ ବର୍ଷରେ ବିଭିନ୍ନ ନିଯୁକ୍ତି ପ୍ରକ୍ରିୟାରେ ଅନେକ (ପୃଷ୍ଠା ୭ରେ)

## ବାରବାଟୀ ମ୍ୟାଚ୍ ପାଇଁ ମୁତୟନ ହେବେ ଆର୍ମଡ୍ ପୋଲିସ ଫୋର୍ସ

**ଭୁବନେଶ୍ୱର, ୫।୧୧**

**ନ୍ୟୁଜ୍‌ବ୍ୟୁରୋ**

କଟକ ବାରବାଟୀ ଷ୍ଟାଡ଼ିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ଟି-୨୦ମ୍ୟାଚ୍ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏ ନେଇ ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂହ ସୂଚନା ଦେଇଛନ୍ତି। ଶୁକ୍ରବାର କଟକରେ ଅଫଲାଇନ୍ ଟିକେଟ୍ ବିକ୍ରି ହୋଇଛି। ଅଧିକ ଲୋକ ଥିବାରୁ ଶୃଙ୍ଖଳାର ସହ ଟିକେଟ୍ ବିକ୍ରି ହୋଇଥିଲା। ପୋଲିସ ବ୍ୟାପକ ବ୍ୟବସ୍ଥା କରିଛି। ଶୁକ୍ରବାର କିଛି ଖେଳାଳି ଆସିଥିବା ବେଳେ ଶନିବାର ବି କିଛି ଖେଳାଳି ଆସିବାର ରହିଛି।

ଖେଳାଳିଙ୍କ ପାଇଁ ଭୁବନେଶ୍ୱରରେ ୨୨ ପ୍ଲାଟୁନ ପୋଲିସ ଫୋର୍ସ, କଟକରେ ୫୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ







କରାଯାଇଛି। ଏହାସହ କଟକରେ ଆର୍ମ ପୋଲିସ ଫୋର୍ସ ମଧ୍ୟ ମୁତୟନ କରାଯିବ। ୪୨୦ରୁ ଅଧିକ ହାବିଲଦାର ଏବଂ କନେଷ୍ଟବଳ ସହ ୪୧୧ଜଣ ପୋଲିସ ଅଧିକାରୀ ଦାୟିତ୍ୱରେ ରହିବେ।

ସେହିପରି ଭୁବନେଶ୍ୱରରେ ମଧ ୧୧୧ଜଣ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା, ରୁଟ୍ ଲାଇନ ସବୁ କିଛି ବ୍ୟବସ୍ଥା କରାଯାଇଛି। ସହରବାସୀଙ୍କ ପାଇଁ ଟ୍ରାଫିକ୍ ଆଡ୍‌ଭାଇଜରୀ ଜାରି କରାଯିବା ସହ ସମସ୍ତେ ଶୃଙ୍ଖଳିତ ଭାବେ ନିୟମ ମାନି ଖେଳ ଉପଭୋଗ କରିବାକୁ ଅପିଲ୍ କରିଛନ୍ତି ପୋଲିସ କମିଶନର।

## ପୁଟିନଙ୍କୁ ପବିତ୍ର ଗୀତା ଉପହାର ଦେଲେ ମୋଦୀ

**ନୂଆଦିଲ୍ଲୀ, ୫।୧୨**

ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୪-୫ ଡିସେମ୍ବର ୨୦୨୫ ଭାରତ ଗସ୍ତରେ ଆସିଛନ୍ତି। ଭାରତ ଓ ରୁଷ୍ ମଧ୍ୟରେ ଥିବା ଅନେକ ଦଶନ୍ଧିର ପୁରୁଣା ସଂପର୍କ ପିଏମ ନରେନ୍ଦ୍ର ମୋଦୀ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସାକ୍ଷାତ୍‌ରେ ପୁଣି ଥରେ ନୂଆ ଜୋସ୍ ଭରିଦେଇଛି। ଏହି ସମୟରେ ସବୁଠୁ ଅଧିକ ଚର୍ଚ୍ଚାରେ ରହିଛି ସେହି କ୍ଷଣ, ଯେବେ ମୋଦି ପୁଟିନଙ୍କୁ ହିନ୍ଦୁ ଧର୍ମର ସବୁଠୁ ପବିତ୍ର ଗ୍ରନ୍ଥ ଶ୍ରୀମଦ୍ ଭଗବତ ଗୀତା ଉପହାର ଦେଇଥିଲେ।

ପିଏମ୍ ମୋଦି ପୁଟିନଙ୍କୁ ରୁଷୀୟ ଭାଷାରେ ଲିଖିତ ଗୀତାର ଏକ (ପୃଷ୍ଠା ୭ରେ)

## ମନ୍ଦିରରେ ଦୀପ ଜଳା ବିରୋଧରେ ସୁପ୍ରିମକୋର୍ଟରେ ପହଞ୍ଚିଲେ ତାମିଲନାଡୁ ସରକାର

**ନୂଆଦିଲ୍ଲୀ, ୫।୧୨**

ମଦୁରାଇର ଥିରୁପ୍ରନକୁନ୍ଦ୍ରମ ପାହାଡ଼ ଉପରେ ସ୍ଥିତ ଦୀପକୁ ପ୍ରଜ୍ୱଳିତ କରିବା ପାଇଁ ହାଇକୋର୍ଟଙ୍କ ଆଦେଶକୁ ତାମିଲନାଡୁ ସରକାର ଚ୍ୟାଲେଞ୍ଜ କରିଛନ୍ତି। ସୁପ୍ରିମକୋର୍ଟ ଶୁକ୍ରବାର ତାମିଲନାଡୁ ସରକାରଙ୍କ ଆବେଦନକୁ ସ୍ୱୀକାର କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟା ବାଗ୍‌ଚୀଙ୍କ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଓକିଲଙ୍କ ଯୁକ୍ତି ଶୁଣିଥିଲେ ଓ କହିଥିଲେ ଯେ ଆବେଦନକୁ ଏକ ଖଣ୍ଡପୀଠ ସାମ୍ନାରେ ସୂଚୀବଦ୍ଧ କରିବା ପାଇଁ ବିଚାର କରାଯିବ। ମାଡ୍ରାସ ହାଇକୋର୍ଟ ଅରୁଲମିଘୁ ସୁବ୍ରମଣ୍ୟ ସ୍ୱାମୀ ମନ୍ଦିରର ଶ୍ରଦ୍ଧାଳୁଙ୍କୁ ଥିରୁପ୍ରନକୁନ୍ଦ୍ରମ ପାହାଡ଼ ଉପରେ ସ୍ଥିତ



ପାରମ୍ପରିକ କାର୍ତ୍ତିଗଇ ଦୀପକୁ ପ୍ରଜ୍ୱଳିତ କରିବା ପାଇଁ ମଞ୍ଜୁରୀ ଦେଇଥିଲେ। ପଥରର ଯେଉଁ ଦୀପ 'ଦୀପାଥୁନ୍'କୁ ପ୍ରଜ୍ୱଳିତ କରାଯିବାର ଥିଲା, ତାହା ଏକ ଦରଘା ପାଖରେ ଅଛି। ଏହାକୁ ନେଇ ବିବାଦ ହୋଇଛି। ମାଡ୍ରାସ ହାଇକୋର୍ଟଙ୍କ ମଦୁରାଇ ଖଣ୍ଡପୀଠ ଗୁରୁବାର ମଦୁରାଇ ଜିଲ୍ଲାଧିକାରୀ ଓ ସହର ପୋଲିସ (ପୃଷ୍ଠା ୭ରେ)

## ଏସ୍‌ସିବିରେ ଡାଏଲିସିସ୍ ୟୁନିଟ୍ ଅଚଳ ନେଇ ଗୃହରେ ଉଦ୍‌ବେଗ

**ଭୁବନେଶ୍ୱର, ୫।୧୨**

**ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ବିଧାନସଭାର ଶୂନ୍ୟକାଳରେ ରାଜ୍ୟ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଧାୟକମାନେ ଉଠାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଥମେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ରାଜ୍ୟର ସର୍ବ ପୁରାତନ ଏବଂ ସର୍ବବୃହତ୍ କଟକ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଡାଏଲେସିସ୍ ୟୁନିଟ୍ ଦୀର୍ଘଦିନରୁ ଅଚଳ ହୋଇପଡ଼ିଥିବା ଏବଂ ଏଥିଯୋଗୁଁ ହଜାର ହଜାର ସଂଖ୍ୟାରେ ରୋଗୀ ଚିକିତ୍ସା ସେବାରୁ ବଞ୍ଚିତ ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାଛଡ଼ା ସରକାରୀ ଡାକ୍ତରଖାନା ମାନଙ୍କରେ ଗରିବ ରୋଗୀମାନଙ୍କୁ ମାଗଣା ଔଷଧ ମିଳୁନଥିବା ବେଳେ ରାଜ୍ୟରେ ନକଲି ଔଷଧ କାରବାର ବଢି ଚାଲିଥିବା ସମ୍ପର୍କରେ ମଧ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟ ପକ୍ଷରେ ବିଜେଡ଼ି ବିଧାୟକ ସାରଦା ପ୍ରସନ୍ନ ଜେନା କହିଥିଲେ ଯେ, ଜାତୀୟ ହାର ତୁଳନାରେ ଓଡ଼ିଶାରେ ପୁରୁଷ-ମହିଳା ଅନୁପାତ ଉଦ୍‌ବେଗ ଜନକ ଭାବେ ହ୍ରାସ ପାଇଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ସବୁଠାରୁ କମ୍ ଅନୁପାତ ଅର୍ଥାତ୍ ୧୦୦୦/୮୬୨ ରହିଥିବା ଦର୍ଶାଯାଇଛି। ଏପରି ସ୍ଥିତିରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବାର ଆବଶ୍ୟକତା ରହିଛି ବୋଲି ସେ ଦର୍ଶାଇଥିଲେ। ବିଜେଡ଼ି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟରେ ଧର୍ମୀୟ ସଦ୍‌ଭାବ କ୍ଷୁଣ୍ଣ ହୋଇଥିବା ନେଇ ଉଦ୍‌ବେଗ ପ୍ରକାଶ କରି କହିଥିଲେ ଯେ, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଖଇପୁଟ ଅଞ୍ଚଳରେ ନିକଟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଚର୍ଚ୍ଚରେ ଲୋକମାନେ ପ୍ରାର୍ଥନା ସଭା ଓ କାର୍ଯ୍ୟକ୍ରମ ପାଳନ କରୁଥିବା ବେଳେ କିଛି ମୌଳବାଦୀମାନେ ସେଠାକୁ ଯାଇ ଭଙ୍ଗାରୁଜା କରିଥିବା ଘଟଣା ଜଣାପଡ଼ିଛି। ଏ ସମ୍ପର୍କରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଧର୍ମଗୁରୁ ଓ ସ୍ଥାନୀୟ ବୁଦ୍ଧିଜୀବୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ସରକାର ଏ ଦିଗରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ। ବିଧାୟକ ମଙ୍ଗୁ ଖିଲ ଆଦିବାସୀ ହରିଜନ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲମାନଙ୍କରେ ନିୟୋଜିତ ରୋଷେୟା, କର୍ମଚାରୀ ପିଅନଙ୍କ ଦରମା ବୃଦ୍ଧି ପାଇଁ ନିବେଦନ କରିଥିଲେ। ବିଧାୟକ ନୀଳମାଧବ ହିକ୍କା, ଉମାଚରଣ ମଲ୍ଲିକ, ଫକୀର ମୋହନ ନାୟକ, ନରସିଂହ ମାଡ଼କାମି, ଦେବୀ ରଞ୍ଜନ ତ୍ରିପାଠୀ, ଅଗସ୍ତି ବେହେରା, ଅନନ୍ତ ନାରାୟଣ ଜେନା, ସନାତନ ବିଜୁଳି, ଦିବ୍ୟଶଙ୍କର ମିଶ୍ର, ମାଧବ ଧଡା, ସୁରେନ୍ଦ୍ର ପାଟଯୋଶୀ, ପବିତ୍ର ସାଉଁଟା, ସିଦ୍ଧାନ୍ତ ମହାପାତ୍ର, ରୂପେଶ କୁମାର ପାଣିଗ୍ରାହୀ, ଜୟ ଢୋଲକିଆ, ଦୁଷ୍ମନ୍ତ ସ୍ୱାଇଁ, ରଘୁନାଥ ଜଗଦଲା, ଅମର (ପୃଷ୍ଠା ୭ରେ)

## ୧୦ ଗୁଣା ବଢ଼ିଲା ବିମାନ ଟିକେଟ ଦର



**ନୂଆଦିଲ୍ଲୀ, ୫।୧୨**

ବିଦେଶ ଯାତ୍ରାଠୁ ମହଙ୍ଗା ହେଲା ଭାରତୀୟ ସହରକୁ ବିମାନ ଯାତ୍ରା। ଶୁକ୍ରବାର ବିମାନ କମ୍ପାନୀଗୁଡ଼ିକ ଅଚାନକ ଟିକେଟ ଦର ବୃଦ୍ଧି କରିବା ଫଳରେ ଯାତ୍ରୀ ହରଡ଼ଘଣାରେ ପଡ଼ିଛନ୍ତି। ପ୍ରାୟ ୮ରୁ ୧୦ ଗୁଣା ପର୍ଯ୍ୟନ୍ତ ଟିକେଟ ଦର ବୃଦ୍ଧି କରିଛନ୍ତି ବିମାନ କମ୍ପାନୀ। ପୂର୍ବରୁ ଦିଲ୍ଲୀରୁ ମୁମ୍ବାଇ ବିମାନ ଯାତ୍ରା ପାଇଁ ଯେଉଁଠି ୬ରୁ ୭ ହଜାର ଟଙ୍କା ଟିକେଟ ମୂଲ୍ୟ ରହିଥିଲା ଏବେ ତାହା ବଢ଼ି ୪୯ ହଜାରରେ ପହଞ୍ଚିଛି। ଅନ୍ତର୍ଜାତୀୟ ବାୟୁ ପରିବହନ ଆସୋସିଏସନ (ପୃଷ୍ଠା ୭ରେ)

## ଏକାଳ ପଖାଳ



ବର୍ଷ ବର୍ଷ ଧରି ଅପେକ୍ଷା ଚାଲିଛି
ଚିନ୍ତାରୁ ମିଳୁନି ଛୁଟି
ପ୍ରତିଥର ଭଳି ମିଟିଂ ବସୁଛି
ଯାଉନି କଳିଟା ତୁଟି
ଯିବକି ବାଟଟା ଫିଟି
ମହାନଦୀ କଳି ରୋଗଟା ପେଇଁକି
ମିଳିବିକି ଜଡ଼ିବୁଡ଼ି !!

## ଡିସେମ୍ବର ୧୫ରୁ ସ୍ୱାଭାବିକ ହେବ ସ୍ଥିତି : ଘୋଷଣା କଲେ ଇଣ୍ଡିଗୋ ସିଇଓ



**ନୂଆଦିଲ୍ଲୀ, ୫।୧୨**

ଇଣ୍ଡିଗୋ ବିମାନ ଚଳାଚଳକୁ ନେଇ ସୃଷ୍ଟି ହୋଇଥିବା ଗୁରୁତର ସମସ୍ୟା ମଧ୍ୟରେ କମ୍ପାନୀର ସିଇଓ ପିଟର ଏଲବର୍ସ ଶୁକ୍ରବାର ସନ୍ଧ୍ୟାରେ ସାର୍ବଜନୀନ ଭାବରେ କ୍ଷମା ପ୍ରାର୍ଥନା କରିଛନ୍ତି। ସେ କହିଛନ୍ତି ଯେ, ଶୁକ୍ରବାର ୧୦୦୦ରୁ ଅଧିକ ବିମାନ ବାତିଲ କରାଯାଇଛି। ବିମାନ ବାତିଲ ଦୃଷ୍ଟିରୁ ଏହା ସର୍ବାଧିକ। ଦେଶର ସର୍ବବୃହତ୍ତ ବିମାନ କମ୍ପାନୀ ଶୁକ୍ରବାର ଦିନ ଏହାର ଦୈନିକ ବିମାନ ଉଡ଼ାଣର 'ଅଧାରୁ ଅଧିକ' ବାତିଲ କରିଛି। ସେ ଏହା ମଧ୍ୟ କହିଛନ୍ତି ଯେ, ଶନିବାର ଅନେକ ଯାତ୍ରୀଙ୍କ ପାଇଁ ଖରାପ ଖବର ଆଣିବ। କାରଣ ଏହି ସଙ୍କଟ ଜାରି ରହିବ। କିନ୍ତୁ ବାତିଲ ସଂଖ୍ୟା ୧,୦୦୦ରୁ ହ୍ରାସ ପାଇବ। ସେ କହିଛନ୍ତି ଯେ, ଡିସେମ୍ବର ୧୦ରୁ ୧୫ ମଧ୍ୟରେ ପରିସ୍ଥିତି ସ୍ୱାଭାବିକ ହୋଇଯିବ। ଗତ କିଛି ଦିନ ଧରି ଇଣ୍ଡିଗୋର ବିମାନ ଚଳାଚଳ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ପରିସ୍ଥିତି କ୍ରମାଗତ ଭାବରେ ଖରାପ ହେଉଛି ଏବଂ ଡିସେମ୍ବର ୫ ତାରିଖ ସବୁଠାରୁ ଖରାପ ଦିନ ଥିଲା। ସେହିଦିନ ୧୦୦୦ରୁ ଅଧିକ ବିମାନ ଚଳାଚଳ ବାତିଲ କରିବାକୁ ପଡ଼ିଥିଲା। ସେ କହିଛନ୍ତି, 'ମୁଁ ଏବଂ ସମଗ୍ର ଇଣ୍ଡିଗୋ ଟିମ୍ ସମସ୍ତ ଯାତ୍ରୀଙ୍କୁ ହୃଦୟରୁ କ୍ଷମା ପ୍ରାର୍ଥନା କରୁଛୁ। ଆପଣ ଯେଉଁ ଅସୁବିଧାର (ପୃଷ୍ଠା ୭ରେ)

## ହାଡ଼ଭଙ୍ଗା ଶୀତରେ ଥରୁଛି ଶିମିଳିପାଳ

**କରଞ୍ଜିଆ/ଝାରସୁଗୁଡା, ୫।୧୨**

**ନ୍ୟୁଜ୍‌ବ୍ୟୁରୋ**

ହାଡଭଙ୍ଗା ଶୀତରେ ଥରୁଛି ଶିମିଳିପାଳ। ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀକୁ ଖସିଲା। ଶିମିଳିପାଳର ଆଭ୍ୟନ୍ତରୀଣ ଏବଂ ପାଦଦେଶରେ ଥିବା ଯଶୀପୁର, ଠାକୁରମୁଣ୍ଡା, କରଞ୍ଜିଆ, ରରୁଆଁ ଓ ଶୁକ୍ରୁଳି ବ୍ଲକ ଅଞ୍ଚଳରେ ଘନ କୁହୁଡ଼ି ସାଙ୍ଗକୁ ଶୀତର ଲହରୀ ଜାରି ରହିଛି। ଶିମିଳିପାଳ ଉପର ବାରାହା କାମୁଡ଼ାରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀକୁ ଖସିଲା, ଚହଲାରେ ୬ ଡିଗ୍ରୀ, ବରେହି-ପାଣିରେ ୮ ଡିଗ୍ରୀ, ଗୁରୁଗୁଡିଆ ୯ ଡିଗ୍ରୀ, କିଆଝରି ୧୩ ଡିଗ୍ରୀ, ରାମତୀର୍ଥ ୧୩ ଡିଗ୍ରୀ ଓ ସାତକୋଶିଆ ଠାରେ ସର୍ବନିମ୍ନ ୧୩ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରା ଯାଇଛି। ଏ ନେଇ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ



ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସେପଟେ ଝାରସୁଗୁଡ଼ାରେ ପ୍ରବଳ ଥଣ୍ଡା। ଶୀତରେ ଥରୁଛି ଝାରସୁଗୁଡ଼ା ଜିଲ୍ଲା। ଥଣ୍ଡା ପବନ ଲୋକଙ୍କୁ କଲବଲ କରୁଛି। ଥଣ୍ଡା ପବନ ଏବଂ ପ୍ରବଳ ଶୀତରେ କିଛିଦିନ ହେଲାଣି ଥରୁଛି ଝାରସୁଗୁଡ଼ା। ଫଳରେ ସକାଳ ୯ଟା ଯାଏଁ ଲୋକେ ଘରୁ ବାହାରୁ ନଥିବା ଦେଖିବାକୁ ମିଳିଛି। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁର ସାହାରା ନେଉଛନ୍ତି। ପୂର୍ବରୁ ଏତେ (ପୃଷ୍ଠା ୭ରେ)





## ଢେଙ୍କାନାଳରୁ ଅପହୃତ ଯୁବତୀ ଧାମରାରୁ ଉଦ୍ଧାର:୩ ଗିରଫ

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ଗତ ନଭେମ୍ବର ମାସରେ ଧାମରାରୁ ଉଦ୍ଧାର ହୋଇଥିବା ଜଣେ ଯୁବତୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସଂପୃକ୍ତ ଯୁବତୀଙ୍କ ସହ ଧାମରା ଅଞ୍ଚଳର ୩ଜଣ ଯୁବକ ଏବଂ ଜଣେ ପ୍ରୋଢ ଜୋର୍ ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିବା କଥା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ବୟାନ୍ ଦେଇଥିଲେ। ପରେ ଧାମରା ସାମୁଦ୍ରିକ ଥାନାଧିକାରିଣୀ ଏହି ଘଟଣାରେ ଲିପ୍ତ ଧାମରା ଅଞ୍ଚଳର ୨ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ପରେ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ମଧ ଗିରଫ କରିବାରେ ସଫଳ ହେବା ସହ ସଂପୃକ୍ତ ମୁଖ୍ୟ ଆସାମୀଙ୍କୁ କୋର୍ଟ ଚାଲାଣ ମଧ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଧାମରା ସାମୁଦ୍ରିକ ଥାନାଧିକାରିଣୀଙ୍କ ତଦନ୍ତ ଅନୁଯାୟୀ ଢେଙ୍କାନାଳର ସଂପୃକ୍ତ ଯୁବତୀକୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇ ଧାମରାକୁ ଅଣାଯାଇ କଇଥଖୋଲା ଠାରେ ଥିବା ଏକ ଘରେ ସଂପୃକ୍ତ ଯୁବତୀଙ୍କ ସହ ଜୋର୍ ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ । ପରେ ଏହି ବୟାନକୁ ଆଧାର କରି ଧାମରା ସାମୁଦ୍ରିକ ଥାନାଧିକାରିଣୀ ସଂପୃକ୍ତ ଯୁବତୀକୁ ନେଇ ବଳାତ୍କାର ହୋଇଥିବା ଘରକୁ ଯାଇଥିଲେ। ଏହି ଘଟଣାରେ ସଂପୃକ୍ତି ଥିବା ମୁଖ୍ୟ ଅଭିଯୁକ୍ତ (ଘର ମାଲିକ) ଗିରଫ ହୋଇସାରିଥିବା ବେଳେ ଧାମରା ଗ୍ରାମର ଅନ୍ୟ ଜଣେ ଯୁବକ ଫେରାର୍ ଅଛନ୍ତି। ଖୁବ୍‌ଶୀଘ୍ର ଏହି ଘଟଣାରେ ସମସ୍ତ ସଂପୃକ୍ତ ଥିବା ଦୋଷୀଙ୍କୁ ଗିରଫ କରାଯିବ ବୋଲି ଧାମରା ସାମୁଦ୍ରିକ ଥାନାଧିକାରିଣୀ ପ୍ରିୟଦର୍ଶନୀ ଖଟୁଆ ନିଜର ପ୍ରତିକ୍ରିୟା ରଖିଛନ୍ତି।

# ଦେଶୀ ବନ୍ଧୁକ କାରଖାନା ଠାବ

## ଜଣେ ଗିରଫ:ବନ୍ଧୁକ ତିଆରି ସାମଗ୍ରୀ ଜବତ

କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ

କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଅଞ୍ଚଳର କଟ୍ରିଙ୍ଗିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାଙ୍ଗାପାୟୁ ଅଞ୍ଚଳରେ ଗୋଟିଏ ଦେଶୀ ବନ୍ଧୁକ କାରଖାନା ଠାବ କରିଛି କନ୍ଧମାଳ ଜିଲ୍ଲା ପୋଲିସ, ସେଠାରୁ ଦେଶୀ ବନ୍ଧୁକ ସହ ବନ୍ଧୁକ ତିଆରି ଯନ୍ତ୍ରପାତି ଜବତ କରିଛି ପୋଲିସ। ବାଞ୍ଛାନିଧି ବିନ୍ଧାଣି ନାମକ ଜଣେ ବ୍ୟକ୍ତି ବେଆଇନ୍ ଭାବେ ଦେଶୀ ବନ୍ଧୁକ କାରଖାନା ଚଳାଇଥିବା ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ଏହି ସଂକ୍ରାନ୍ତରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ କନ୍ଧମାଳ ଏସ୍‌ପି ହରିଶ ବିଶି । ଦେଇଥିବା ସୂଚନା ଅନୁଯାୟୀ ଏହି ସଂକ୍ରାନ୍ତରେ ବିଶେଷ ସୂତ୍ରରୁ ଖବରପାଇ ଫୁଲବାଣୀ ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳଙ୍କ ନେତୃତ୍ୱରେ ଗୋଛାପଡା ପୋଲିସ ଅଧିକାରୀ ସଚିରଞ୍ଜିବି ବେହେରା, ଏସ୍.ଆଇ ଅନନ୍ତ କୁମାର ପ୍ରଧାନ ଓ ତାଙ୍କ ପାଞ୍ଚ ଜଣିଆ ଟିମ୍ ଚଢ଼ଉ କରିଥିଲେ । ପୋଲିସ ସୂଚନା ପ୍ରକାରେ ବୁଧବାର ସକାଳ ୮ଟା ୩୫ ମିନିଟ୍ ସମୟରେ କଟ୍ରିଙ୍ଗିଆର ପାଙ୍ଗାପାୟୁ ଅଞ୍ଚଳରେ ପୋଲିସ ଟିମ୍ ଧରି ଘରେ ଚଢଉ କରି ବନ୍ଧୁକ ତିଆରି କାରଖାନାକୁ ଠାବ କରି ଘରେ ଦେଶୀ ବନ୍ଧୁକ ଏବଂ ପିସ୍ତଲ ତିଆରି, ମରାମତି ଏବଂ ବିକ୍ରୟ ପାଇଁ କରାଯାଉଥିବା ୱାର୍କସପ୍ ଉପରେ ଚଢଉ କରି ତିନୋଟି ଦେଶୀ ବନ୍ଧୁକ, ଗୋଟିଏ ପିସ୍ତଲ, ୪ଟି କାଠ ଫ୍ରେମ୍, ୧୦ଟି ବନ୍ଧୁକ ବ୍ୟାରେଲ୍, ଗୋଟିଏ ଏୟାର-ବ୍ଲୋୟର୍ ଏବଂ ଅନ୍ୟାନ୍ୟ ଲଜିଷ୍ଟିକ୍ ଉପକରଣ ଜବତ କରାଯାଇଛି । ଅଭିଯୁକ୍ତ ବାଞ୍ଛାନିଧି ବିନ୍ଧାଣି ୨୦୧୬ରେ ମଧ ଦେଶୀ ବନ୍ଧୁକ ତିଆରି ପାଇଁ ଜେଲ୍ ଯାଇଥିବା ସାମ୍ବାଦିକ ସମ୍ମିଳନୀରେ କହିଛି ଏବଂ ଏହି ଦେଶୀ ବନ୍ଧୁକ ଶିକାର କରିବା ପାଇଁ ଏବଂ ବିକିବା ପାଇଁ ତିଆରି କରୁଥିବା ବାଞ୍ଛାନିଧି କହିଥିବା ଜଣାପଡ଼ିଛି । ଗୋଛାପଡା ପୋଲିସ ସାମଗ୍ରୀଗୁଡ଼ିକୁ ଜବତ କରି ଅଭିଯୁକ୍ତଙ୍କୁ ଅସ୍ତ୍ରଶସ୍ତ୍ର ଆଇନର ଧାରା ୨୫(୧-ଏଏ) ଅନୁଯାୟୀ ଗିରଫ କରାଯାଇଥିବା ବେଳେ ଏହି ସଂକ୍ରାନ୍ତରେ ଗୋଛାପଡା ଥାନାରେ ଏକ ମାମଲା ୨୪୧। ୨୦୨୫ ବେଆଇନ୍ ଅସ୍ତ୍ରଶସ୍ତ୍ର ମାମଲା ରୁଜୁ କରିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି କନ୍ଧମାଳ ଏସ୍‌ଇପି ହରିଶ ବିଶି ।

# ରାସ୍ତାରେ ମଇଳା ପାଣିର ସ୍ରୋତ:ପ୍ରତିବାଦରେ ରାସ୍ତାରୋକ

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ



ଚୌଦ୍ୱାର ପୌରପାଳିକାର ଚାରବାଟିଆ ହାଉସିଂବୋର୍ଡ଼ କଲୋନୀ, କେଦାରେଶ୍ୱର ତଥା ଏଥି ସଂଲଗ୍ନ ବିଭିନ୍ନ ବସ୍ତିର ବର୍ଜ୍ୟ ମଇଳା ପାଣି ଚାରବାଟିଆ ଆଗ୍ରାହାଟ ରାସ୍ତାରେ ମାଡ଼ିବା ଫଳରେ ଉକ୍ତ ରାସ୍ତାରେ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି । ଶଂକରପୁର, ମଙ୍ଗରାଜପୁର, ବଡ଼ସାମନ୍ତରାପୁର, ମହିସାଲଣ୍ଡା, ବ୍ରହ୍ମପୁର ଆଦି ପଞ୍ଚାୟତର ଲୋକମାନଙ୍କର ଏହି ରାସ୍ତାଟି ମୁଖ୍ୟ ଯାତାୟାତ ପଥ ହୋଇଥିବାବେଳେ ଏହି ରାସ୍ତା ଉପରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଲୋକ ଓ ବହୁ ମାତ୍ରାରେ ଗାଡ଼ି ମଟର ଯାତାୟାତ କରିଥାନ୍ତି । ବିଶେଷକରି ଆଗ୍ରାହାଟ ପଞ୍ଚାୟତର ଲୋକେ ଉକ୍ତ ରାସ୍ତା ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ ହୋଇଥିବାରୁ ପ୍ରତିଦିନ ସେମାନେ ରାସ୍ତାରେ ମାଡୁଥିବା ଏହି ବର୍ଜ୍ୟ ମଇଳା ପାଣି ଉପରେ ଯାତାୟାତ କରିବାକୁ ବାଧ ହେଉଛନ୍ତି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ରାସ୍ତା କଡ଼ରେ ଯାଇଥିବା ଡ୍ରେନ୍ ମରାମତି କରିବା, ଅଧା ରହିଥିବା ଡ୍ରେନ୍ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଓ ରାସ୍ତାରେ ମାଡୁଥିବା ବର୍ଜ୍ୟ ପାଣି ରୋକିବା ପାଇଁ ପଦକ୍ଷେପ ନେବାକୁ ଗ୍ରାମ ତରଫରୁ ବାରମ୍ବାର ପୌର କାର୍ଯ୍ୟାଳୟରେ ଅଭିଯୋଗ କରାଯିବା ସହିତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା । ଗତ କିଛିଦିନ ତଳେ ନଗର ଉନ୍ନୟନ ମନ୍ତ୍ରୀ କୌଣସି କାର୍ଯ୍ୟକ୍ରମରେ ଉକ୍ତ ଅଞ୍ଚଳ ଦେଇ ଯାଉଥିବାବେଳେ ଗ୍ରାମବାସୀଙ୍କ ତରଫରୁ ସମସ୍ୟା ସମ୍ପର୍କରେ ତାଙ୍କୁ ମଧ ଲିଖିତ ଅଭିଯୋଗ କରାଯାଇଥିଲା । ହେଲେ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବାରୁ ନିରାଶ ହୋଇ ଉତ୍ୟକ୍ତ ଗ୍ରାମବାସୀମାନେ ଶୁକ୍ରବାର ଦିନ ଚାରବାଟିଆ ଶଙ୍କରପୁର ରାସ୍ତାର ଆଗ୍ରାହାଟ ନିକଟ ମହିମା ପ୍ୟାଲେସ୍ ସମ୍ମୁଖରେ ରାସ୍ତା ରୋକୋ କରିଥିଲେ । ଫଳରେ ଉକ୍ତ ରାସ୍ତାରେ ଯାନ ବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖବରପାଇ ଚୌଦ୍ୱାର ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରି ଏ ଦିଗରେ ଶିଘ୍ର ପଦକ୍ଷେପ ନିଆଯିବାପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ରାସ୍ତା ଅବରୋଧରୁ ହଟାଇଥିଲେ । ସୂଚନାଯୋଗ୍ୟଯେ ଦୀର୍ଘ ୪ ବର୍ଷ ଧରି ଏହି ସମସ୍ୟା ଲାଗିରହିଥିବା ବେଳେ ଏହାକୁ ନେଇ ଆଗ୍ରାହାଟ ପଞ୍ଚାୟତବାସୀଙ୍କ ତରଫରୁ ପୂର୍ବରୁ ମଧ ଏକାଧିକବାର ରାସ୍ତାରୋକୋ କରାଯାଇଥିଲା ।

## ପ୍ରସ୍ତାବିତ ମତଦାନ କେନ୍ଦ୍ରର ସୁବ୍ୟବସ୍ଥାକରଣ

ବାଲେଶ୍ୱର, ନ୍ୟୁଜ୍

ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକଙ୍କ ଅଧକ୍ଷତାରେ ସ୍ୱକାର୍ଯ୍ୟାଳୟ ପ୍ରକୋଷ୍ଠରେ ରାଜନୈତିକ ଦଳ ଗୁଡ଼ିକ ସହ ଅନୁମୋଦିତ ଓ ପ୍ରସ୍ତାବିତ ମତଦାନ କେନ୍ଦ୍ରର ସୁବ୍ୟବସ୍ଥାକରଣ ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲାରେ ୮ ଗୋଟି ନିର୍ବାଚନ ମଣ୍ଡଳୀରେ ନୂତନ ପ୍ରସ୍ତାବିତ ମତଦାନ କେନ୍ଦ୍ର ୪୮୮ ଗୋଟି ଅନୁମୋଦନ ହୋଇ ପୂର୍ବର କେନ୍ଦ୍ର ସଂଖ୍ୟା ୧୯୨୭ରୁ ବୃଦ୍ଧି ହୋଇ ୨୪୧୫ ହୋଇଛି। ବାଲେଶ୍ୱର ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ଆଂଶିକ ସ୍ଥାନ, ନାମମାତ୍ର ପରିବର୍ତ୍ତନ, ନୂଆ ବୁଥ୍ ଗଠନ ସହ ମୋଟ୍ ୪୮୮ ଗୋଟି ନୂତନ ମତଦାନ କେନ୍ଦ୍ର ଅନୁମୋଦିତ ହୋଇଥିବା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ପ୍ରକାଶ କରିଥିଲେ । ଏହି ବୈଠକରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ନିଜ ନିଜର ବୁଥ୍ ସ୍ତରୀୟ ପ୍ରତିନିଧିଙ୍କୁ ନିୟୋଜିତ କରି ଆସନ୍ତା ଭୋଟର ତାଲିକା ସଂଶୋଧନ ସମୟରେ ସହଯୋଗ ନିମନ୍ତେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂହ, ନୀଳଗିରି ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ନିର୍ବାଚନ ଅଧିକାରୀ ରାଇମାତ ଟୁଡୁ ସମେତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଗଣ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଗାଳ୍ପିକା ସ୍ନିଗ୍ଧା ସାହୁଙ୍କ ଗଳ୍ପ ପୁସ୍ତକ 'କଥା ପ୍ରଜାପତି' ଲୋକାର୍ପିତ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ



ଭଲ ଗପର ଆଦର ସବୁବେଳେ ରହିଆସିଛି ଯାହା ପାଠକଙ୍କୁ ଆହୁରି ଗଳ୍ପ ପଢ଼ିବା ପାଇଁ ଉତ୍ସାହିତ କରିଆସୁଛି। ଯେଉଁ ଗପ ସମାଜରେ ଘଟୁଥିବା ଘଟଣାକୁ କେନ୍ଦ୍ରକରି ଲେଖା ହୋଇଥାଏ, ସେହି ଗପ ପାଠକର ହୃଦୟକୁ ଛୁଇଁଥାଏ ବୋଲି କହିଛନ୍ତି ମୁଖ୍ୟଅତିଥି କବି ଓ ଉପନ୍ୟାସିକ ପବିତ୍ର ମୋହନ ଦାଶ। ଅଭିମାନ ପ୍ରକାଶନ ଦ୍ୱାରା ପ୍ରକାଶିତ ଗାଳ୍ପିକା ସ୍ନିଗ୍ଧା ସାହୁଙ୍କ ଗଳ୍ପ ପୁସ୍ତକ କଥା ପ୍ରଜାପତିର ଉନ୍ମୋଚନ ଅବସରରେ ନରାଜ ଠାରେ ଆୟୋଜିତ ସଭାରେ ଯୋଗଦେଇ ମୁଖ୍ୟବକ୍ତା ଗାଳ୍ପିକ ପୀତବାସ ରାଉତରାୟ ସ୍ନିଗ୍ଧା ସାହୁଙ୍କ ଗଳ୍ପ ଉପରେ ଆଲୋକପାତ କରିକହିଲେ ଯେ ଗାଳ୍ପିକାଙ୍କ ଲେଖାରେ ଭରିରହିଥିବା ମାନବୀୟ ସମ୍ବେଦନା ପାଠକଙ୍କୁ ବାନ୍ଧି ରଖିବାରେ ସକ୍ଷମ ଅଟେ। ଲେଖିକା ଜଣେ ଚିତ୍ରଶିଳ୍ପୀ ହୋଇଥିବାରୁ ତାଙ୍କ ଗଳ୍ପ ପୁସ୍ତକରେ ଚିତ୍ର ଓ କଥା ସ୍ଥାନ ପାଇ ପୁସ୍ତକକୁ ଆହୁରି ଆକର୍ଷଣୀୟ କରି ଗଢ଼ିତୋଳିଛି। ସମ୍ମାନୀତା ଅତିଥି ବିଶିଷ୍ଟକବି ଓ ଗାଳ୍ପିକା ଡ. ସୁଷମା ମିଶ୍ର ଗଳ୍ପର ଶୈଳୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପାଠକଙ୍କୁ ବାନ୍ଧିରଖିବାକୁ ସମର୍ଥ ଅଛି ବୋଲି ଦର୍ଶାଇଥିଲେ। ଗାଳ୍ପିକା ସ୍ନିଗ୍ଧା ତାଙ୍କର ଗଳ୍ପ ଲେଖାର ଅନୁଭୂତି ବର୍ଣ୍ଣନା କରି ତାଙ୍କ ଜୀବନରେ ଗୁରୁଜନ ମାନଙ୍କ ପ୍ରେରଣା ଓ ଆଦର୍ଶ ତାଙ୍କ ସାହିତ୍ୟିକ ଜୀବନକୁ ଗଢ଼ି ତୋଳିଛି ବୋଲି ସ୍ୱୀକାର କରିଥିଲେ। ପ୍ରକାଶିକା ତଥା ସାହିତ୍ୟିକା ମାନମୟୀ ଦାଶ ରଥ ଗାଳ୍ପିକାଙ୍କ ଗଳ୍ପ କଳାରେ କୋମଳତା ଓ କମନୀୟତା ତାଙ୍କ ଗଳ୍ପ କଳାର ବିଶେଷତ୍ୱ ବୋଲି ଦର୍ଶାଇଥିଲେ। ସମ୍ମାନୀତା ବକ୍ତା ଗାଳ୍ପିକା ମଞ୍ଜୁବାଳା ପଣ୍ଡା ଓ ସସ୍ମିତା ମହାନ୍ତି ଗାଳ୍ପିକାଙ୍କ ଗଳ୍ପରେ ସ୍ୱଷ୍ଟ ଓ ଭାବଗର୍ଭକ ଉପାଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଗାଳ୍ପିକାଙ୍କ ଜୀବନ ଓ ସାହିତ୍ୟ ସୃଷ୍ଟି ସମ୍ପର୍କରେ କାଞ୍ଚନବାଳା ସାହୁ, ପଦ୍ମଜା ସାହୁ, ଦେବଦୀପ୍ତା ମିଶ୍ର, ମୀନାକ୍ଷୀ ରାଉତରାୟ, ଚିତ୍ତରଞ୍ଜନ ସାହୁ, ଧିରେନ କୁମାର ସାମଲ, ଜାନକୀ ନାଥ ପରିଡ଼ା, ଶ୍ୟାମସୁନ୍ଦର ବେହେରା, ଦିବାକର ବେହେରା, ଦିଲ୍ଲୀପ କୁମାର ବେହେରା, ସିଦ୍ଧାନ୍ତ ସାହୁ ଓ ସାର୍ଥକ ସାହୁ ଆଲୋଚନା କରିଥିଲେ। ସଭାଶେଷରେ ଅନୁଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରୁ ସ୍ମୃତିଲିପି ଦ୍ୱିବେଦୀ ସଙ୍ଗୀତ ପରିବେଷଣ କରିଥିଲେ।

## ଟାୱାରରେ ଚଢ଼ି ହତାଶ ପ୍ରେମିକର ଆତ୍ମହତ୍ୟା ଉଦ୍ୟମ

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝରରେ ହତାସ ପ୍ରେମିକର ଉନ୍ମକ୍ତ କାଣ୍ଡ । ହତାସ ପ୍ରେମିକର ମନେ ପଡିଲା ଅଶି ଦଶକରେ ଶୋଲେ ସିନେମାର କଥା । ଯେପରି ବୀରୁ ବାସନ୍ତିକୁ ପାଇବାକୁ ପାଣି ଟାଙ୍କିରେ ଚଢ଼ି ବାସନ୍ତିକୁ ମନାଇବାକୁ ଚେଷ୍ଟା କରିଥିଲେ । ସେହିପରି ଜଣେ ହତାସ ପ୍ରେମୀକ ନିଜ ପ୍ରେମିକାକୁ ପାଇବା ପାଇଁ କେନ୍ଦୁଝର ଟାଉନ୍ ଥାନା ଜୁଡ଼ିଆ ଘାଟି ନିକଟ ଏକ ନୂତନ ନିର୍ମାଣାଧିନ ବିଦ୍ୟୁତ୍ ଟାୱାର୍ ଉପରେ ଚଢି ଆତ୍ମହତ୍ୟା ଧମକ ଦେଇଥିବା ଦେଖାଯାଇଥିଲା। ପ୍ରେମିକ ଜଣକ ସାହାରପଡ଼ା ମାଛଗଡ ଅଞ୍ଚଳର ବିଶ୍ୱାସ ମହାକୁଡ ହୋଇଥିବା ବେଳେ ପ୍ରେମିକା ଜଣକ ବାଂଶପାଳ ବ୍ଲକର ଯାତ୍ରା ଅଞ୍ଚଳର । ସକାଳେ ଯୁବକ ବିଶ୍ୱାସ ମହାକୁଡ ଆସି ବିଦ୍ୟୁତ୍ ଖୁଣ୍ଟରେ ଚଢି ପ୍ରେମିକା ତାସହ କଥାନହେଲେ ଆତ୍ମହତ୍ୟା କରିଦେବାକୁ ଧମକ ଦେଇଥିଲେ । ଖବରପାଇ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ କସରତ କରିବାକୁ ପଡ଼ିଥିଲା। ଯେତେ ବୁଝାଇଲା ପରେ ମଧ କଥା ମାନିନଥିଲା ହତାସ ପ୍ରେମିକ। ଶେଷରେ ପୋଲିସ ବିଭାଗ ଯୁବତୀ ଓ ଘର ଲୋକଙ୍କ ସହ ମୋବାଇଲରେ କଥା କରାଇଲା ପରେ ଯୁବକ ନିଜେ ତଳକୁ ଓହ୍ଲାଇଥିଲେ । ଯୁବକ ତଳକୁ ଓହ୍ଲାଇ ଆସିବା ପରେ ପୋଲିସ ଯୁବକଙ୍କୁ ଥାନାରେ ଅଟକ ରଖି ଅଧିକ ପଚରା ଉଚରା କରୁଛି । ଘର ଲୋକ ଆସିଲେ ତାଙ୍କ ଜିମାରେ ବିଶ୍ୱାସକୁ ଛଡ଼ାଯିବ ବୋଲି ଟାଉନ୍ ଥାନା ପକ୍ଷରୁ କୁହାଯାଇଛି। ସକାଳୁ ଏହି ଘଟଣା ସହରରେ କୌତୁହଳ ସୃଷ୍ଟି କରିଥିଲା। ଏହି ଘଟଣା ଦେଖିବାକୁ ଶତାଧିକ ଲୋକ ରାସ୍ତା କଡ଼ରେ ଜମିଯାଇଥିଲେ।

# ରାସଗୋବିନ୍ଦପୁର ବିମାନବନ୍ଦର ପ୍ରକଳ୍ପ ତୁରନ୍ତ ଶେଷ କରିବାକୁ ତତ୍ପରତା

ବାରିପଦା, ନ୍ୟୁଜ୍ ବ୍ୟୁରୋ



ଐତିହାସିକ ରାସଗୋବିନ୍ଦପୁର ବିମାନବନ୍ଦର ପ୍ରକଳ୍ପକୁ ଅବିଳମ୍ବେ ଶେଷ କରିବା ପାଇଁ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏଯାବତ୍ ଏନେଇ ଥିବା ଜମିଜମା ହସ୍ତାନ୍ତର ମାମଲାକୁ ଅନୁଧାନ ପାଇଁ ବେସାମରିକ ବିମାନ ଚଳାଚଳ ଉପଦେଷ୍ଟା ସୁରେଶ ଚନ୍ଦ୍ର ହୋତା, ଜମି ଅଧିଗ୍ରହଣ ଅଧିକାରୀ ଉମାକାନ୍ତ ବାରିକଙ୍କୁ ନେଇ ଗଠିତ ବିଶେଷଜ୍ଞ କମିଟି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନେତ୍ରାନନ୍ଦ ମଲ୍ଲିକଙ୍କ ଅଧକ୍ଷତାରେ ଏକ ବୈଠକରେ ଜିଲ୍ଲା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ଉକ୍ତ ପ୍ରକଳ୍ପ ପାଇଁ ବର୍ତ୍ତମାନ ସୁଦ୍ଧା ୧୬୦ ଏକର ପ୍ରତିରକ୍ଷା ବିଭାଗର ଜମି ହସ୍ତାନ୍ତର ହୋଇଛି । ଏଥିରୁ ୪୭ ଏକର ଜମି ଡିପିଆର୍‌ରେ ସ୍ଥାନିତ ହେବା ସହ ମାଷ୍ଟର ପ୍ଲାନ୍‌ରେ ଅନ୍ତର୍ଭୁକ୍ତ ହୋଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ପ୍ରକାଶ କରିଥିଲେ । ସେହିପରି ପ୍ରକଳ୍ପ ପାଇଁ ସମୁଦାୟ ୪୪୩ ଏକର ଜମି ଆବଶ୍ୟକତା ପୂରଣ କରିବାକୁ ଡିସେମ୍ବର ଶେଷ ସୁଦ୍ଧା ଗ୍ରାମସଭା ସମ୍ପୂର୍ଣ୍ଣ କରି ଏକବର୍ଷ ମଧରେ ସମସ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ କରାଯିବା ନେଇ ସ୍ଥିରୀକୃତ ହୋଇଛି ବୋଲି ଉପ ଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡ଼ା ପ୍ରକାଶ କରିଛନ୍ତି । ଏହି ଆଲୋଚନା ସମୟରେ ଭୂର୍ଜନ ଅଧିକାରୀ ଶିବାରାମ ମୁଣ୍ଡା, ଅଧିକ୍ଷଣ ଯନ୍ତ୍ରୀ (ପୂର୍ତ୍ତ) ରୋହନ ରାୟ, ଆର୍‌ଟିଓ ପ୍ରଶାନ୍ତ କୁମାର ପରିଡ଼ା, ଡେପୁଟି କଲେକ୍ଟର (ରାଜସ୍ୱ) ଶ୍ରଦ୍ଧା ସୁମନ, ମୋରଡ଼ା ଏବଂ ରାସଗୋବିନ୍ଦପୁର ତହସିଲଦାର, ଡିଆଇପିଆର୍‌ଓ, ମୟୂରଭଞ୍ଜ, ଏସ୍‌ଡିଆଇପିଆର୍‌ଓ, ବାରିପଦାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ବିଭାଗୀୟ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ ।

# ମନରେଗା କାର୍ଯ୍ୟ ଦିବସ ଓ ମଜୁରୀ ବୃଦ୍ଧି କଲେ ସରକାର

ବରଗଡ଼, ନ୍ୟୁଜ୍ ବ୍ୟୁରୋ



ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁଲିଆରୀ ଗ୍ରାମର ଗାଇ ଗୋଠ ଠାରେ ବିଡିଓ ଲକ୍ଷ୍ମଣ ମାଝୀଙ୍କ ସଭାପତିତ୍ୱରେ ମନରେଗା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ପ୍ରଥମେ ଶ୍ରମିକ ମାନେ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ଉପଢ଼ୌକନ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଦାଦନ ପ୍ରବଣ ବ୍ଲକ ପାଇଁ ମନରେଗା ଯୋଜନାରେ ରାଜ୍ୟ ସରକାର ୧୦୦ ଦିନରୁ ୩୦୦ ଦିନକୁ ବୃଦ୍ଧି କରିବା ସହ ୯୮ ଟଙ୍କା ବର୍ଦ୍ଧିତ ମଜୁରୀ ଦେବା ପାଇଁ ଘୋଷଣା କରିଛନ୍ତି । ଯାହା ଫଳରେ ଲୋକେ ବାହାର ରାଜ୍ୟକୁ କାମ କରିବା ପାଇଁ ନଯାଇ ନିଜ ଭିଟାମାଟିରେ ରହି ବର୍ଷକୁ ୩୦୦ ଦିନ କାମ ପାଇପାରିବେ । ଶ୍ରମିକ ସ୍ଥାନାନ୍ତରଣ ରୋକିବା ଓ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାରଙ୍କ ଏହି ବଳିଷ୍ଠ ପଦକ୍ଷେପକୁ ଗାଁ ଗାଁରେ ପହଞ୍ଚାଇବା ପାଇଁ ବିଡିଓ ଶ୍ରୀ ମାଝୀ ଅଣ୍ଟା ଭିଡିଛନ୍ତି । ଏହା ସହିତ ବ୍ୟକ୍ତିଗତ ସ୍ତରରେ ଲୋକମାନଙ୍କୁ ଖୁବ୍‌ଶୀଘ୍ର ଗାଇ ଗୁହାଳ, ଛେଳି ଗୁହାଳ, ଫାର୍ମ ପଣ୍ଡ, ଜମି ମରାମତି ଆଦି କାମ ଆବଶ୍ୟକ ଅନୁଯାୟୀ ୱାର୍କ କୋଡ ଖୋଲି ଜିଲ୍ଲାସ୍ତରରୁ ୧୫ ଦିନ ଭିତରେ ଅନୁମୋଦନ କରାଇ କାମ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେବା ସହ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରି ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିବା ବେଳେ ୩୦୦ ଦିନ କାମ କରିଥିବା ସମସ୍ତ ଶ୍ରମିକମାନଙ୍କୁ ସମ୍ବର୍ଦ୍ଧିତ କରି ମନରେଗା ଯୋଜନାରେ ଦୈନିକ ବହୁ ସଂଖ୍ୟାରେ ଶ୍ରମିକ ନିୟୋଜିତ କରିବା ପାଇଁ ଅନୁରୋଧ କରିଥିଲେ । ପ୍ରତି ଶ୍ରମିକ ପରିବାରଙ୍କୁ ୩୦୦ ଦିନ ଘର ପାଖରେ ବିଭିନ୍ନ ଶ୍ରମଭିତ୍ତିକ କାମ ତଥା ଅନ୍ୟାନ୍ୟ ସରକାରୀ ଯୋଜନା ଯୋଗାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନଯିବା ପାଇଁ ସମସ୍ତେ ପଣ କରନ୍ତୁ ବୋଲି ବିଡିଓ ମହାଶୟ ଲୋକମାନଙ୍କୁ ସଚେତନ କରିଥିଲେ । ସମସ୍ତ ହିତାଧିକାରୀ ମାନଙ୍କ ଜବ୍‌କାର୍ଡ, ଅଧରକାର୍ଡ, ନକ୍ସା ଓ ପଟ୍ଟା ପ୍ରସ୍ତୁତ କରି ୱାର୍କ କୋଡ ଖୋଲିବା ପାଇଁ ସ୍ଥାନୀୟ ପି.ଇ.ଓ ଏବଂ ଏ.ଡି.ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ବିଡିଓ । ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଅର୍ପିତା ପଣ୍ଡା ୩୦୦ ଦିନ ବୃଦ୍ଧି ଓ ୯୮ ଟଙ୍କା ବର୍ଦ୍ଧିତ ମଜୁରୀ ପାଇଁ ରାଜ୍ୟ ସରକାର ଓ ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାଏକଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ନିଜ ଗ୍ରାମପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ଅଧିକ ଶ୍ରମିକମାନଙ୍କୁ ମନରେଗା ଯୋଜନାରେ କାମ କରିବା ପାଇଁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏ.ପି.ଓ କେତନ ପଧାନ, ପି.ଇ.ଓ କାର୍ତ୍ତିକେଶ୍ୱର ବେହେରା, ନାଏବ ସରପଞ୍ଚ ଉପେନ୍ଦ୍ର ବିଭାର, ଗ୍ରାମରୋଜଗାର ସେବକ ରୀନା ପାଣ୍ଡେ, ସମସ୍ତ ଗ୍ରାମର ମେଟ୍ ମାନେ ଯୋଗ ଦେଇଥିବା ବେଳେ କେନ୍ଦୁମାଲ, କୁଲିଆରୀ ଓ ପରମାନନ୍ଦପୁର ଗ୍ରାମର ଶତାଧିକ ଲୋକେ ଉପସ୍ଥିତ ଥିଲେ ।

# ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ଆବାସ ଯୋଜନା



କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତର କଦଳିବାଡି ଗ୍ରାମରେ ଶତାଧିକ ହିତାଧିକାରୀ ମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମିଳୁନଥିବା ଅଭିଯୋଗ ହୋଇଛି । ଏହି ହିତାଧିକାରୀ ମାନେ ଦୀର୍ଘ ବର୍ଷ ହେଲା ଭଙ୍ଗା କୁଡିଆ, ଛିଣ୍ଡା ଜରି, ମାଟିକାନ୍ଥ ଚାଳ ଛପର ଘରେ ନିଜ ଜୀବନ ବିତାଉଛନ୍ତି । ବର୍ଷା ପବନ ସମୟରେ ଏମାନେ ଛୋଟ ଛୋଟ ଶିଶୁଙ୍କୁ ଧରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏମାନେ ବାରମ୍ବାର ବିଡିଓ ଓ ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ପାଉନାହାନ୍ତି । ବ୍ଲକ ପ୍ରଶାସନ ତରଫରୁ ଏମାନଙ୍କ ଘର ତଦନ୍ତ ହେଲାପରେ ମଧ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ୍ ହୋଇପାରୁନାହାଁନ୍ତି । ତୁରନ୍ତ ଏମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ୍ କରିବା ପାଇଁ ଗ୍ରାମର ଆରତୀ ମଲିକ, ଉଷା ମଲିକ, ମଙ୍ଗୁଳି ମଲିକ, ସୁଷମା ମଲିକ, ଅନୁସୟା ମଲିକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବି ପ୍ରଦାନ କରିଛନ୍ତି ।

## କେଲୁଅ ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ଥାନା ଅନ୍ତର୍ଗତ କେଲୁଅ ନଦୀର ବଡ଼କାଏମା ପଞ୍ଚାୟତ ଲକ୍ଷ୍ମୀସାହି ନିକଟରେ ପାଣିରେ ବୁଡି ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ଗୁରୁବାର ଦିନ ଲକ୍ଷ୍ମୀସାହିର ରଞ୍ଜନ ପୁହାଣ (୫୬) ୨ଟା ସମୟରେ ବ୍ରାହ୍ମଣୀର ଶାଖା କେଲୁଆ ନଦୀକୁ ଗାଧୋଇବାକୁ ଯାଇ ଫେରିନଥିଲେ। ପରିବାର ଲୋକ ଖୋଜାଖୋଜି କରିବା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ନଦୀରୁ ରଞ୍ଜନଙ୍କୁ ଉଦ୍ଧାର କରିଥିଲେ ଓ ପରେ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଧର୍ମଶାଳା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୬।୧୨।୨୦୨୫, ମାର୍ଗଶିର ଦି୨୧ନ, ଶନିବାର**
**ସୂର୍ଯ୍ୟୋଦୟ- ଘ୬।୦୮।୦୮ ଚନ୍ଦ୍ରୋଦୟ- ସଂଘ୬।୩୨।୧୩**
**ଦ୍ୱିତୀୟା-** ରାଘ୯।୨୬ପର୍ଯ୍ୟନ୍ତ । **ମୃଗଶିରା ନକ୍ଷତ୍ର-** ଦିଘ ୮।୪୯ ପର୍ଯ୍ୟନ୍ତ। **ମିଥୁନ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ର ଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** କନ୍ୟା ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ରାଘ ୯।୨୬ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୩୯ ଗତେ ଘ ୮।୫୪ ମଧ୍ୟେ । ଦିଘ ୧୧।୫୯ ଗତେ ଘ ୧୨।୫୯ ମଧ୍ୟେ। ପର୍ବୋତ୍ସବ- ଡଃ ଆମ୍ବେଦକରଙ୍କ ତିରୋଧାନ ଦିବସ, ଜୟୀ ରାଜଗୁରୁଙ୍କ ଶହୀଦ ଦିବସ।



**ମେଷ:** ଆଜି ଦିନଟି ଭଲରେ ବିତିବ। ସମସ୍ତଙ୍କ ପାଖରେ ଆଦରର ପାତ୍ର ହେବେ। ପରଉପକାରୀ ହେବେ। ସହପାଠୀଙ୍କ ସହଯୋଗ ଲାଭ କରିବେ। ଆୟ ଉତ୍ତମ ହେବ। ଗୃହେ ଆନନ୍ଦ ଲାଭ।



**ବୃଷ:** କର୍ମକ୍ଷେତ୍ରରେ ବନ୍ଧୁଙ୍କ ସହଯୋଗ ପାଇ ଆନନ୍ଦ ପ୍ରାପ୍ତ ହେବ। ଉତ୍ତମ ଭୋଜନ ମିଳିବ। ଦୂରଯାତ୍ରା କରିବାର ସୁଯୋଗ ଲାଭ କରିବେ। ଆୟର ପରିମାଣ ବଢ଼ିବ। ପ୍ରଶଂସିତ ହେବାର ସୂଚନା।



**ମିଥୁନ:** ଶରୀର ସୁସ୍ଥ ରହିବ। ମାତ୍ର ମନରେ ଚିନ୍ତା ଲାଗି ରହିବ। ଉପର କର୍ମଚାରୀଙ୍କ ସାହାଯ୍ୟ ଲାଭ କରିବେ। ଆୟର ସ୍ଥିତି ସ୍ଥିର ରହିବ। ହଠାତ୍ କୌଣସି ଶୁଭ ଖବର ପ୍ରାପ୍ତ ହୋଇପାରେ। ଗୃହେ ଆନନ୍ଦ ଦେଖାଦେବ।



**କର୍କଟ:** ଅତିଥି ସେବାର ସୁଯୋଗ ଲାଭ କରିବେ। ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ। ପାରିବାରିକ ସୁଖ ଅବ୍ୟାହତ ହେବ। କର୍ମକ୍ଷେତ୍ରରେ ପ୍ରଶଂସା ଲାଭ କରିବେ। ଦୂରଯାତ୍ରା କରିପାରନ୍ତି। ଦେହ ଭଲ ରହିବ।



**ସିଂହ:** କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଶୁଭ ଖବର ପାଇବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ରୋଜଗାରରେ ଉନ୍ନତି ହେବ। ପରିବାରରେ ସୁଖ, ଶାନ୍ତି ବଜାୟ ରହିବାର ସୂଚନା।



**କନ୍ୟା:** ପ୍ରତିଯୋଗୀଙ୍କ ଠାରୁ ବିଜୟୀ ହେବେ। ଆର୍ଥିକ ସ୍ଥିତି ସ୍ଥିର ରହିବ। ଆପଣ ଶାନ୍ତ ଓ ଦୟାଳୁ ହେବେ। କାର୍ଯ୍ୟ କ୍ଷେତ୍ରରେ ଅଗ୍ରଗତି କରିବେ। ଘରେ ଆନନ୍ଦ ଲାଭ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ଲୋଡ଼ିପାରନ୍ତି।



**ତୁଳା:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଯାନବାହାନ କ୍ରୟ କରିପାରନ୍ତି। ଶତ୍ରୁମାନେ ପରାସ୍ତ ହେବେ। ପରୋପକାରୀ ହୋଇ ପ୍ରଶଂସା ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ। ପରିବାରରେ କର୍ମହାନୀର ସୂଚନା।



**ବିଛା:** ଆଜି ଆପଣଙ୍କର କ୍ରୋଧର ପରିମାଣ ବଢ଼ିବ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ। ଯାନବାହାନ ଠାରୁ ସତର୍କ ରୁହନ୍ତୁ। ଆୟ ଭଲ ହେବ। ପାରିବାରିକ ଅଶାନ୍ତି ଦେଖାଦେବାର ସୂଚନା ।



**ଧନୁ:** ଆଲୋଚନା ଓ ପ୍ରତ୍ୟାଲୋଚନା ମାଧ୍ୟମରେ ସମସ୍ତ ସମସ୍ୟାର ସମାଧାନ ହୋଇଯିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଓ ବ୍ୟୟ ସମାନ ରହିବ। କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ।



**ମକର:** କର୍ମକ୍ଷେତ୍ରରେ ଅସନ୍ତୋଷ ଦେଖାଦେବ। ବନ୍ଧୁଙ୍କ ସହ କଳହ ସୃଷ୍ଟି ହୋଇପାରେ। ଶତ୍ରୁଙ୍କ ଠାରୁ ଦୂରେଇ ରୁହନ୍ତୁ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ପାରିବାରିକ ଜୀବନ ଆପଣଙ୍କର ଆନନ୍ଦମୟ ହେବ।



**କୁମ୍ଭ:** ଚାକିରୀ କ୍ଷେତ୍ରରେ ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ। ଶୁଭ ଖବର ପ୍ରାପ୍ତ ହେବ। ଲୋକପ୍ରିୟତା ବୃଦ୍ଧି ପାଇବ। ଖର୍ଚ୍ଚର ପରିମାଣ ଅଧିକ ହେବ। ପାରିବାରିକ ସୁଖ ସମ୍ଭୋଗ ପ୍ରାପ୍ତ ହେବ ।



**ମୀନ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଶତ୍ରୁ ନାଶ ହେବେ। ଦେବ ଦର୍ଶନ କରିପାରନ୍ତି। ଆପଣଙ୍କର ଆୟ ବଢ଼ିବ। ଘରେ ସୁଖ ଲାଭ ହେବ। ମହିଳାମାନେ ସୁଖୀ ହେବେ। ଦେହ ଭଲ ରହିବ।



## ୫୩ ବରିଷ୍ଠ ନାଗରିକ ରାମେଶ୍ୱର ଓ ମଦୁରାଇକୁ ତୀର୍ଥଯାତ୍ରାରେ ଗଲେ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାର ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ସୁବର୍ଣ୍ଣପୁର ଜିଲ୍ଲାର ୫୨ ଜଣ ବରିଷ୍ଠ ନାଗରିକଙ୍କ ରାମେଶ୍ୱର-ମଦୁରାଇ ଆଧାତ୍ମିକ ତୀର୍ଥଯାତ୍ରାକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁଙ୍କ ଦ୍ୱାରା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ତୀର୍ଥ ଯାତ୍ରାର ଶୁଭାରମ୍ଭ ସମୟରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ), ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ନିଜାରତ ଅଧିକାରୀ, ସତ୍ୟବ୍ରତ ସାହୁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ରମେଶ ଚନ୍ଦ୍ର ଗୋଛିଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର, ଅର୍ଜୁନ ମାଝୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୋନପୁର ସୁଶ୍ରୀ ପ୍ରୀତି ସୁନା ଓ ବିଭିନ୍ନ ସମ୍ବାଦପତ୍ର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ୫୨ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ମାନଙ୍କୁ ସହାୟତା ଓ ସହଯୋଗ କରିବା ପାଇଁ ଜିଲ୍ଲା କାର୍ଯ୍ୟାଳୟର ଦୁଇ ଜଣ କର୍ମଚାରୀ ସହଦେବ ମେହେର ଓ ବିଶ୍ୱ ପ୍ରତାପ ସେଠ୍ ସହଯାତ୍ରୀ ଅଧିକାରୀ ଭାବେ ସାଙ୍ଗରେ ଯାଇଛନ୍ତି। ସମସ୍ତ ତୀର୍ଥଯାତ୍ରୀ ସେମାନଙ୍କର ଯାତ୍ରା ଆରମ୍ଭ କରି ଆଗାମୀ ୧୦ ତାରିଖି ଦିନ ସୁବର୍ଣ୍ଣପୁର ଜିଲ୍ଲାକୁ ଫେରି ଆସିବେ।

31 YEARS
ସମ୍ବାଦ କଳିକା

# କ୍ରିକେଟ୍ ପ୍ରେମୀଙ୍କୁ ଶେଷରେ ମିଳିଛି ଟିକେଟ୍

ଟିକେଟ ବିକ୍ରି ନେଇ ହଟଚମଟର ଅନ୍ତ ହୋଇଛି। ବାରବାଟୀ ଟିକେଟ୍ ବିକ୍ରି ହୋଇଛି । କ୍ରିକେଟ୍ ପ୍ରେମୀଙ୍କୁ ଶେଷରେ ମିଳିଛି ଟିକେଟ୍ । ସକାଳ ୯ଟାରୁ କାଉଣ୍ଟରରେ ଅଫ୍ଲାଇନ୍ ଟିକେଟ୍ ବିକ୍ରି ହେଉଛି । ତେବେ କାଉଣ୍ଟରରେ ମାତ୍ର ୧୦ ହଜାର ଟିକେଟ ମିଳିବ ବୋଲି ଜଣାଯାଇଛି। ଏହାକୁ ନେଇ କାଉଣ୍ଟର ସାମ୍ନାରେ ଠେଲା ପେଲା ଓ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହେଉଛି। ସୂଚନା ଅନୁଯାୟୀ ଶୁକ୍ରବାର ସକାଳୁ ଭାରତ-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି ମ୍ୟାଚ ପାଇଁ ଅଫଲାଇନ୍ ଟିକେଟ୍ ବିକ୍ରି ଆରମ୍ଭ ହୋଇଛି । ଗୁରୁବାର ସନ୍ଧ୍ୟାରୁ ବାରବାଟୀ ଷ୍ଟାଡିୟମ ନିକଟରେ ହଜାର ହଜାର ସଂଖ୍ୟାରେ ଦର୍ଶକ ଭିଡ଼ ଜମାଇଥିଲେ। ପରିସ୍ଥିତି ଏମିତି ହୋଇଥିଲା ଯେ ସେମାନଙ୍କୁ ଘଉଡ଼ାଇବା ପାଇଁ ପୁଲିସକୁ ମୃଦୁ ଲାଠି ଚାଳନା କରିବାକୁ ପଡ଼ିଥିଲା । ଟିକେଟ୍ ଖଣ୍ଡିଏ ପାଇଁ ଦର୍ଶକ ଚାତକ ଭଳି ଅନେଇ ଶେଷରେ ଟିକେଟ୍ କିଣିଛନ୍ତି । ଅନଲାଇନରେ ମାତ୍ର ୨ ହଜାର ଟିକେଟ୍ ବିକ୍ରି ହୋଇଥିଲା । ବହୁ ପ୍ରଶଂସକ ଟିକେଟ୍ ନପାଇ ନିରାଶ ହୋଇଥିଲେ । କିନ୍ତୁ କାଉଣ୍ଟରରେ ଟିକେଟ୍ କିଣିବା ପାଇଁ ଏବେ ସମସ୍ତେ ବ୍ୟାକୁଳ ହୋଇ ପଡ଼ିଛନ୍ତି । ତେଣୁ ସନ୍ଧ୍ୟାରୁ ହଜାର ହଜାର ଦର୍ଶକ ବାରବାଟୀ ନିକଟସ୍ଥ କ୍ୟାଣ୍ଟନମେଣ୍ଟ ରୋଡ୍, କିଲ୍ଲା ପଡ଼ିଆରେ ଭିଡ଼ ଜମାଇଥିଲେ । ରାତି ଯେତିକି ବଢ଼ିଥିଲା, ପ୍ରଶଂସକଙ୍କ ଭିଡ଼ ସେତିକି ଜମିବାରେ ଲାଗିଥିଲା । ପରିବେଶ ଲୋକାରଣ୍ୟ ହୋଇଯାଇଥିଲା । ହାତରେ ଜାତୀୟ ପତାକା ଧରି ସେମାନେ ବସି ରହିଥିଲେ । ଭିଡ଼ ଅଧିକ ଜମିବାରୁ ଶେଷରେ ପୁଲିସକୁ ମୃଦୁ ଲାଠି ଚାଳନା କରିବାକୁ ପଡ଼ିଥିଲା । କାଉଣ୍ଟରେ ମାତ୍ର ୧୦ ହଜାର ଟିକେଟ୍ ବିକ୍ରି ହେବ । କିନ୍ତୁ ଆଶାୟୀ ବହୁ ଗୁଣା । ଜଣେ ବ୍ୟକ୍ତିଙ୍କୁ ୨ଟି ଟିକେଟ୍ ମିଳିବାର ନିୟମ ରହିଛି । ତେଣୁ ଯେଉଁ ପ୍ରଥମ ୫୦୦୦ ଦର୍ଶକ ଧାଡ଼ିରେ ଆସିବେ ସେମାନେ ହିଁ ଟିକେଟ୍ ନେଇ ଘରକୁ ବାହୁଡ଼ିବେ । ଅନ୍ୟମାନଙ୍କୁ ନିରାଶ ହେବାକୁ ପଡ଼ିବ । ପ୍ରଥମ ଥର ପାଇଁ ଲୁହା ବାଡ଼ ବ୍ୟବସ୍ଥା ସହ ଜିକ୍ଜାକ୍ ଡିଜାଇନରେ ବ୍ୟାରିକେଡିଂ କରାଯାଇଛି । ଓସିଏ କ୍ରିକେଟ ଏକାଡେମୀ ପଟେ ଦର୍ଶକ ଆସି ବ୍ୟାରିକେଡ୍‌ରେ ଭିତରେ ପ୍ରବେଶ କରିଥିଲେ । ଏହି ବ୍ୟାରିକେଡ୍ ଦେଇ ଟିକେଟ କାଉଣ୍ଟର ପର୍ଯ୍ୟନ୍ତ ଯାଇ ୨ ଫୁଟ ଲେଖାଏଁ ଦୁଇଟି ବ୍ୟାରିକେଡ୍ ଲାଇନ କରାଯାଇଥିବା ବେଳେ ତା' ପାଖରେ ଆଉ ଗୋଟିଏ ୩ ଫୁଟର ବ୍ୟାରିକେଡ୍ ହୋଇଛି । ଏହି ୩ ଫୁଟ୍ ଭିତରେ ପୁଲିସ ମୁତାୟନ ହୋଇଛନ୍ତି । କାଉଣ୍ଟର ପାଖରୁ ଆଠ ଶହ ମିଟର ପର୍ଯ୍ୟନ୍ତ ଷ୍ଟିଲ୍ ବ୍ୟାରିକେଡର ବ୍ୟବସ୍ଥା କରାଯାଇଛି । ତେବେ ପୂର୍ବଦିନ ରାତିରୁ କୌଣସି କ୍ରିକେଟପ୍ରେମୀଙ୍କୁ କାଉଣ୍ଟର ପାଖରେ ଧାଡ଼ି ବାନ୍ଧିବାକୁ ସୁଯୋଗ ଦିଆଯାଇନଥିଲା । ଦର୍ଶକ କାଉଣ୍ଟର ଖୋଲିବାର ତିନିଘଣ୍ଟା ପୂର୍ବରୁ ଅର୍ଥାତ୍ ସକାଳ ୬ଟାରୁ ଲାଇନ୍ ଲଗାଇଥିଲେ।



ଶ୍ରୀମଦ୍ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ

## ଗୀତାମୃତ ଲହରୀ

ସପ୍ତମ ଅଧ୍ୟାୟ
(କଳାମାଣିକ-ବୃତ୍ତେ)

ସପ୍ତମରେ ସନ୍ତୋଷେ କହନ୍ତି ନାରାୟଣ,
ହେତୁରେ ରଖ ତୁ ଜ୍ଞାନ-ବିଜ୍ଞାନ କାରଣ।
ବୀର ଅର୍ଜୁନରେ ।୧।

କର୍ମଯୋଗର ଆଶ୍ରୟ କରୁଥିବା ପ୍ରାଣୀ,
କିପରି ସମ୍ପୂର୍ଣ୍ଣରୂପେ ପାରେ ମୋତେ ଚିହ୍ନି ।
ବୀର ଅର୍ଜୁନରେ ।୨।

ସହସ୍ର ଜନଙ୍କ ମଧ୍ୟେ ଚେଷ୍ଟା କରି କେହି,
ମୋତେ ଲଭିବା ଜଗତେ ବିରଳ ଅଟଇ ।
ବୀର ଅର୍ଜୁନରେ ।୩।

ପରା ଅପରା ପ୍ରକୃତି ଜାତ ମୋହଠାରୁ,
ଜଗତ ଗଢିଲି ଦେହ ଜୀବ ସଂଯୋଗରୁ ।
ବୀର ଅର୍ଜୁନରେ ।୪।

ବେଦରେ ଓଁକାର ମୁଁ ଯେ ଶବ୍ଦ ଆକାଶର,
ତ୍ରିଗୁଣର ଯେତେ ଭାବ ସବୁ ମୋ ଆଧାର ।
ବୀର ଅର୍ଜୁନରେ ।୫।

ଆଚାର ବିଚାର ଯାର ନଥାଏ ଠିକଣା,
ନ ଜାଣି ମୋତେ ଅନ୍ଧାରେ ହୁଅନ୍ତି ସେ ବଣା ।
ବୀର ଅର୍ଜୁନରେ ।୬।

ଜ୍ଞାନ ମାର୍ଗେ ସେବାକରି ଭଜନ୍ତି ଯେମାନେ,
ସର୍ବ ଠାବେ ମୋତେ ବାସୁଦେବ ରୂପେ ଜାଣେ।
ବୀର ଅର୍ଜୁନରେ ।୭। (କ୍ରମଶଃ)

# ବଧୂ ବିଦେଶିନୀ-୪୪

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୬୪. ଯବଦେଶ ଆଗମନ ଓ ଭ୍ରମଣ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

ମୁଁ ଓ ପତି ଉଦୟନ ମୋ **ପିତାମାତାଙ୍କ ସହ ଆସି ଯବଦେଶରେ ଉପନୀତ ହେଲୁ ।** ଜଳପଥର ଯାତ୍ରା ବିପରୀତ ବାୟୁ ପ୍ରବାହ ଯୋଗୁଁ କଷ୍ଟକର ଓ ସମୟ ସାପେକ୍ଷ ଥିଲେ ମଧ୍ୟ ବିଶେଷ କିଛି ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲୁ । ନିଜ ରାଜ୍ୟରେ ଆସିବାରେ ପୋତାଶ୍ରୟରୁ ରାଜପ୍ରାସାଦ ପର୍ଯ୍ୟନ୍ତ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା । ସମସ୍ତେ ଆନନ୍ଦ ଯେ, ମୁଁ ପୁଷ୍ପଗିରିରୁ ଆଚାର୍ଯ୍ୟ ସଦୃଶ ଉଚ୍ଚ ଉପାଧି ଲାଭ କରି ଆସିଅଛି। ପିଉସୀ ମା' ମହାରାଣୀ ପ୍ରମୋଦ ବର୍ଦ୍ଧିନୀ, ବଡବାପା ବାଳପୁତ୍ର ଦେବ, ବଡ ମା' ଆଦି ଗୁରୁଜନମାନେ ମୁଁ ଯୁବାବସ୍ଥାରେ ଏତେ ବଡ ଉପାଧି ଲାଭ କରି ଆସିଅଛି, ସେଥିପାଇଁ ମୋତେ ଅଭିନନ୍ଦନ ଜଣାଉଥାନ୍ତି । ଉଦୟନଙ୍କୁ କହୁଥାନ୍ତି ଯେ, "ପୁତ୍ର, ଏ ରାଜ୍ୟକୁ ତୁମର ନିଜ ଗୃହ ବୋଲି ମନେକର । ତୁମ୍ଭ ପରି ବିଜ୍ଞ ବ୍ୟକ୍ତି ଆମ୍ଭ ରାଜ୍ୟରେ ଆସି ଉଚ୍ଚ ଶିକ୍ଷାଦାନ ଯେ କରିବେ, ତାହା ଆମ୍ଭପାଇଁ ଗୌରବର ବିଷୟ । ତୁମ୍ଭକୁ ଜାମାତା ରୂପରେ ପାଇ ଆମ୍ଭେମାନେ ଅତି ଆନନ୍ଦିତ ।"

ସେହିପରି ସେନାପତିଙ୍କୁ ସମସ୍ତେ ସୁହାସିନୀର ଉପାଧି ଉପଲବ୍ଧି ଓ ପୁଷ୍ପଗିରିରେ ଅଧ୍ୟାପିକା ପଦବୀ ପ୍ରାପ୍ତ ହେବା ଯୋଗୁଁ ଅନେକ ଅଭିନନ୍ଦନ ଜଣାଉଥାନ୍ତି । ତତ୍ ସଙ୍ଗେ ସଙ୍ଗେ ସେ ଶୀଘ୍ର ନିଜ ପତିଙ୍କ ସହ ଯବଦୀପ ଆସି ଶିକ୍ଷାର ଅଗ୍ରଗତିରେ ସହାୟକ ହେବେ ବୋଲି ମଧ୍ୟ ଆଶାବ୍ୟକ୍ତ କରିଥାନ୍ତି । ସେହିପରି ଆଚାର୍ଯ୍ୟ ଆର୍ଯ୍ୟଦତ୍ତଙ୍କୁ ଆମ୍ଭ ଦୁଇ କନ୍ୟାଙ୍କ ଶିକ୍ଷାଭାର ନେବା ତଥା ପୁଷ୍ପଗିରିରେ ଦୀର୍ଘ ୬ ବର୍ଷ ଅଧ୍ୟାପନା କରିଥିବା ପାଇଁ ସମସ୍ତେ ପ୍ରଶଂସା କରୁଥିଲେ।

ଆମ୍ଭ ଦ୍ୱୟଙ୍କ ପାଇଁ ରାଜପ୍ରସାଦର ଏକ ଅଂଶରେ ରହିବାପାଇଁ କେତେକ ସ୍ୱାଧୀନ କକ୍ଷର ବ୍ୟବସ୍ଥା ହେଲା । ପାଚକ, ପରିଚାରକ ଆଦିର ସମସ୍ତ ବ୍ୟବସ୍ଥା ମଧ୍ୟ ଥିଲା । ସ୍ୱାଧୀନ ଗୃହରେ ସମସ୍ତ ଆବଶ୍ୟକୀୟ ଦ୍ରବ୍ୟ ନିୟମିତ ଭାବେ ବ୍ୟବସ୍ଥା କରାଯାଇଥିଲା । ଏ ସବୁରେ ଉଦୟନ ଅତି ସନ୍ତୁଷ୍ଟି ବ୍ୟକ୍ତ କରୁଥିଲେ । **ପିଉସୀ ନାନୀ ନିଜେ ଆସି ଆମ୍ଭକୁ ଜଣାଇଦେଲେ ଯେ ତୁମ୍ଭେ ଏକ ମାସ ଯବରାଜ୍ୟ ମାନଙ୍କରେ ଦର୍ଶନୀୟ ସ୍ଥାନ ଦର୍ଶନ କର ।** ଦୁହେଁ ଦୁଇଟି ଅଶ୍ୱରେ ଭ୍ରମଣ କର । ତୁମ୍ଭ ସହିତ ଜଣେ ତତ୍ତ୍ୱାବଧାରକ ଓ ଦୁଇଜଣ ରକ୍ଷୀ ଯିବେ। ଏହି ସମୟ ଅବଧିରେ ତୁମ୍ଭ ଦ୍ୱୟଙ୍କପାଇଁ ଆମ୍ଭେ ଉଚ୍ଚ ଶିକ୍ଷା ପ୍ରଦାନ କରିବାର ବ୍ୟବସ୍ଥା କରୁଅଛୁ। ଏଥିପାଇଁ ଆଚାର୍ଯ୍ୟ ଆର୍ଯ୍ୟଦତ୍ତଙ୍କ ସହ ପରାମର୍ଶ କରି ନିଷ୍ପତ୍ତି ନିଆଯିବ ।" ଆମ୍ଭେ ଦୁହେଁ ଆଭାର ପ୍ରକଟ କଲୁ ଓ ଭ୍ରମଣପାଇଁ ପ୍ରସ୍ତୁତ ହେଲୁ ।

ସହର୍ଷ ମନରେ ଆମ୍ଭେ ଦ୍ୱୟ ଯବଦେଶ ଭ୍ରମଣ ଆରମ୍ଭ କଲୁ। ଆମ୍ଭ ତତ୍ତ୍ୱାବଧାରକ ଆମ୍ଭର ଭ୍ରମଣ କରିବା, ରାତ୍ର ଯାପନ, ଖାଦ୍ୟପେୟ ପ୍ରଭୃତିର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମାପନ କରିବା ସଙ୍ଗେ ସଙ୍ଗେ ଯାତ୍ରା ସମୟରେ ସ୍ଥାନାଦି ବିଷୟକ ତଥ୍ୟ ଆମ୍ଭକୁ ପରିବେଷଣ କରୁଥିଲେ । କିନ୍ତୁ ମୁଖ୍ୟତଃ ସମସ୍ତ ଦର୍ଶନୀୟ ସ୍ଥାନର ମହତ୍ତ୍ୱ ଓ ଇତିହାସକୁ ମୁଁ ଉଦୟନଙ୍କୁ ଅବଗତ କରୁଥିଲି । ତେଣୁ ଆମ୍ଭର ଏକତ୍ର ଭ୍ରମଣ ଅତୀବ ରୋମାଞ୍ଚକର ଓ ଉପଭୋଗ୍ୟ ଥିଲା । ଉଦୟନ ଏସବୁ ଦେଖି ଶୁଣି ଯେତେ ଆନନ୍ଦିତ ହେଲେ ତାହା ମୁଁ ବର୍ଣ୍ଣନା କରିପାରୁନାହିଁ । ଏ ସମସ୍ତ ବ୍ୟାଖ୍ୟାନ ମୁଁ ସମ୍ପୂର୍ଣ୍ଣ କଲେ ମୋର ଏ ମନରେ ଥିବା ଆଲେଖ୍ୟ ଭାରାକ୍ରାନ୍ତ ହୋଇଯିବ ଓ ତେଣୁ ସମସ୍ତ ବିଷୟ ମୁଁ ଅତି ସଂକ୍ଷେପରେ ସୂଚାଇ ଦେଉଅଛି।

ଆମ୍ଭେ କଳିଙ୍ଗରେ ଥିବା ସମୟରେ ଯବଦେଶରେ ଭାରତୀୟ, ବିଶେଷତଃ କଳିଙ୍ଗବାସୀଙ୍କ, ସବୁକ୍ଷେତ୍ରରେ ପ୍ରାଧାନ୍ୟ ବିଷୟରେ ମୁଁ ପୁଙ୍ଖାନୁପୁଙ୍ଖ ଭାବେ ଉଦୟନଙ୍କୁ ବଖାଣିଥିଲି। ତା'ସହ ଆମ୍ଭ ଶୈଳେନ୍ଦ୍ର ରାଜବଂଶ ଓ ମୋ ପିଉସାଙ୍କ ସଞ୍ଜୟ ରାଜବଂଶର ସମ୍ବନ୍ଧ ଓ ବିବାଦ ବିଷୟରେ ମଧ୍ୟ ଅବଗତ କରାଇଥିଲି। ଏସବୁ ବିଷୟରେ ପୂର୍ବରୁ ମଧ୍ୟ ସୂଚନା ଦେଇଛି । ଏହା ଉଲ୍ଲେଖଯୋଗ୍ୟ ଯେ କଳିଙ୍ଗ ମୂଳର ଭାରତୀୟମାନେ ଯବଦେଶରେ ବହୁସଂଖ୍ୟକ ହେତୁ ସମସ୍ତ ଭାରତୀୟଙ୍କୁ ଯବଦ୍ୱୀପବାସୀ 'କ୍ଲିଙ୍ଗ'ବୋଲି କହୁଥିବା ବିଷୟ ଏହାର ଏକ ପ୍ରଧାନ ପ୍ରମାଣ ଅଟେ। ପୁନଶ୍ଚ ଯବଦେଶରେ ସଂସ୍କୃତ ଭାଷାର ବିସ୍ତାରିତ ପ୍ରସାରଣ, ସ୍ଥାନୀୟ ଶୁଣ୍ଡ ଭାଷାର ଲିପି ମଧ୍ୟ ଦେବନାଗରୀ ଲିପିର ପ୍ରଭାବରେ ସୃଷ୍ଟି ହୋଇଥିବା, ସମସ୍ତ ସ୍ଥାନୀୟ କୀର୍ତ୍ତିରାଜିର କଳାକୃତି ଭାରତୀୟ ସ୍ଥାପତ୍ୟ କଳାର ଅନୁକରଣରେ ନିର୍ମାଣ ଇତ୍ୟାଦି ଯବଦୀପରେ ଭାରତୀୟ ସଂସ୍କୃତିର ବହୁଳ ପ୍ରଭାବ ସ୍ପଷ୍ଟ ଭାବେ ଦର୍ଶାଇଥାଏ ।

ପ୍ରଥମେ ଆମ୍ଭେ ଭ୍ରମଣ କଲୁ ଆମ୍ଭ ବୌଦ୍ଧ ଶୈଳେନ୍ଦ୍ର ଶାସିତ ମଧ୍ୟ-ଯବଦେଶ ଓ ପୂର୍ବ-ଦକ୍ଷିଣକୁ ମୋ ପିଉସା ରକଇ ପିକତନଙ୍କ ମେଦାଙ୍ଗ ହିନ୍ଦୁ ରାଜ୍ୟକୁ । ଉଭୟ କଳିଙ୍ଗ ମୂଳର ହେତୁ ଏଠାକାର ବହୁଳ ସ୍ଥାପତ୍ୟ କଳା କଳିଙ୍ଗ ଭାରତୀୟ କଳାର ଅନୁକରଣରେ ନିର୍ମିତ। ଏହି ଦୁଇ ରାଜବଂଶଦ୍ୱାରା ନିର୍ମିତ **ସର୍ବବୃହତ୍ତ ଓ ସର୍ବୋତ୍କୃଷ୍ଟ ବୋରବୁଦୁର ବୌଦ୍ଧ ସ୍ତୁପ ଓ ମନ୍ଦିର, ଦ୍ୱିତୀୟ ପ୍ରଧାନ ପ୍ରମ୍ବନନ ହିନ୍ଦୁ ମନ୍ଦିର, ଏହାର ଚତୁର୍ଦ୍ଦିଗରେ ଥିବା ପ୍ରାୟ ୨୪୦ଟି ମନ୍ଦିର, ଦ୍ୱିତୀୟ ବୃହତ୍ତମ ହିନ୍ଦୁ-ବୌଦ୍ଧ ମନ୍ଦିର ଚଂଦୀ ସେୟୁ ଏବଂ ଲୁମଚୁଙ୍ଗ ବୁଦ୍ଧ ମନ୍ଦିର** ବିଷୟରେ ମୁଁ ବହୁ ପୂର୍ବେ ସଂକ୍ଷେପରେ ସୂଚନା ଦେଇଛି। ତେଣୁ ଆଉ କିଛି କହୁନାହିଁ ।

ଏତଦ୍‌ବ୍ୟତୀତ ମୁଁ ଦେଖାଉଥିବା ଆଉ ଅନେକ କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିରଗୁଡିକ ହେଲା କଲସନ, ସାରୀ, ଲୁମ୍ବକ, ପ୍ଲାଓସନ, ମେଣ୍ଡୁଟ, ସାର୍ଜିୱାନ, ସେୱୁ, ପାୱନ ଓ ରାତୁବାକୋ ଇତ୍ୟାଦି। ଏହି ମୁଖ୍ୟ କଳାକୃତି ଭରା ଅଞ୍ଚଳ ପରିତ୍ୟାଗ କରି ଆମ୍ଭେ ଯବଦ୍ୱୀପର ପଶ୍ଚିମ ଓ ଉତ୍ତର ଅଞ୍ଚଳରେ ଭ୍ରମଣ କଲୁ ।

ଏ ଅଞ୍ଚଳରେ ପୂର୍ବରୁ ପ୍ରତିଷ୍ଠିତ ଥିବା ଭାରତୀୟ ରାଜ୍ୟମାନଙ୍କ ବିଷୟରେ ତଥ୍ୟ ଉଦୟନଙ୍କୁ ଯାହା ପରିବେଷଣ କରିଥିଲି ତାହା ସଂକ୍ଷେପରେ ଏଠାରେ ସୂଚିତ କରୁଅଛି ।

କୌଣସି ଅଜ୍ଞାତ ଭାରତୀୟ ରାଜା ଏଠାକୁ ବାଣିଜ୍ୟ କରିବାର ସୁଯୋଗ ବିଷୟରେ ଆକଳନ କରିବାପାଇଁ ଜଣେ ବଣିକଙ୍କୁ ଦୂତ ହିସାବରେ ଏହି ସ୍ଥାନକୁ ପଠାଇଥିଲେ। କିନ୍ତୁ ଖ୍ରୀଷ୍ଟୀୟ ୧୩୦ ମସିହାରେ ସେ ସୁବିଧା ଦେଖି ସେ ଅଞ୍ଚଳରେ ଦେବବର୍ମନ୍ ନାମ ଧାରଣ କରି **ଶଳାକା** ନଗର ନାମକ ଏକ ରାଜ୍ୟ ପ୍ରତିଷ୍ଠା କରି ତାହାର ରାଜା ହେଲେ । ଯେହେତୁ କଳିଙ୍ଗ ମୂଳର ଲୋକଙ୍କ ସଂଖ୍ୟା ଏଠାରେ ସର୍ବାଧିକ ଥିଲା ରାଜା ଦେବବର୍ମନ୍ କଳିଙ୍ଗ ବଂଶଜ ବୋଲି ଅନୁମାନ କରାଯାଇପାରେ। ତାଙ୍କୁ ମିଶାଇ **୮ଜଣ ରାଜା ୩୬୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ଏହା ଯବଦେଶର ସର୍ବପୁରାତନ ଭାରତୀୟ ଶାସିତ ରାଜ୍ୟ । ଏହି ସମୟରେ ରାଜ୍ୟ ଶାସନ ଦୁର୍ବଳ ଥିବାରୁ ପରବର୍ତ୍ତୀ କାଳରେ ପ୍ରତିଷ୍ଠିତ ହୋଇଥିବା ପଡୋଶୀ ରାଜ୍ୟ ତରୁମ୍ ନଗର ସହ ଏହା ବିଲୀନ ହୋଇଥିଲା ।**

ଯବଦେଶରେ ଚତୁର୍ଥ ଶତାବ୍ଦୀରୁ ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ତିଷ୍ଠି ରହିଥିବା **ଦ୍ୱିତୀୟ ପୁରାତନ ଭାରତୀୟ ଶାସିତ ରାଜ୍ୟ ହେଲା ତରୁମ୍ ନଗର ।** ଏହାର ପ୍ରଥମ ରାଜା ଥିଲେ ରାଜାଧିରାଜଗୁରୁ ଜୟବର୍ଦ୍ଧନ ଓ ତାଙ୍କ ପରେ ୧୨ ଜଣ ରାଜା ଖ୍ରୀଷ୍ଟାବ୍ଦ ୬୨୯ ପର୍ଯ୍ୟନ୍ତ ବର୍ମନ ଉପାଧି ଧାରଣ କରି ଶାସନ କରିଥିଲେ । ଆଭ୍ୟନ୍ତରୀଣ ଅଶାନ୍ତି ସୃଷ୍ଟି ହୋଇ ଏହି ରାଜ୍ୟ ଶୁଣ୍ଡ ଓ ଗାଲୁହ ନାମକ ଦୁଇଟି ରାଜ୍ୟ ରୂପେ ବିଭାଜିତ ହୋଇଥିଲା। **ଏହି ରାଜ୍ୟର ଅନୁପମ ଭାସ୍କର୍ଯ୍ୟ ଭରା ଶ୍ରେଷ୍ଠ କୀର୍ତ୍ତି ହେଲା ବାତୁଜାୟା ମନ୍ଦିରଗୁଚ୍ଛ । ଏକ ବିରାଟ ଅଞ୍ଚଳରେ ଶହ ଶହ ଛୋଟ ମନ୍ଦିରମାନ ରହିଥିବା ଏହି ସ୍ଥାନରେ ଉଚ୍ଚକୋଟିର ଭାରତୀୟ ହିନ୍ଦୁ ଓ ବୌଦ୍ଧ କଳା ଦର୍ଶକଙ୍କ ମନୋମୁଗ୍ଧ କରିଥାଏ ।**

**ଶୁଣ୍ଡ ଓ ଗାଲୁହ** ରାଜ୍ୟ ସୃଷ୍ଟି ହେବାରେ ପ୍ରାୟ ୧ ଶହ ବର୍ଷ ସ୍ୱାଧୀନ ରାଜ୍ୟ ଭାବେ ଶାସିତ ହୋଇଥିଲେ । ଶୁଣ୍ଡ ରାଜ୍ୟର ରାଜା ଜାମ୍ରି ଗାଲୁହ ରାଜାଙ୍କୁ ପରାସ୍ତ କରି ନିଜ ଦେଶ ସହ ଅଷ୍ଟମ ଶତାବ୍ଦୀରେ ମିଶାଇଦେଲେ ଓ ତା'ପରେ ଉତ୍ତରାଧିକାରୀ ଭାବେ ନିଜ ଦ୍ୱିତୀୟ ସ୍ତ୍ରୀ ମାଧ୍ୟମରେ ସେ ପାଇଥିବା **କଳିଙ୍ଗା ନାମକ ରାଜ୍ୟ ସହ ଏହି ଦୁଇ ରାଜ୍ୟକୁ ମିଶ୍ରଣ କରି ଶାସନ କାର୍ଯ୍ୟ ଚଳାଇଲେ।** ଏ କଳିଙ୍ଗା ରାଜ୍ୟ ବିଷୟରେ ଏହା ପରେ କହିବି । ପ୍ରସିଦ୍ଧ ଚାଙ୍ଗକୁଆ ମନ୍ଦିର ଗାଲୁହ ରାଜ୍ୟର ଏକ ଶ୍ରେଷ୍ଠ କୀର୍ତ୍ତି ଥିଲା ।

ଅଷ୍ଟମ ଶତାବ୍ଦୀରେ ଏହି ତିନି ରାଜ୍ୟକୁ ମିଶ୍ରଣ କରି ରାଜା ଜାମ୍ରି ସଞ୍ଜୟ ରାଜବଂଶ ପ୍ରତିଷ୍ଠା କଲେ ଓ ଏହି ସମ୍ମିଳିତ ରାଜ୍ୟର ନାମ ହେଲା **ମେଦାଙ୍ଗ ବା ମାତରମ୍** । ପୂର୍ବରୁ ମୁଁ କହିଥିବା ଆମ୍ଭ ଶୈଳେନ୍ଦ୍ର ରାଜ୍ୟର ପଡୋଶୀ ରାଜ୍ୟ ଏହି ମେଦାଙ୍ଗ ରାଜ୍ୟର ନବମ ଶତାବ୍ଦୀରେ ମହାରାଣୀ ଥିଲେ ମୋ ପିଉସୀ ନାନୀ ପ୍ରମୋଦବର୍ଦ୍ଧିନୀ ଓ ପିଉସା ଥିଲେ ମହାରାଜା ରକଇ ପିକତନ । ସେମାନେ ଥିଲେ ଶୈବ ସନାତନୀ। ଏମାନଙ୍କ ବିଷୟରେ ପୂର୍ବରୁ ମୁଁ ବର୍ଣ୍ଣନା କରିଅଛି ।

ଷଷ୍ଠ ଓ ସପ୍ତମ ଶତକରେ ତିଷ୍ଠି ରହିଥିବା କଳିଙ୍ଗା ରାଜ୍ୟ **ଯବଦେଶର ଉତ୍ତର ଭାଗରେ ଅବସ୍ଥିତ ଏକ ଶକ୍ତିଶାଳୀ ରାଜ୍ୟଥିଲା ।** ଏଥିରେ ଥିବା **କଳିଙ୍ଗାବିଶ୍ୱବିଦ୍ୟାପୀଠ** ଏକ ବିଖ୍ୟାତ ଅନୁଷ୍ଠାନ ଥିଲା । ଏଥିରେ ଯବଦେଶ ତଥା ଚୀନ ପରି ବିଦେଶରୁ ବିଦ୍ୟାର୍ଥୀ ଓ ବିଦ୍ୱାନ ଆସି ଶିକ୍ଷାପ୍ରାପ୍ତି ଓ ଗବେଷଣା କରୁଥିଲେ। ଏଠାରେ **ଚୀନ ଦେଶର ଭିକ୍ଷୁ ପଣ୍ଡିତ ହୁଇନିଂ ଓ ସେଠାକାର ବିଦ୍ୱାନ ପଣ୍ଡିତ ଜ୍ଞାନଭଦ୍ର** ମିଳିତଭାବେ ଅନେକ ବୌଦ୍ଧଗ୍ରନ୍ଥମାନଙ୍କୁ ଚୀନା ଭାଷାରେ ଅନୁବାଦ କରିଥିଲେ । **କଳିଙ୍ଗା ରାଜ୍ୟରେ ଅବସ୍ଥିତ ଥିବା ସାଗରର ନାମ ମଧ୍ୟ କଳିଙ୍ଗା ସାଗର ଥିଲା।** ଏହି ସବୁ ତଥ୍ୟ ଯବଦୀପରେ ଭାରତୀୟ ତଥା କଳିଙ୍ଗ ଶାସନର ପରିଚୟ ଦେଇଥାଏ । ଏହିପରି ଭ୍ରମଣ କରି ଆମ୍ଭେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରି ଆମ୍ଭ କର୍ମନିଯୁକ୍ତିର ସୁସମ୍ବାଦ ଶୁଣିବା ନିମିତ୍ତ ପ୍ରତୀକ୍ଷା କଲୁ । (କ୍ରମଶଃ...)

# ଡକ୍ଟର ରାଧାନାଥ ରଥ: ସାମ୍ବାଦିକତା ଜଗତର ଭୀଷ୍ମ ପିତାମହ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ – ୯୯୩୭୧୫୧୦୫୨

ବ୍ୟକ୍ତି ସମକାଳର । ବ୍ୟକ୍ତିତ୍ୱ ଚିରକାଳର । ଆଦର୍ଶ ବ୍ୟକ୍ତିତ୍ୱର ମହକ ବିଚ୍ଛୁରିତ ହୋଇପଡେ ସମାଜରୁ ରାଷ୍ଟ୍ରକୁ । ଏହିପରି ଜଣେ ଅନନ୍ୟ ଓ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥ । ଏକାଧାରରେ ସାମ୍ବାଦିକ, ସମ୍ପାଦକ, ରାଜନୀତିଜ୍ଞ, କବି, ପ୍ରାବନ୍ଧିକ, ସମାଲୋଚକ ଓ ସର୍ବୋପରି ବିଭିନ୍ନ ଅନୁଷ୍ଠାନର ପୃଷ୍ଠପୋଷକ ଭାବେ ତାଙ୍କର ଖ୍ୟାତି ସର୍ବଜନବିଦିତ । ଯଥାର୍ଥରେ -ସେ ଥିଲେ ଶତାବ୍ଦୀ ସାଧକ, ସାମ୍ବାଦିକତା ଜଗତର ଭୀଷ୍ମ ପିତାମହ ।

ଏହି ଯୋଗଜନ୍ମା ବରପୁତ୍ର ଅବିଭକ୍ତ କଟକ ଜିଲ୍ଲାର ଆଠଗଡରେ ପିତା ଜଗନ୍ନାଥ ରଥ ଓ ମାତା କମଳାଦେବୀଙ୍କ କୋଳମଣ୍ଡନ କରି ୧୮୯୬ ମସିହା ଡିସେମ୍ବର ୬ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟକାଳରୁ ସେ ଜଣେ ମେଧାବୀ ଛାତ୍ର ରୂପେ ନିଜର ସ୍ୱତନ୍ତ୍ର ପରିଚୟ ଦେଇଥିଲେ । ବାଲ୍ୟଶିକ୍ଷା ଗାଁ ଚାହାଳୀରୁ ଆରମ୍ଭ କରି ବାଲେଶ୍ୱର ଜୁବୁଲି ସ୍କୁଲରୁ ମାଇନର ପାସ୍ ପରେ ସେ କଟକ କଲେଜିଏଟ୍ ହାଇସ୍କୁଲରେ ହାଇସ୍କୁଲ ଶିକ୍ଷା ଆରମ୍ଭ କରିଥିଲେ । ଏହି ସମୟରେ ତାଙ୍କର ସହପାଠୀ ଥିଲେ ଶ୍ରୀପତି ନନ୍ଦ, କାଶୀନାଥ ମିଶ୍ର ଓ ସୁଭାଷ ଚନ୍ଦ୍ର ବୋଷ । ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲେ ବି ତାଙ୍କ ପଢିବା ପାଇଁ ସୁଭାଷଙ୍କ ପିତା ଜାନକୀ ନାଥ ବୋଷ ଓ ଭାଷାକୋଷ ପ୍ରଣେତା ଗୋପାଳଚନ୍ଦ୍ର ପ୍ରହରାଜଙ୍କ ସହଯୋଗରେ ସେ ୧୯୧୬ ମସିହାରେ ମାଟ୍ରିକ ପରୀକ୍ଷା କୃତିତ୍ୱର ସହ ପାସ୍ କଲେ। ମାତ୍ର ଉଚ୍ଚଶିକ୍ଷା ଲାଭ କରିବାର ଅଭିଳାଷ ତାଙ୍କର ସାକାର ହୋଇପାରିନଥିଲା । ଘରର ବଡପୁଅ ହୋଇଥିବାରୁ ପରିବାରର ବୋଝ ମୁଣ୍ଡାଇବା ଦାୟିତ୍ୱ ତାଙ୍କ ଉପରେ ପଡିଲା । ତେଣୁ ସେ ଚାକିରି ଖୋଜିବାରେ ଲାଗିଲେ । ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହ ତାଙ୍କ ସାକ୍ଷାତ ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା । ଗୋପବନ୍ଧୁ ତାଙ୍କୁ ଯାହା କହିଲେ - ତୁମେ ସତ୍ୟବାଦୀ ଚାଲ । ସେଠାରେ ମୋର ଗୋଟିଏ ପ୍ରେସ୍ ଅଛି । ସେଠାରୁ କାଗଜ ପ୍ରକାଶ କରିବା। ତୁମେ ସେଠାରେ ମୋତେ ସାହାଯ୍ୟ କରିବ । ଏହାପରର ଘଟଣା ଥିଲା ଯେତିକି ଘଟଣାବହୁଳ ସେତିକି ଚର୍ଚ୍ଚିତ । ଅନ୍ୟଭାବରେ କହିଲେ ରାଧାନାଥଙ୍କ ଭଳି ବହୁମୁଖୀ ବ୍ୟକ୍ତିତ୍ୱ ଉତ୍କଳମଣିଙ୍କ ଅପୂର୍ବ ଆବିଷ୍କାର ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ୧୯୧୯ ମସିହା କାର୍ତ୍ତିକ ପୂର୍ଣ୍ଣମା । ରାଧାନାଥ ସତ୍ୟବାଦୀରେ



ପହଞ୍ଚିଲେ । ଗୋପବନ୍ଧୁଙ୍କ ନିର୍ଦ୍ଦେଶରେ ସେ ସତ୍ୟବାଦୀ ତ୍ରିପାଠୀଙ୍କ ଠାରୁ ସତ୍ୟବାଦୀ ପ୍ରେସ୍‌ର ପରିଚାଳନା ଭାର ଗ୍ରହଣ କଲେ । ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ୧୯୧୯ ମସିହା ଅକ୍ଟୋବର ୪ ତାରିଖ ଦିନ ସତ୍ୟବାଦୀ ପ୍ରେସରୁ ସାପ୍ତାହିକ 'ସମାଜ' ପ୍ରକାଶ ପାଇଲା । କିଛିଦିନ ମଧ୍ୟରେ ରାଧାନାଥଙ୍କ ମାର୍ଜିତ ବ୍ୟବହାର, ସେବା ମନୋବୃତ୍ତି ଓ କାର୍ଯ୍ୟ କୁଶଳତା ସମସ୍ତଙ୍କୁ ମୁଗ୍ଧ କରିଥିଲା । କ୍ରମେ ରାଧାନାଥ ଗୋପବନ୍ଧୁଙ୍କର ଅତି ନିକଟତର ଓ ଘନିଷ୍ଠ ହୋଇପଡିଲେ। ସମ୍ପର୍କର ଏହି ଅନ୍ତରଙ୍ଗତା ଏତେ ଦୂର ଗଲା ଯେ ଏଣିକି ଗୋପବନ୍ଧୁଙ୍କ ସଙ୍ଗେ ତାଙ୍କ ନାମ ଯୋଡିହୋଇଗଲା । ଲୋକେ କହିବାର ଶୁଣାଗଲା - "ଯଥା ଗୋପବନ୍ଧୁସ୍ୟ ରାଧାନା" । ସମୟକ୍ରମେ ଗୋପବନ୍ଧୁଙ୍କର ଜଣେ ଜଣେ ସଖା, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର 'ସମାଜ'ର ସମ୍ପାଦକ ଦାୟିତ୍ୱରେ ରହିଲେ । ପରେ ପଣ୍ଡିତ ଲିଙ୍ଗରାଜ ମିଶ୍ର ଏହି କାଗଜର ସ୍ଥାୟୀ ସମ୍ପାଦକ ଭାବେ ରହିଲେ ଓ ରାଧାନାଥ ସାମୟିକ ସମ୍ପାଦକ ଭାବେ କାର୍ଯ୍ୟ ଆରମ୍ଭ କଲେ । ପଣ୍ଡିତ ଲିଙ୍ଗରାଜ ମିଶ୍ର ଓ ରାଧାନାଥ ରଥଙ୍କ ପ୍ରଗାଢ ଉଦ୍ୟମରୁ ୧୯୩୦ ମସିହା ଏପ୍ରିଲ ମାସ ୬ ତାରିଖରେ ସମାଜ ସାପ୍ତାହିକରୁ ଦୈନିକରେ ପରିଣତ ହେଲା । ଲିଙ୍ଗରାଜ ମିଶ୍ରଙ୍କ ପରେ ରାଧାନାଥ ବହୁବର୍ଷ ଧରି ସମାଜର ସମ୍ପାଦକ ରୂପେ କାର୍ଯ୍ୟ କରି ଏହାକୁ ନୂଆ ଦିଶା ଦେବାରେ ସମର୍ଥ ହୋଇଥିଲେ । ଅନ୍ୟ ଅର୍ଥରେ କହିଲେ, ଉତ୍କଳମଣି ଗୋପବନ୍ଧୁଙ୍କ ମାନସ ସନ୍ତାନ ସମାଜକୁ ଏକ ନିଆରା ମାନ୍ୟତା ଦେବାରେ ରାଧାନାଥଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଆଜିର ଦିନରେ ଦୈନିକ ଖବରକାଗଜ 'ସମାଜ'ର ସ୍ଥିତି ରାଧାନାଥଙ୍କ ନିରନ୍ତର ପ୍ରୟାସର ଫଳଶ୍ରୁତି କହିଲେ ଭୁଲ ହେବନାହିଁ ।

ରାଧାନାଥଙ୍କ ରାଜନୈତିକ ଜୀବନ ମଧ୍ୟ ବେଶ୍ ଚଳଚଞ୍ଚଳ ଥିଲା । ୧୯୪୬ ମସିହାରୁ ୧୯୭୭ ମସିହା ପର୍ଯ୍ୟନ୍ତ, ୧୯୬୧-୬୭କୁ ଛାଡି ସମସ୍ତ ନିର୍ବାଚନରେ ଆଠଗଡ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ସେ ଜଣେ ଉଚ୍ଚକୋଟୀର ବ୍ୟବସ୍ଥାପକ ଥିଲେ । ମନ୍ତ୍ରୀ ଥିବା ବେଳେ ମଧ୍ୟ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ବିଧାନସଭା ଗୃହରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରୁଥିଲେ । ୧୯୫୨ ମସିହାରୁ ୧୯୫୭ ମସିହା ପର୍ଯ୍ୟନ୍ତ ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ ସେ ଅର୍ଥ ଓ ଶିକ୍ଷା ମନ୍ତ୍ରୀ ଥିଲେ । ଅର୍ଥମନ୍ତ୍ରୀ ହିସାବରେ ସେ ୧୯୫୨-୫୩ ମସିହାର ବଜେଟ୍ ଆଗତ କରିଥିଲେ । ଶିକ୍ଷାର ବିକାଶ ପାଇଁ ସେହି ବଜେଟରେ ଓଡିଶାରେ ଏକ ହଜାର ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ବ୍ୟବସ୍ଥା ଥିଲା । ସେହିପରି ୧୯୫୭ ମସିହାରୁ ୧୯୬୫ ମସିହା ପର୍ଯ୍ୟନ୍ତ ଡଃ ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଥମେ ଜଙ୍ଗଲ ବିଭାଗର ମନ୍ତ୍ରୀ ହେଲେ । ଓଡିଶାରେ ଚିଡିଆଖାନାର ଅଭାବ ଉପଲବ୍ଧି କରି ବାରଙ୍ଗ ନିକଟସ୍ଥ ନନ୍ଦନକାନନ ଠାରେ ପ୍ରାକୃତିକ ପରିବେଶ ମଧ୍ୟରେ ଚିଡିଆଖାନା କଲେ ଓ ପରେ ଉଦ୍ଭିଦ ବିଜ୍ଞାନ ଉଦ୍ୟାନ କରାଯାଇ ଏହାର ପରିବେଶକୁ ଆହୁରି ସରସ ସୁନ୍ଦର କରାଯାଇଥିଲା । ଏହା ବର୍ତ୍ତମାନ ଓଡିଶାର ଜନସାଧାରଣଙ୍କ ପାଇଁ ଚିତ୍ତବିନୋଦନ କେନ୍ଦ୍ରରେ ପରିଣତ ହୋଇଛି । ୧୯୫୯ ମସିହାରେ ସେ ଓଡିଶାର ବିକାଶ ବିଭାଗ ମନ୍ତ୍ରୀ ଥିବାବେଳେ ଓଡିଶାର ସାମଗ୍ରିକ ବିକାଶ ସହ କୃଷି ଓ କୃଷିଶିକ୍ଷାର ଉନ୍ନତି ପାଇଁ ଭୁବନେଶ୍ୱର ଠାରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ।

ରାଧାନାଥ ରଥ ନିଜର ଦୀର୍ଘ ଜୀବନ ଅବଧି ମଧ୍ୟରେ ବହୁ ପଦପଦବୀରେ ଅଧିଷ୍ଠିତ ଥିଲେ । ବହୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହେବା ତାଙ୍କ ବହୁମୁଖୀ ପ୍ରତିଭାର କଥା କହେ । ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ୧୯୬୭ ମସିହାରେ ସେ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ । ଏତଦ୍ ବ୍ୟତୀତ ୧୯୬୮ ମସିହାରେ ରାଷ୍ଟ୍ରପତିଙ୍କ ଠାରୁ ପଦ୍ମଭୂଷଣ, ୧୯୭୬ ମସିହାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟର ଅଫ୍ ଲ, ୧୯୮୫ ମସିହାରେ ଶ୍ରେଷ୍ଠ ସାମ୍ବାଦିକ ରୂପେ ବ୍ରିଟିଶ ସର୍କଲ ଅଫ୍ ଇଣ୍ଡିଆ ପୁରସ୍କାର ଓ ୧୯୯୩ ମସିହାରେ ଉତ୍କଳ ରତ୍ନ ପୁରସ୍କାର ପାଇଥିଲେ । ପ୍ରକୃତରେ ସେ ଥିଲେ ଏକ ଫଳନ୍ତି ବୃକ୍ଷ ଯାହାଙ୍କୁ ଗର୍ବ କି ଅହଂକାର ସ୍ପର୍ଶ କରିନଥିଲା ।

ମଣିଷ ବିରହେ ତାର ଯଶ-କୀର୍ତ୍ତିକୁ ନେଇ ଯାହାକୁ ନିଜ ଜୀବନରେ ପ୍ରକଟିତ କରିପାରିଥିଲେ ଡକ୍ଟର ରାଧାନାଥ ରଥ । ଆଜି ସେ ଆମ ଗହଣରେ ନାହାନ୍ତି । ୧୯୯୮ ମସିହା ଫେବୃୟାରୀ ମାସ ୧୨ ତାରିଖରେ ସେ ଚାଲିଯାଇଛନ୍ତି ଅଫେରା ରାଇଜକୁ । କିନ୍ତୁ ଓଡିଆ ଜନମାନସରେ ସେ ଏବେବି ସ୍ମରଣୀୟ ହୋଇ ରହିଛନ୍ତି ଓ ରହିଥିବେ ମଧ୍ୟ ।

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

## ଖଣିଜ ଲୁହ

**ପ୍ରୀତିକ୍ରିଷ୍ଟା ସାହୁ**



ଦିନେ ଝରିପାରୁନଥିବା
ଲୁହମାନଙ୍କ ପାଇଁ କବରଟେ
ଖୋଳିଲି ନିଛାଟିଆରେ,
କାଳେ କିଏ ତା' ଠିକଣା
ଠଉରାଇନେବ ବୋଲି,
ଖିଲିଖିଲି ହସର ଛ'ଧାଡ଼ି ମଞ୍ଜି ବୁଣି
ଢାଙ୍କିଦେଲି ଉପରେ ଦୁଇଟି ଧାରୁଆ ଓଠ ।

କ୍ୟାଲେଣ୍ଡର ପୃଷ୍ଠାର
କେଇଘର ଡେଇଁଲା ପରେ
ଓଠ ସନ୍ଧିରୁ ଉଠୁରିଲେ ଗଜା
ଆଉ ଗଜାରୁ ମୁଣ୍ଡ କାଢ଼ିଲେ ପତ୍ରମାନ,
ବେଳକୁ ବେଳ ମାଧ୍ୟାକର୍ଷଣର
ବିରୋଧରେ ଯାଇ ଉଙ୍କିମାରିଲେ ଶାଖା ପ୍ରଶାଖା
ପୁଣି ଫୁଟିଲେ ଖିଲିଖିଲି ହସର ଫୁଲଗଣ ।

ବୋଧେ ସେଇ ହସର ମାୟାରେ
ଭିଡ଼ିହୋଇ ଆସିଲେ ମହୁମାଛି ଦଳେ
କେଜାଣି କେଉଁ ବେଦରଦୀ ବସ୍ତିରୁ,
ଶୋଷିଲେ.. ଶୋଷିଲେ.. ଖୁବ୍ ଶୋଷିଲେ
ପାରୁପର୍ଯ୍ୟନ୍ତ ଭିଡ଼ି ଓଟାରି ଝୁଣି ଚାଲିଲେ
ଶେଷ ଝାଳ ବୁନ୍ଦିକ ନିଗିଡ଼ି ନପଡ଼ିବା ଯାଏଁ ଦେହରୁ ।

ହେଲେ.. ହେଲେ ମହୁ କାହିଁ ?
କାହିଁ ସେ ମତୁଆଲା ସୁଆଦ
ଯେଉଁଟା ଦୂରରୁ ଆକର୍ଷିତ କରି
ଟାଣିଆଣିଲା ଏଯାଏଁ ଏମିତି ବିକଳରେ,

ଯା'ର ତ ପ୍ରତିଟି ପାଖୁଡ଼ା ଲବଣାକ୍ତ
କବର ତଳର ଖଣିଜ ଲୁହରେ.. !

*ନରସିଂହପୁର, କଟକ*
*ମୋ-୯୩୩୭୫୭୧୮୪୦*

## ଜରାଜୀର୍ଣ୍ଣ ଅତୀତ

**ସୁକାନ୍ତ ସମର୍ଥା**



ଅତୀତ ମୋ ନଥିଲା
ଏକ ଭବ୍ୟ ଅଟ୍ଟାଳିକା
ସାଇତି ରଖିବାକୁ
ସୁସଜ୍ଜିତ ସୁରମ୍ୟ ଗାରିମା ସ୍ମୃତି,
ଜରାଜୀର୍ଣ୍ଣ ଜୀବନରେ
ଆଧିପତ୍ୟ ଥିଲା
ଦୁର୍ଦ୍ଧର୍ଷ ଆକ୍ରମଣକାରୀଙ୍କର
ଅହରହ ଅହଙ୍କାର ଆକ୍ରମଣ,
ନା ଥିଲା କିଛି ଅମୂଲ୍ୟ ସମ୍ପଦ
ଲୁଣ୍ଠନ କରିବାକୁ
ମୋ ଅର୍ଜିତ ନିସ୍ୱ ରାଜକୋଷରୁ,
ନା ଥିଲା ଉନ୍ନତିମୂଳକ ଉଦେଶ୍ୟ
ମୋ ଭଗ୍ନ ଭାଗ୍ୟ ଅଟାଳିକାକୁ
ସୌଭାଗ୍ୟ ସୁସଜ୍ଜିତ
ଗଢି ତୋଳିବାକୁ...

## ଇଚ୍ଛାମତେ



**ଶରତ ଦାଶ**

ଇଚ୍ଛାର ଅଶ୍ୱରେ ବସି
ଧାଇଁବା ଶୂନ୍ୟରେ
ନୁହେଁ କେବେ ଆନନ୍ଦର ଖେଳ
ଇଚ୍ଛା ହେଉ ଯୁକ୍ତିଯୁକ୍ତ
ନୋହୁଁ କା'ର କଷଣ ଆଧାର ॥

ତୁମ ଇଚ୍ଛାମତେ ଏଠି
ହେବନାହିଁ ଘଟଣା ପ୍ରବାହ
ସୂର୍ଯ୍ୟ ଚନ୍ଦ୍ର ହେବେନାହିଁ
କେବେହେଲେ ତୁମ ଆଜ୍ଞାବହ ॥

ନିଜ ଇଚ୍ଛା ନିଜ ଆଶା
ନିଜପାଖେ ରଖ ସଯତ୍ନରେ
ଲଦି ଦିଅନାହିଁ ତା'କୁ
ଅନ୍ୟ କାହା ଉପରେ ବାଧରେ ॥

ଇଚ୍ଛାର ନଦୀକୁ ରଖ
ଶାନ୍ତ କାନ୍ତ ସୁଧାର ଶୀତଳ
ଆଶା ଆକାଂକ୍ଷା ପବନ
ବାତ୍ୟାହୋଇ ନ ରଚୁ ପ୍ରଳୟ ॥

ପର ଇଚ୍ଛା ପାଇଁ ରହୁ
ଅନ୍ତରରେ ସର୍ବଦା ସମ୍ମାନ
ଆପଣା ଇଚ୍ଛା-ବନ୍ୟାରେ
ନ ଭସାଅ ଆଉ କାହା ପ୍ରାଣ ॥

ଇଚ୍ଛାର ଅଶ୍ୱରେ ଲାଗୁ
ବିବେକର ଅମୋଘ ଚାବୁକ
ଆଶା ହେଉ ପୂଣ୍ୟତୋୟା
ବୁଝିପାରୁ ଅପରର ଦୁଃଖ ॥

ଅଧର ନକହୁ ଭାଷା
କରିବାକୁ ଅନ୍ୟକୁ ଆଘାତ
ମିଥ୍ୟାର ବଳୟ ମଧ
ନୋହୁଁ କେବେ ସତ୍ୟ ଲୁକ୍‌କାୟିତ ॥

ଆୟତ୍ତ କରିବା ଆସ
ଅମାନିଆଁ ମନର ଅଶ୍ୱକୁ
ଆଶା ଆକାଂକ୍ଷାର ସ୍ରୋତେ
ନ ଭସାଇ ନିଜ ବିବେକକୁ ॥

ନିଜ ପାଇଁ ବଞ୍ଚୁ ବଞ୍ଚୁ
ପରପାଇଁ ନହେବା ବାଧକ
ନିଜ ସୁଖ ପାଇଁ କେବେ
ଦେବାନାହିଁ କା ହୃଦୟେ ଦୁଃଖ ॥

*ଭୁବନେଶ୍ୱର*

## ପ୍ରଭୁଙ୍କୁ ତଲବ

**ସିଦ୍ଧାର୍ଥ ମିଶ୍ର**

ଏମିତି ଅଛି କିଛି ବ୍ୟାଧି,
ଯା ପାଇଁ ନାହିଁ ଅଉଷଧି ।୧

ହୁଏନି କହି କଷ୍ଟ କାରେ,
ନାହିଁ ଯେ ସମାଧାନ ତାରେ ।୨

କି ଲାଭ କପାଳେ ସମ୍ପିଲେ,
ବିନା କାରଣେ ଯେ ଭୋଗିଲେ ।୩

ଆଜନ୍ମ ପଙ୍ଗୁ ହେଲା ଯିଏ,
ତା କେଉଁ କର୍ମଫଳ ଇଏ ।୪

ଯେତେ ବା ପ୍ରବୋଧିଲେ ମନ,
ପାରୁନି ହୋଇ ଯେ ପ୍ରସନ୍ନ ।୫

ଏମିତି ଅଛି କେଉଁ ଜୀବ,
କ୍ଳେଶ ଲଭି ବି ଖୁସି ଥିବ ।୬

ପ୍ରାରବ୍ଧ ଦୁର୍ବୋଧ ମୋପାଇଁ
ପୂର୍ବ ଜନମ ଜଣା ନାହିଁ ।୭

ପ୍ରଭୁଙ୍କୁ ତଲବ କରୁଛି,
ଏ ଦୁଃଖ କି ପାଇଁ ମିଳୁଛି ।୮

*ଆର୍ଯ୍ୟପଲ୍ଲୀ, ଭୁବନେଶ୍ୱର*
*ମୋ-୭୮୫୫୮୮୫୦୮୨*



## କାହାକୁ କହିବିନି ଲେଖୁଛି କବିତା

**ଅସୀମା ପ୍ରଧାନ**



କାହାକୁ କହିବିନି ଲେଖୁଛି କବିତା
କାଳେ କହିଦେବ କିଏ...
ଅବିସ୍ମର ଅତୀତର ସ୍ମୃତି ଇଏ
ଅନନ୍ତ ପିପାସାର କାମନା ଇଏ
ଯାତନା ଜର୍ଜରିତାର ମୂର୍ଚ୍ଛନା ଇଏ ॥
ବିଦ୍ରୋହିଣୀର ବାର୍ତ୍ତା ଇଏ
ସମାଜ ବିଧ୍ୱଂସିନୀର ସନ୍ଦେଶ ଇଏ
ନକାରାତ୍ମକ ଚିନ୍ତାଧାରା ଇଏ ॥
ବିରହୀ ପ୍ରେମିକାର ଭାଷା ଇଏ
ପଶ୍ଚାତାପେ ବିଦଗ୍ଧର ଧ୍ୱନି ଇଏ
ଭଙ୍ଗୁର ହୃଦୟର କୋହ ଇଏ ॥
ଦୁର୍ଗମ ପଥରେ ଦୁଃସ୍ଥ ଯାତ୍ରୀର ଆତ୍ମଜୀବନୀ ଇଏ
ଆତ୍ମଗର୍ବିର ଆତ୍ମପ୍ରସଂଶା ଇଏ
ଭଙ୍ଗା ମନର ଆତ୍ମକଥା ଇଏ ॥
ଯେହେତୁ ଅବଳା, ଦୁର୍ବଳା, ସରଳା
ମାପିଚୁପି ଚାଲିବାକୁ ହୁଏ ॥

*ବୀରମହାରାଜପୁର, ସୁବର୍ଣ୍ଣପୁର*

## ଉଦାରତା

**ଅନସୂୟା ପଣ୍ଡା**

**ଆକାଶ**
ଉଦାରତାର ପ୍ରଶସ୍ତ ଚାନ୍ଦୁଆଟିଏ
ବିସ୍ତରିଥାଏ ନିର୍ମାୟା ନିଷ୍କପଟରେ
ଅକ୍ଷାଂଶରୁ ଦ୍ରାଘିମା ବିନା ଦ୍ୱିଧାରେ
ଜାତି ବର୍ଣ୍ଣ ଧନୀ ଦରିଦ୍ର ଉଦ୍ଭିଦ ପ୍ରାଣୀ
ପ୍ରବୃତ୍ତି ଗତ ତାରତମ୍ୟକୁ ଅଗ୍ରାହ୍ୟ କରି,
ସବୁରି ଉପରେ ବଦାନ୍ୟତାର ବିଭୁତି ବରଷି ।

**ପବନ**
ବାରଣ ନଥାଏ ବସ୍ତି ଘାଟ ପଥ ତୁଠ
ସବୁଆଡେ ସଞ୍ଚାରି ଦିଏ ତା' ପୁଲକିତ ଓଠ
ଉଦାରତାରେ ଛୁଇଁଯାଏ ସବୁକୁ ଭୁଲି ଭେଦଭାବ
ପ୍ରାଣରେ ପ୍ରଣବ ମନ୍ତ୍ର ପରି ତୋଳି ସ୍ପନ୍ଦିତ ସ୍ୱର

**ପୃଥିବୀ**
ଯାତନା କଷଣ ଯେତେ ଗିଳି ପକାଏ
ପରିତୃପ୍ତିର ପରଶ ବାଣ୍ଟୁଥାଏ
ସାଦରେ ମହ ମହ ବାସ୍ନାରେ
ଅଣଦେଖା କରିଦିଏ ଅନସୂୟାରେ
ସାରା ଭୁଲ୍ କୋଳେଇ ନିଏ
ସ୍ନେହର ରଙ୍ଗ ବୋଲି ଆପଣା ପଣରେ
କରେ ଆଲିଙ୍ଗନ ଅତି ଯତ୍ନରେ
ମୁହଁ ପୋଛି ଦେଇ ଉଦାର ପଣତରେ ।

**ନାରୀ**
ଅନନ୍ୟା ଅନୁନୟା ଜୀବନ ନଦୀରେ
ଝଟକୁଥାଏ ଚଳଚଞ୍ଚଳ ପରିବାର ସିସୃକ୍ଷାରେ
ସେ ଅପରୂପା ଉଦାରତାର ଅକ୍ଷୟ ପାତ୍ରରେ
ବାଣ୍ଟିଚାଲେ ଆବେଗର ସୁଭୂତି ତମିସ୍ରାରେ
ପଦ୍ମବନ ଗଢୁଥାଏ ସ୍ୱପ୍ନିଳ ମନର ତୀରେ ।

*ବୁର୍ଲା, ସମ୍ବଲପୁର*
*ମୋ-୯୪୩୯୨୧୧୯୭୧*



## ମେଦିନୀର ଆର୍ତ୍ତନାଦ

**ଦୀପିକା ହୋତା**



ପରିବର୍ତ୍ତନ ଦୁନିଆଁ ଭିତରେ
ମାଟି ପାଣି ପବନ ସବୁଠି ନୂଆଁ
ପୁରୁଣାର ଚିହ୍ନବର୍ଣ୍ଣ ନାହିଁ
ଖୋଜୁଛି ମେଦନୀ ପୁରୁଣା ଦିନକୁ
କାଦୁଆ ସରସର ରାସ୍ତା
ସୁନ୍ଦର ସରିତ ତଟିନୀ ଖେଦ
ଶିତଳ ନିରିମଳ ସକାଳ ॥

କିନ୍ତୁ ପାଉନି କିଛି,
ପାଉଛି କଂକ୍ରିଟ ରାସ୍ତାର ଉତ୍ତାପ
ଧୁଆଁ ଧୂଳିର ବାଦଲ
ଅସ୍ତବ୍ୟସ୍ତ ହେଇ ଚିତ୍କାର କରିଛୁ
ଶୁଣୁନି ତା ଔରସରୁ ଜାତ ଦାୟଦ ॥

ଦେଇଛି ସର୍ବସ୍ୱ, ପାଇନି କିଛି
ପାଇଛି କେବଳ କଷ୍ଟ ଦୁଃଖ ବିଷାଦ
ତଥାପି ଆପତ୍ତି ଅଭିଯୋଗ କରିନି
ଚିତ୍କାର କରୁଛି ପରିବର୍ତ୍ତନକୁ ଦେଖି
ଶୁଣିବାକୁ କେହି ନାହାଁନ୍ତି
ମେଦିନୀର ଦରଦ ଭରା ଆର୍ତ୍ତନାଦ ॥

*ନୂଆପଡ଼ା*

## ଅଯଥା ପ୍ରୟାସ

**ବନଜା ବିଶ୍ୱାଳ**



ମିଛ ମନଲୋଭା ସୁନ୍ଦର ପୋଷାକ,
ସଭିଙ୍କର ମନ ମୋହେ ।
ସତ୍ୟଟା ଯେ ଲଙ୍ଗଳା ନୀରସ,
ନାହିଁ କେବେ ଦେଖିବା ସାହସ ।
ସତ୍ୟ କହିବାର ଅନୁମତି ନାହିଁ,
ମିଛ ପ୍ରତାଡ଼ନା ସହି ହୁଏ ନାହିଁ ।

ମିଛ ବାଲିଘର ମାୟାର ସଂସାର,
ରଚିବାରେ ବ୍ୟସ୍ତ ଏ ମଣିଷ ମାତ୍ର ।
ଜଣା ନଥାଇ ବି ଜୀବନର ଲୀଳା,
ରଚୁଛି ନିଇତି ମିଛ ଖୁସି ବେଳା ।
ପ୍ରତିଟି ନିଶ୍ୱାସ ବିଧାତାର ଖେଳ,
ଜାଣିବି ଅଜଣା ଅଭିନୟ କରେ ।

ମିଛ ମରୀଚିକା ସୁନ୍ଦରୀ ନାୟିକା,
ମନ ଭୁଲାଣିଆ ସବୁ ପ୍ରହେଳିକା ।
ଧାଉଁଥାନ୍ତି ସବୁ କେଜାଣି କାହିଁକି,
ସୁନ୍ଦର ମିଛକୁ ଆବରଣ ଦେଇ ।
ସତ୍ୟ କରିବାକୁ ମିଛ କାହାଣୀକୁ,
ଅଯଥା ପ୍ରୟାସ, ଅଯଥା ପ୍ରୟାସ ।

*ଭାଣପୁର, ଗୋପାଳପୁର,*
*କଟକ-୭୫୩୦୧୧*
*ମୋ-୮୧୪୪୫୫୭୪୬୧*

## ସାଇତା ଅତୀତ

**ପ୍ରଶାନ୍ତ କୁମାର ନାୟକ**



ଯେତେ ଚେଷ୍ଟାକଲେ ଭୁଲିହୁଏ ନାହିଁ
ଅତୀତର ଇତିହାସ,
ମନେପଡେ ଯେତେ ତାଜାହୁଏ ସେତେ
ପ୍ରେମରେ ପ୍ରାପତ କ୍ଷତ ॥

ସେ ଅତୀତ ଅଟେ ମୃତପ୍ରାୟ ସତେ
ତଥାପି ଦିଏ ସେ କଷ୍ଟ,
ବିତି ଯାଇଥିବା ମିଠା ଅନୁଭୂତି
କ୍ଷତକୁ କରେ ଜୀବିତ ॥
ତଥାପି ସାଇତା ସେ ଅତୀତ ଆଜି
ତା'କୁ ଭୁଲିବାଟା କଷ୍ଟ,
ଭୁଲି ନପାରିଲେ ଭାରି ଦୁଃଖଲାଗେ
କରିଚାଲେ କେତେ ଅନିଷ୍ଟ ॥
ଭିଜିବାକୁ କାଇଁ ପ୍ରେମର ବର୍ଷାରେ
ଏତେ ମଜାଲାଗେ କୁହ,
ମନ ବୁଝେନାହିଁ ଯେତେ ଭିଜିଲେବି
ଇଏ କି ଅଜଣା ମୋହ ॥

*ୟୁନିଟ୍- ୦୫, ଭୁବନେଶ୍ୱର*
*ଫୋନ୍-୮୨୪୯୬୫୦୪୧୪*

## ଶୀତ ଏବେ କାନ୍ଧେଇ ହେବ

**ଧ୍ରୁବ ଚରଣ ଘିବେଲା**

ହେମନ୍ତ କାଳରେ
ଶୀତ ଥାପୁଛି ପାଦ
ସହରଠୁ ଗାଆଁରେ ବେଶି
ମାଳ ଇଲାକା
ଗାଆଁମାନଙ୍କରେ ତ
ଶୀତ ଖାଲି ପାଦ ଥାପେନି
ଛମଛମ ନାଚେ ।
ଶୀତ କୁନି ଝିଅଟେ ଭଳି
କାନ୍ଧେଇ ହେବ
ଏମିତି ଯେ
ଆଉ ଓହ୍ଲେଇବାର
ନାଆଁ ଧରିବନି
ତମାମ ଶୀତ କାଳଟା ଯାକ ।
ଶୀତ କାନ୍ଧେଇବାର କଷଣ
ଲଭିବେ ସଭିଏଁ
ଶୀତଲୁଗା ବି ପଡ଼ିବ ନିଅଣ୍ଟ ।
ଏବେ ସମସ୍ତଙ୍କୁ
ଶୀତକୁ କାନ୍ଧେଇବାକୁ ହେବ
ଇଚ୍ଛା କଲେ ବି ଶୀତକୁ
କାନ୍ଧରୁ କେହି ବି
ଓହ୍ଲେଇ ପାରିବେନି
ଯେତେ ଚେଷ୍ଟା କଲେ ବି
ହଁ, ଇଚ୍ଛାମତୀ ଶୀତ
ନିଜେ ଇଚ୍ଛା କଲେ ହିଁ
ଓହ୍ଲେଇ ପାରେ
ନ ହେଲେ ନାହିଁ
କାନ୍ଧେଇ ହୋଇ ସେମିତି ରହିଥିବ
ତମାମ ଶୀତକାଳଟା ଯାକ
ତା'ର ଇଚ୍ଛା ଥିବା ପର୍ଯ୍ୟନ୍ତ ।

*ବଉଦରାଜ-୭୬୨୦୧୪, ବୌଦ୍ଧ*
*ମୋ-୯୪୩୭୪୭୮୪୬୬*



## ଆଗୋ ଚିତ୍ରଲେଖା

**ରାହାସ କୁମାର ବେହେରା**

ତୁମେ ଚିତ୍ରଲେଖା ରୂପ ଆଇନାରେ
ଜ୍ୟୋସ୍ନାର ଜୁଆର ଉଠେ,
ଭିଜଇ ମୁଁ ସେଠି ଆଙ୍କେ ପ୍ରତିକୃତି
ଚନ୍ଦ୍ରଭାଗା ସିନ୍ଧୁ ତଟେ ।

ନୁହଁଇ ମୁଁ ଶିଳ୍ପୀ ନିହାଣ ମୁନର
କଳ୍ପନାରେ ଗାର ଟାଣେ,
ମୋନାଲିସା ହସ ବାଲୁକାରେ ଭରି
ନିତ୍ୟ ସ୍ମୃତି ଚିତ୍ତେ ଗୁଣେ ।

ତୁମ ଅବୟବ ବିସ୍ମିତ କୋଣାର୍କ
ନର୍ତ୍ତକୀର ଅଙ୍ଗଭଙ୍ଗୀ,
ଗଢି ତୋଳି ଧରେ ରୁଚ୍ୟ ପ୍ରତିବିମ୍ବେ
ବିଚ୍ଛେଦକୁ କରି ସଙ୍ଗୀ ।

ନୟନେ କଜ୍ଜଳ ଅନ୍ଧାର ରାତିର
ଭାବନାରେ କହେ କଥା,
କେଶରାଶି ଶୋଭା ଅତି ମୁଲାୟମ
ଆଉଁଷିଲେ ହରେ ବ୍ୟଥା ।

ତାରା ଫୁଲ ଆଣି ପିନ୍ଧା ବାସେ ଟାଣି
ଝଲସାଏ ଯଉବନ,
ଶମ୍ବୁକ ମୁକ୍ତାରେ ସଜାଏ ଶରୀର
ଭିଜିଯାଏ ତନୁ ମନ ।

ଭାବନାରେ ଲାଗ ଜୀବନ୍ତ ପରାୟ
ଇଶାରାରେ ଦେଲେ ଛୁଇଁ,
ଭଲ ପାଇବା ମୋ ଶାଶ୍ୱତ ମଧୁର
ଚନ୍ଦ୍ରମା ଆସିଲେ ଉଇଁ ।

ଆଖିର ଇଶାରା ପାଦର ନୂପୁର
ମହୋଦଧି ତରଙ୍ଗରେ,
ଗାଏ ପ୍ରେମ ଗୀତ ସୁନ୍ଦର ଆଳାପ
ଅତି ଭାବୁକ ଢଙ୍ଗରେ ।

ତୁମେତ ଶୂନ୍ୟରେ ମୋ ହୃଦ ଦୁଆରେ
ସାଧବ ବୋହୂଟି ପରି,
ଅତି ମ୍ରିୟମାଣ ବାଲୁକା ସୁନ୍ଦରୀ
ହସୁଅଛ କିରି କିରି ।

ଭାବନା ରାଇଜେ ତୁମେତ ଅପ୍ସରୀ
ଆଉ କିଏ ତୁମ ସରି,
ଦେଖୁଥିଲେ ବସି ମନ ହୁଏ ଚୋରି
ଅଭିମାନ ଯାଏ ମରି ।

*ବାଲ୍ୟମା, ଭାପୁର, ଢେଙ୍କାନାଳ-୭୫୯୦୧୫*
*ମୋ-୯୪୩୮୧୧୪୩୬୮*



**ଡ. ଚନ୍ଦ୍ରକଳା ନାୟକ**



## ହାତଗୁଞ୍ଜା

ମନୁ- ବାପା ମାଆଙ୍କ ଏକମାତ୍ର ସନ୍ତାନ । ଘରର ସବୁ କଥାକୁ ସେ ନୀରବରେ ଶୁଣୁଥାଏ । ବାପା ମାଆଙ୍କ କାର୍ଯ୍ୟଧାରାକୁ ସେ ଅନେକ ସମୟରେ ତର୍ଜମା ବି କରେ । ଛୋଟ ପିଲା ହେଲେ ବି ତା ଭିତରେ ଗଭୀର ଐଶ୍ୱରୀୟ ଶକ୍ତି ରହିଛି । ମନୁ ପିଲାଟି ଦିନରୁ ଈଶ୍ୱର ବିଶ୍ୱାସୀ । ଘରର ପରିବେଶରେ ଅନେକ ସମୟରେ ତା ନିରୀହ ମୁହଁରେ ଅନେକ ଗୁଡିଏ ଅସମାହିତ ପ୍ରଶ୍ନ ଉଙ୍କି ମାରୁଥାଏ । ମନୁର ବାପା ମାଆଙ୍କ ପ୍ରତି ମଧ ଅନେକ ସମ୍ମାନ । ପିଲାଟି ଦିନରୁ ସେ ବାପାଙ୍କୁ ଦେଖିଛି, ନିଜର ସଫଳତା ପାଇଁ ସେ କେମିତି ଅନ୍ୟକୁ ପ୍ରଭାବିତ କରିଥାନ୍ତି । ବଡ଼ ଲୋକଙ୍କ ଠାରୁ କାମ ହାସଲ କରିବାକୁ ହେଲେ, କିଛି ହାତଗୁଞ୍ଜା ଦେବାକୁ ହୁଏ, ସେ କଥା ବି ମନୁ ବୁଝିସାରିଥିଲା । ଦଶହରା ପାଖେଇ ଆସୁଥାଏ । ଆଉ ମାତ୍ର ୧୫ ଦିନ ସମୟ । ସେଦିନ ରାତ୍ରି ଭୋଜନ ସମୟରେ ଡାଇନିଂ ଟେବୁଲରେ ବାପା ମାଆ କଥା ହେଉଥିଲେ ସହରର ପ୍ରଖ୍ୟାତ ବାବା ସଦାନନ୍ଦ ବ୍ରହ୍ମଚାରୀ ଆସୁଛନ୍ତି । ମାଆ କହୁଥିଲେ ଆମ କଟକ ସହରରେ କୃପା ବର୍ଷା କରିବାକୁ ତାଙ୍କର କାଳେ ଆଗମନ ହେଉଛି । ମନୁ ସେଦିନ ରାତିରେ ଶୁଣୁଥିଲା, ବାପାଙ୍କ କାର୍ଯ୍ୟରେ କିଛି ସମସ୍ୟା ଚାଲିଛି । ତାର ଏକ ସ୍ଥାୟୀ ସମାଧାନ ପାଇଁ ସେ ବାବାଙ୍କ ପାଖକୁ ଯିବାକୁ ସ୍ଥିର କରିଛନ୍ତି । ମନୁର ବାପା ଯାହା କୁହନ୍ତି, ତା ମାଆର ପୂର୍ଣ୍ଣ ସମର୍ଥନ ସେଥିରେ ଥାଏ । ସକାଳୁ ସକାଳୁ ବାପା ମାଆ ଦୁଇଜଣ ପ୍ରସ୍ତୁତି ଆରମ୍ଭ କଲେ । ବାବାଙ୍କୁ ଦେଖା କରିବାକୁ ଓ କୃପା ପାଇବାକୁ ଗୋଟିଏ ଲଫାପାରେ କୋଡିଏ ହଜାର ଟଙ୍କା ପୁରାଇ ରଖିଲେ । ମନୁ ଏସବୁ ଦୃଶ୍ୟକୁ ଖୁବ୍ ଦୂରରୁ ଦେଖୁଥାଏ । ମନୁ ଜାଣେ ତାର ବାପା ଜଣେ ବଡ ଠିକାଦାର । ଅନେକ ବଡ଼ ବଡ଼ ଅଫିସର ମାନଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ଦେଇ କାମ ଆଦାୟ କରିବାରେ ସେ ଓସ୍ତାଦ । ଟେଣ୍ଡରଟିଏ ପାସ୍ କରିବା ପାଇଁ ବଡ଼ ବାବୁମାନଙ୍କୁ ସୁନାର ଉପହାର ଦିଆଯିବା ବି ସେ ଜାଣିଛି । ତଥାପି ବାପାଙ୍କ ପଚାଶ ଲକ୍ଷ ଟଙ୍କାର ବିଲ୍ ଦପ୍ତରରେ ପଡି ରହିଥିବାରୁ ସେ ବିବ୍ରତ ହୋଇ ବାବା ସଦାନନ୍ଦଙ୍କ ଆଶୀର୍ବାଦ ଚାହୁଁଛନ୍ତି । ବାପା, ମାଆ କଥା ହେଉଥିଲେ, ବ୍ରହ୍ମଚାରୀ ସଦାନନ୍ଦଙ୍କର କାଳେ ଅପାର ମହିମା ରହିଛି । ବାବା କାଳେ ସବୁ ସମସ୍ୟାର ସମାଧାନ ସ୍ୱଳ୍ପ ସମୟ ଭିତରେ କରିପାରନ୍ତି । ମାଆ, ବାପାଙ୍କ କଥାରେ ସର୍ବଦା ସହଯୋଗ କରେ । ଭଲ ମନ୍ଦର ବିଚାର କରେନା । ମନୁ ମନେ ମନେ ରାଗରେ ଲାଲ ପଡି ଯାଏ । ପନ୍ଦର ବର୍ଷର କୋମଳମତୀ ମନୁ ଏ ଅନ୍ଧ ବିଶ୍ୱାସକୁ ଗ୍ରହଣ କରିପାରେନାହିଁ । ଈଶ୍ୱରଙ୍କ ଉପରେ ଭରସା ନକରି ଗୋଟେ ସାଧାରଣ ବାବା ଉପରେ ଏତେ ଆସ୍ଥା ? ସବୁ ଜାଣି ବି କିଛି ପ୍ରତିକ୍ରିୟା ଦେଇ ପାରେନା ମନୁ । ଠିକ୍ ତା ପରଦିନ ସକାଳୁ ସକାଳୁ ମନୁର ମାଆ ନିତ୍ୟକର୍ମ ସାରି ବାବାଙ୍କ ପାଖକୁ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ । ସାରା ସହରଟା ଯେମିତି ଚଳଚଞ୍ଚଳ ହୋଇ ଉଠିଥିଲା । ମନୁକୁ ସାଙ୍ଗରେ ଧରି, ମାଆ ବ୍ୟାଗ୍‌ରେ ଟଙ୍କା ଥିବା ଲଫାପା ପୁରାଇ ବାବାଙ୍କ ପାଖକୁ ବାହାରିଲେ । ମନୁ ଦୂରରୁ ଦେଖୁଥିଲା, ବାବାଙ୍କ ଶିବିରରେ ଶହ ଶହ ଲୋକଙ୍କ ଭିଡ ଜମିଥାଏ । ସେସବୁ ଦେଖି ମନୁ ହତବାକ୍ ହୋଇଗଲା । କିଛି ସମୟ ପରେ ମାଆ ଶିବିର ଭିତରକୁ ଯାଇ, ବାବାଙ୍କ ପାଖରେ ଥିବା ବ୍ୟକ୍ତିଙ୍କୁ ଲଫାପାଟି ବଢାଇ ଦେଲେ । ବାବାଙ୍କ ଠାରୁ କିଛି ବିଭୂତି ସାଙ୍ଗରେ ଆଣି ସବୁ ସମସ୍ୟା ସମାଧାନର ବିଶ୍ୱାସକୁ ନେଇ ଘରକୁ ଫେରିଲେ । ଦୁଇଦିନ ପରେ ମନୁର ଦଶମ ଅର୍ଦ୍ଧବାର୍ଷିକ ପରୀକ୍ଷା ଆରମ୍ଭ ହେବ । ସକାଳୁ ମାଆ ମନୁକୁ ମନ୍ଦିର ଯିବା ପାଇଁ ପ୍ରସ୍ତୁତ ହେବାକୁ ନିର୍ଦ୍ଦେଶ ଦେଲେ । ମାଆ ପୁଅ ଦିହେଁ ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କଲେ । କଟକ ଚଣ୍ଡୀଙ୍କ ପାଖରେ ପହଞ୍ଚି ମନୁର ମାଆ ଭୋଗ ଦୋକାନରୁ ଦୀପ ଧୂପ ଭୋଗ ସାମଗ୍ରୀ ଆଣିଲେ । ଦୋକାନୀକୁ ଶହେ ଟଙ୍କିଆ ନୋଟ୍ ଖଣ୍ଡେ ବଢାଇ ଦେଲେ । ମନୁ ଏଥର ଆଶ୍ଚର୍ଯ୍ୟ ହେଲା । ପଚାରିଲା - ଆଚ୍ଛା ମାଆ, କଟକ ଚଣ୍ଡୀଙ୍କ ଠାରୁ କଣ ଅଧିକ ମହାତ୍ମ୍ୟ ତମ ବାବା ସଦାନନ୍ଦଙ୍କର । ମାଆ କଟକ ଚଣ୍ଡୀ ତ ପ୍ରତ୍ୟକ୍ଷ ଦେବୀ । ତୁମ ବାବା କେମିତି ମାଆ କଟକ ଚଣ୍ଡୀଙ୍କ ଠାରୁ ପାୱାର୍‌ଫୁଲ୍ ହେଲେ ଯେ ? ମନୁ ବାରମ୍ବାର ତାର ମାଆଙ୍କୁ ଏହି ପ୍ରଶ୍ନ ପଚାରୁଥାଏ । ମନୁ ମାଆକୁ କହୁଥାଏ, ବାବା ସଦାନନ୍ଦଙ୍କ ପାଇଁ ହାତଗୁଞ୍ଜା କୋଡିଏ ହଜାର, ହେଲେ ମୋ ମାଆ ପାଇଁ ମାତ୍ର ଶହେ ଟଙ୍କା । ଦେଖ ମାଆ ଯଦି ଠାକୁରାଣୀ ଏହି ପଥରରେ ଅଛି ବୋଲି ବିଶ୍ୱାସ କରୁଛୁ, ତେବେ ସେ ବାବା ସଦାନନ୍ଦଙ୍କ ପାଖକୁ ଯିବା କଣ ଆବଶ୍ୟକ ଥିଲା ? ଏହି ମାଆ ନିକଟରେ ମୋ ପରୀକ୍ଷା ଭଲ ହେବା ପାଇଁ ଯଦି ଶହେ ଟଙ୍କାରେ ସମାଧାନ ହେବ ବୋଲି ଭାବୁଛୁ, ତେବେ ସେଠିକି ଯିବା ତୋର କଣ ଦରକାର ଥିଲା ? ମନୁର କୋମଳ ମନର ସରଳ ପ୍ରଶ୍ନରେ ମାଆ କଣ ଉତ୍ତର ଦେବେ ଚିନ୍ତା କରି ପାରୁ ନଥିଲେ । ଏକବିଂଶ ଶତାବ୍ଦୀରେ ଦେବାଦେବୀ ମାନଙ୍କ ଠାରୁ ଯେ, ତଥାକଥିତ ବାବା, ନେତା, ଅଫିସର ଅଧିକ ପ୍ରଭାବଶାଳୀ ବୋଲି କହିବାକୁ ମାଆଙ୍କ ଜିଭ ଲେଉଟୁ ନଥିଲା । ଅଛିଣ୍ଡା ଜାଲରେ ଭିତରେ ପଶି ମାଆ କେବଳ ଘାଣ୍ଟି ଗୋଳେଇ ହେଉଥିଲେ । ଶେଷରେ ଅଝଟିଆ ପୁଅ ମନୁର ପ୍ରଶ୍ନର ଉତ୍ତର ଦେଇ ମାଆ କହିଲେ, ଦେଖ ମନୁ- ସେ ଜଣେ ପ୍ରତିଷ୍ଠିତ ବାବା । ତାଙ୍କୁ ଭେଟ କରିବାକୁ ହେଲେ, କିଛି ହାତଗୁଞ୍ଜା ଦେବାକୁ ହୁଏ । ଏହା କୌଣସି କାମ ପାଇଁ ଦିଆଯାଇନାହିଁ ରେ ... । ଏହା ବାବା ଶ୍ରଦ୍ଧାନନ୍ଦଙ୍କ ପ୍ରତି ଆମର ଶ୍ରଦ୍ଧା ଓ ସମ୍ମାନର କଥା । କୋମଳମତୀ ମନୁକୁ ବୁଝାଇବା ପାଇଁ ଦୁଇପଦ କଥା କହିଦେଲେ ସତ ହେଲେ ବାସ୍ତବ ସତ୍ୟକୁ ସେ ମର୍ମେ ମର୍ମେ ଅନୁଭବ କରୁଥିଲେ । ଗୁଡାଏ ଅଜବ ଯନ୍ତ୍ରଣାରେ ଛାତି ଭିତରଟା କ୍ଷତାକ୍ତ ହେଉଥିଲା । ସ୍ୱାମୀଙ୍କ ନୀରବ ସମର୍ଥକ ସାଜିଥିବାରୁ ମନେ ମନେ ସେ ନିଜକୁ ଧିକ୍କାର ବି କରୁଥିଲେ । ମନୁ ଛୋଟ ପିଲା ହେଲେ ବି, ମଆ ଅନ୍ତରର ଯନ୍ତ୍ରଣାକୁ ପଢି ପାରୁଥିଲା ।

*ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,*
*ମୋ-୯୪୩୭୯୫୭୬୧୭*

# ଦକ୍ଷିଣ ଆଫ୍ରିକା ଓଡିଆଇ ସିରିଜ୍ ପରେ ଟି-୨୦କୁ ଫେରିବେ ରୋହିତ !

**ନୂଆଦିଲ୍ଲୀ**



ରୋହିତ ଶର୍ମା ଭାରତୀୟ ଘରୋଇ କ୍ରିକେଟ ପ୍ରତି ଏତେ ପ୍ରତିବଦ୍ଧତା ଦେଖାଉଛନ୍ତି ଯେ ସେ କେବଳ ଲିଷ୍ଟ ଏ କ୍ରିକେଟ ନୁହେଁ ବରଂ ଟି-୨୦ କ୍ରିକେଟ ମଧ୍ୟ ଫେରିବାକୁ ଆଗ୍ରହୀ। ଏକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ରୋହିତ ଶର୍ମା ୨୦୨୫ରେ ସୟଦ ମୁସ୍ତାକ ଅଲି ଟ୍ରଫିର ନକଆଉଟ ପର୍ଯ୍ୟାୟରେ ଖେଳିବାକୁ ଚାହୁଁଛନ୍ତି। ରୋହିତ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଛନ୍ତି, କିନ୍ତୁ ଏକ ରିପୋର୍ଟ ଅନୁଯାୟୀ, ହିଟ୍‌ମ୍ୟାନ୍ ମୁମ୍ବାଇ କ୍ରିକେଟ ଆସୋସିଏସନକୁ ସୂଚନା ଦେଇଛନ୍ତି ଯେ ସେ ସୟଦ ମୁସ୍ତାକ ଅଲି ଟ୍ରଫି ଟି-୨୦ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଚାହୁଁଛନ୍ତି।

ରିପୋର୍ଟ ଅନୁସାରେ, ଭାରତ ବନାମ ଦକ୍ଷିଣ ଆଫ୍ରିକା ଦିନିକିଆ ସିରିଜ୍ ଶେଷ ହେବା ପରେ ରୋହିତ ଶର୍ମା ଏକ ଭାରତୀୟ ଘରୋଇ ଟି-୨୦ ଟୁର୍ଣ୍ଣାମେଣ୍ଟ ସୟଦ ମୁସ୍ତାକ ଅଲି ଟ୍ରଫିର ନକଆଉଟ ପର୍ଯ୍ୟାୟରେ ଖେଳିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ନିକଟରେ ରୋହିତ ଏବଂ ବିରାଟଙ୍କ ବିଜୟ ହଜାରେ ଟ୍ରଫିରେ ଖେଳିବା ନେଇ ଆଲୋଚନା ହୋଇଛି, ଯାହା ୫୦ ଓଭର ଫର୍ମାଟରେ ଖେଳାଯାଏ। ରିପୋର୍ଟ ଅନୁଯାୟୀ, ବିରାଟ ଏବଂ ରୋହିତ ଉଭୟ ବିଜୟ ହଜାରେ ଟ୍ରଫିରେ ଖେଳିବାକୁ ରାଜି ହୋଇଛନ୍ତି।

ସୟଦ ମୁସ୍ତାକ ଅଲି ଟ୍ରଫିରେ ବିରାଟ କୋହଲିଙ୍କ ଅଂଶଗ୍ରହଣ ସମ୍ପର୍କରେ ଏ ପର୍ଯ୍ୟନ୍ତ କୌଣସି ଅପଡେଟ୍ ନାହିଁ, କିନ୍ତୁ ବିଜୟ ହଜାରେ ଟ୍ରଫି ଆରମ୍ଭ ହେବା ପୂର୍ବରୁ ରୋହିତ ଶର୍ମାଙ୍କୁ ସୟଦ ମୁସ୍ତାକ ଅଲି ଟ୍ରଫିରେ ଖେଳିବାର ଦେଖାଯାଇପାରେ। ଏହି ନିଷ୍ପତ୍ତି ଆଶ୍ଚର୍ଯ୍ୟଜନକ କାରଣ ରୋହିତ ପ୍ରାୟ ଦେଢ଼ ବର୍ଷ ଧରି ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଛନ୍ତି।

ମୁମ୍ବାଇ ଦଳ ସୟଦ ମୁସ୍ତାକ ଅଲି ଟ୍ରଫି ୨୦୨୫ରେ ଏଲିଟ ଗ୍ରୁପ ଏ ରେ ଅଛି, ଏପର୍ଯ୍ୟନ୍ତ ପାଞ୍ଚଟି ମ୍ୟାଚ୍ ମଧ୍ୟରୁ ଚାରୋଟି ଜିତିଛି। ମୁମ୍ବାଇ ଦଳ ବର୍ତ୍ତମାନ ଶାର୍ଦ୍ଦୁଳ ଠାକୁରଙ୍କ ନେତୃତ୍ୱରେ ପରିଚାଳିତ ହେଉଛି, ଯିଏ ଆଇପିଏଲ ୨୦୨୬ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ରୋହିତ ଶର୍ମାଙ୍କ ସହିତ ଖେଳିବେ। ସୟଦ ମୁସ୍ତାକ ଅଲି ଟ୍ରଫି ପାଇଁ ମୁମ୍ବାଇର ଦଳରେ ଅଜିଙ୍କ୍ୟ ରାହାଣେ, ସରଫରାଜ ଖାନ ଏବଂ ଆୟୁଷ ମହାତ୍ରେଙ୍କ ଭଳି ପ୍ରମୁଖ ଖେଳାଳି ଅଛନ୍ତି। ସୂର୍ଯ୍ୟକୁମାର ଯାଦବ ମଧ୍ୟ ଏହି ଟୁର୍ଣ୍ଣାମେଣ୍ଟରେ ମୁମ୍ବାଇ ପାଇଁ ଖେଳିଛନ୍ତି।

# ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ବିଶ୍ୱକପ୍ ହକି ଟୁର୍ଣ୍ଣାମେଣ୍ଟ : ଫ୍ରାନ୍ସକୁ ହରାଇ ସେମିରେ ଜର୍ମାନୀ

**ଚେନ୍ନାଇ**

ସାତ ଥର ଚାମ୍ପିଅନ ଜର୍ମାନୀ ଶୁଟ୍ ଆଉଟ୍‌ରେ ଫ୍ରାନ୍ସକୁ ୩-୧ ଗୋଲ୍‌ରେ ପରାସ୍ତ କରି ଚଳିତ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ବିଶ୍ୱକପ୍ ହକି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଅମୀମାଂସିତ ଭାବେ ଶେଷ ହେବା ଦ୍ୱାରା ଶୁଟ୍‌ଆଉଟ ପଦ୍ଧତିର ସହାୟତା ନିଆଯାଇଥିଲା। ଶୁଟ୍ ଆଉଟରେ ଜର୍ମାନୀ ପକ୍ଷରୁ ଜୋନାସ ଭନ୍ ଜେରସମ୍, ଜଷ୍ଟସ ୱାରୱିଗ୍ ଓ ଲୁକାସ କୋସେଲ ଗୋଲ ସ୍କୋର କରି ବାରେ ସଫଳ ହୋଇଥିବା ବେଳେ ଜର୍ମାନୀ ତରଫରୁ ଏକ ମାତ୍ର ଗୋଲ ଦେଇଥିଲେ ଆରିଷ୍ଟିଡ୍ ମିଚେଲିସ୍। ଏହି ମ୍ୟାଚ୍‌ରେ ଜର୍ମାନୀର ବିଜୟରେ ସବୁଠାରୁ ବଡ଼ ଭୂମିକା ଗ୍ରହଣ କରିଥିଲେ ଦଳର ଗୋଲ୍‌କିପର ଜାସ୍ପର ଡିଜର। କେବଳ ଶୁଟ୍ ଆଉଟ ନୁହେଁ, ସମଗ୍ର ମ୍ୟାଚରେ ସେ ଚମତ୍କାର ଗୋଲ୍ ରକ୍ଷଣ କରିଥିଲେ। ସୂଚନାଯୋଗ୍ୟ, ୨୦୨୩ ସଂସ୍କରଣ ଫାଇନାଲରେ ଜର୍ମାନୀ ୨-୧ ଗୋଲ୍‌ରେ ଫ୍ରାନ୍ସକୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଥିଲା।



## ବାରବାଟୀରେ ଟିକେଟ ବ୍ଲାକ୍ !

**କଟକ**



ବାରବାଟୀ ମ୍ୟାଚ୍ ଲାଗି ଅଫ ଲାଇନ ଟିକେଟ ବିକ୍ରି। ସୋସିଆଲ ମିଡିଆରେ ବି ମାତିଛନ୍ତି ଟିକେଟ ଦଲାଲ। ଟିକେଟ ପାଇବାକୁ ବାରବାଟୀରେ ଖଚାଖଚ୍ ଭିଡ଼ ପରିଲକ୍ଷିତ ହୋଇଛି। ବାରବାଟୀ ମ୍ୟାଚ୍ ଟିକେଟ ପାଇଁ ଲମ୍ବା ଲାଇନରେ ରହିଛନ୍ତି ଦର୍ଶକ। ଟିକେଟ ପାଇଁ ଘଣ୍ଟା ଘଣ୍ଟା ଧରି ଦର୍ଶକଙ୍କୁ କରିବାକୁ ପଡୁଛି ଅପେକ୍ଷା। ବାରବାଟୀ ଟିକେଟ ବ୍ଲାକ୍ ନେଇ ଅଭିଯୋଗ ହୋଇଛି। ଅନ୍ୟ ପକ୍ଷେ ମ୍ୟାଚ୍ ଦେଖିବା ଲୋକ କମ୍ ଥିବା ବେଳେ ଅଭିଯୋଗ ଆସିଛି କଳାବଜାରୀ ଲୋକ ବେଶୀ। ସୂଚନା ଯୋଗ୍ୟ ଯେ, ଶୁକ୍ରବାର ଘଣ୍ଟାଏ ବିଳମ୍ବରେ ଖୋଲିଥିଲା ଟିକେଟ କାଉଣ୍ଟର।

# ବ୍ୟାସନଗର ଷ୍ଟାଡ଼ିୟମରେ ଜିଲ୍ଲା ସ୍ତରୀୟ କ୍ରିକେଟ ପ୍ରତିଯୋଗିତା : ରସୁଲପୁର ବ୍ଲକ ଚାମ୍ପିଅନ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାର ବ୍ୟାସନଗର ସହର ସ୍ଥିତ ରାଜୀବ ଗାନ୍ଧୀ ଷ୍ଟାଡ଼ିୟମରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ବାଳକଙ୍କ କ୍ରିକେଟ ପ୍ରତିଯୋଗିତାର ଉଜ୍ଜ୍ୱପାନୀ ଦିବସ ପାଳନ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଯୋଗଦେଇ ଉଦ୍‌ଘାଟନ କରିଥିଲେ ଏବଂ ଚାମ୍ପିଅନ ଦଳ ଓ ରନର୍ସ ଦଳକୁ ଉତ୍ସାହିତ କରିବା ସହ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠିତ ଉଦ୍‌ଯାପନୀ ଦିବସ ସଭାପତି ସଞ୍ଜୟ କୁମାର ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ସମ୍ପାଦକ ସମ୍ପିତ କୁମାର ମହାନ୍ତି, ଡି.ପି.ଇ.ଓ ସବିତା ନାୟକ, ସିଆରସିସି ବିଦ୍ୟାଧର ପାଢ଼ୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଦାସ, ପ୍ରଧାନ ଶିକ୍ଷକ ରଞ୍ଜିତ ମଲ୍ଲିକ ଓ କୋରାଇ ସମ୍ପାଦକ ସତ୍ୟସୁନ୍ଦର ମହାପାତ୍ର ପ୍ରମୁଖ ଅତିଥିମାନେ ଯୋଗଦେଇ କ୍ରୀଡ଼ାବିତ୍ ଛାତ୍ରମାନଙ୍କୁ ଯାଜପୁର ଜିଲ୍ଲାର ଗୌରବ ଆଣିବାକୁ ଉତ୍ସାହ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଫାଇନାଲ ମ୍ୟାଚ୍‌ରେ ରସୁଲପୁର ଓ ବରୀ ବ୍ଲକ ମଧ୍ୟରେ ପ୍ରତିଯୋଗିତା ହୋଇଥିଲେ। ଏଥିରେ ବରୀ ବ୍ଲକ ବ୍ୟାଟିଂ କରି ୫୯ ରନ କରିଥିବା ବେଳେ ୬୦ ରନର ଲକ୍ଷ୍ୟ ନେଇ ରସୁଲପୁର ବ୍ଲକ ୯ ଓଭର ୧ ବଲରେ ୪ଟି ୱିକେଟ ହରାଇ ବିଜୟ ଲାଭ କରିଥିଲା। ତେବେ ୨ ଦଳ ମଧ୍ୟରୁ ଭଲ ଖେଳୁଥିବା ୧୬ ଜଣ ଛାତ୍ରଙ୍କୁ ଚୟନ କରାଯାଇ ଜଗତସିଂପୁରରେ ଅନୁଷ୍ଠିତ ଆଗାମୀ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ରେ ଭାଗନେବେ ବୋଲି କୁହା ଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକାଶ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ମ୍ୟାଚ୍‌ଟିକୁ ଅମ୍ପାୟାର ଭାବେ ରାଜେନ୍ଦ୍ର ଦାଶ, ଅକ୍ଷୟ ମଲିକ ଓ ଖଗେଶ୍ୱର ରାଉତ ଖେଳ ପରିଚାଳନା କରିଥିଲେ। ତେବେ କାର୍ଯ୍ୟାଳୟ ତରଫରୁ ତାରିଣୀ ଶଙ୍କର ମହାପାତ୍ର, ବିକାଶ ସାହୁ, ପ୍ରଜ୍ଞାଞ୍ଜଳି ସ୍ୱାଇଁ, ଶଙ୍କର୍ଷଣ ବେହେରା ଓ ସୁବାସ ବାରିକ ପ୍ରମୁଖ ସଦସ୍ୟମାନେ ପୂର୍ଣ୍ଣ ସହଯୋଗ କରି ସଫଳ କରିଥିଲେ।




# ପୁନର୍ବାସ ପକ୍ଷରୁ ଜାତୀୟ ପାରା କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**




ଚଳିତ ୨୦୨୫ ମସିହାରେ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ଓଡ଼ିଶାର ପାରା କ୍ରୀଡ଼ାବିତ୍‌ମାନେ ଅଜସ୍ର ସଫଳତା ଅର୍ଜନ କରିଛନ୍ତି। ଓଡ଼ିଶା ଦଳ ଜାତୀୟ ହୁଇଲ୍ ଚେୟାର୍ ରଗ୍‌ବି ଚାମ୍ପିଅନ ହେବାଠାରୁ ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ପୂର୍ବ ରେକର୍ଡକୁ ଭାଙ୍ଗି ୩୯ ଟି ପଦକ ହାସଲ ପାଇଛି। ସେହିପରି ବିଶ୍ୱ ଆବିଲିଟି ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶାର ପାରା କ୍ରୀଡ଼ାବିତ୍‌ମାନେ ଦେଶରୁ ପ୍ରତିନିଧିତ୍ୱ କରି ବିଭିନ୍ନ ବର୍ଗରେ ୧୨ଟି ପଦକ ହାସଲ କରିଛନ୍ତି। ଏହି ସଫଳ କ୍ରୀଡ଼ାବିତ୍ ମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ଶ୍ୟାମସୁନ୍ଦର ଗାଁର ପ୍ରଶାନ୍ତ କୁମାର ନାୟକ ଚାମ୍ପିଅନ୍ ହୁଇଲ୍ ଚେୟାର୍ ରଗ୍‌ବି ଦଳର ସଦସ୍ୟ ରହିଛନ୍ତି। ସେହିପରି ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ଡେରାବିଶ ବ୍ଲକ ହରିଅଙ୍କ ଗ୍ରାମର ବଳରାମ ସ୍ୱାଇଁ ୧୦୦ ମିଟର ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଓ ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ଗ୍ରାମର ସୁଧୀର ମଲିକ ରୌପ୍ୟ ପଦକ ହାସଲ କରିଛନ୍ତି, ସେ ମଧ୍ୟ ଜାତୀୟ ହୁଇଲ୍ ଚେୟାର୍ ରଗ୍‌ବି ଦଳର ସକ୍ରିୟ ସଦସ୍ୟ ଅଛନ୍ତି। ଏହି ସଫଳ କ୍ରୀଡାବିତ୍‌ଙ୍କୁ ଭିନ୍ନକ୍ଷମଙ୍କ ଥେରାପି ସେବା ଓ ସଶକ୍ତିକରଣ ପାଇଁ କାର୍ଯ୍ୟରତ ଅନୁଷ୍ଠାନ "ପୁନର୍ବାସ" ପକ୍ଷରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସ୍ଥାନୀୟ ମାଧପୁରସ୍ଥିତ ଅମର ଉଦ୍ୟାନ ଠାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଅତିଥି ରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ,ବରିଷ୍ଠ ଜନପ୍ରିୟ ଚିକିତ୍ସକ ଡା. ବିଶ୍ୱପ୍ରକାଶ କାନୁନ୍‌ଗୋ ଓ କେନ୍ଦ୍ରାପଡ଼ା ଅର୍ବାନ୍ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇ ଅକ୍ଷମତାକୁ ଅତିକ୍ରମ କରିବାର ମନୋବଳ ଜଣେ ଦିବ୍ୟାଙ୍ଗଙ୍କୁ କେବଳ ସଫଳ କରାଏ ନାହିଁ ବରଂ ଅତି ସମର୍ଥବାନ୍ ବୋଲି ପ୍ରମାଣିତ କରେ ଏବଂ ଏହି ସମ୍ବର୍ଦ୍ଧିତ କ୍ରୀଡ଼ାବିତ୍‌ମାନେ ତା'ର ଜୀବନ୍ତ ଉଦାହରଣ ବୋଲି ମତ ପ୍ରକାଶ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଓଡ଼ିଶା ପାରା କ୍ରୀଡ଼ାର ଉତ୍କର୍ଷତାକୁ ନେଇ ପୁନର୍ବାସ ପକ୍ଷରୁ ପ୍ରକାଶିତ ଦ୍ୱିଭାଷିକ ସମ୍ବାଦ ପତ୍ର ପୁନର୍ବାସ ସମାଚାରର ସ୍ୱତନ୍ତ୍ର ସଂଖ୍ୟାର ପାଠକାର୍ପଣ ହୋଇଥିଲା। ଏହାପରେ ସମାଜରେ ଭିନ୍ନକ୍ଷମମାନଙ୍କ ପ୍ରତି ଏକ ସମ୍ବେଦନଶୀଳ ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପୂର୍ବରୁ ସ୍କୁଲ୍ ଛାତ୍ରଛାତ୍ରୀଙ୍କମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସଭ୍ୟ ସ୍ୱପ୍ନାଂଶୁ କୁମାର ଦାସ, ମହମ୍ମଦ୍ ଜାହିଦ୍ ଖାନ୍, ପ୍ରଶାନ୍ତ କୁମାର ସିଂହ, କମଳାକାନ୍ତ ବେହେରା, କ୍ଷୀରୋଦ କର ଆଦି କାର୍ଯ୍ୟକ୍ରମ ସମ୍ପାଦନାରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ବେଳେ ପରିଶେଷରେ ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ବାବା ସାହେବ ଡକ୍ଟର ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି: ଶ୍ରମିକ ନେତାରୁ ରାଷ୍ଟ୍ର ନିର୍ମାତା



**ଅର୍ଜୁନ ରାମ ମେଘୱାଲ**
ଭାରତ ସରକାରଙ୍କ ଆଇନ ଓ ନ୍ୟାୟ (ସ୍ୱାଧୀନ ଦାୟିତ୍ୱ) ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

ଆଜି ଆମେ ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୭୦ତମ ମହାପରିନିର୍ବାଣ ଦିବସ ପାଳନ କରୁଛୁ। ବାବାସାହେବ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ତଥା ପ୍ରଗତିଶୀଳ ଚିନ୍ତାଧାରାର କର୍ଣ୍ଣଧାର ଥିଲେ ଏବଂ ସେ ଆଧୁନିକ ମାନବ ସମାଜର ଗତିପଥ ନିର୍ଦ୍ଧାରଣ କରିଥିଲେ। ଜଣେ ଆଇନବିତ୍, ଅର୍ଥନୀତିଜ୍ଞ, ଦାର୍ଶନିକ, ସଂସ୍କାରକ ଏବଂ ସର୍ବୋପରି ଜଣେ ରାଷ୍ଟ୍ର ନିର୍ମାତା ଭାବରେ ତାଙ୍କର ଅକ୍ଳାନ୍ତ ଶ୍ରମ ଓ ନିଷ୍ଠା ଆଧୁନିକ ଭାରତର ମୂଳଦୁଆ ପକାଇଥିଲା। ସେ କେବଳ ଦେଶର ସମ୍ବିଧାନର ଚିଠା ପ୍ରସ୍ତୁତ କରିନଥିଲେ, ସେ ମଧ୍ୟ ସମାବେଶୀ ଏବଂ ସଶକ୍ତ ରାଷ୍ଟ୍ରର ନୀଳନକ୍ସା ନିର୍ମାଣ କରିଥିଲେ। ଯେଉଁଠାରେ ପ୍ରତ୍ୟେକ ନାଗରିକ ନିଜର ଆତ୍ମମର୍ଯ୍ୟାଦା ଏବଂ ସୁଯୋଗ ହାସଲ କରିପାରିବ। ଏହିଭଳି ଭିତ୍ତିଭୂମି ଆଧାରିତ ମୂଲ୍ୟବୋଧ ଦ୍ୱାରା ପ୍ରଭାବିତ ହୋଇ ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ ସରକାର ଅସଂଖ୍ୟ ଉପକ୍ରମକୁ ହାତକୁ ନେଇ ଦେଶବାସୀଙ୍କ କଲ୍ୟାଣ ଏବଂ ସୁଶାସନ ପାଇଁ କାର୍ଯ୍ୟରତ ରହିଛନ୍ତି।

୨୦୨୫ ମସିହା ନଭେମ୍ବର ୨୭ ତାରିଖ ଦିନ ପ୍ୟାରିସର ୟୁନେସ୍କୋ ମୁଖ୍ୟାଳୟଠାରେ ବିଶ୍ୱ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚନ ହେବାର ଦୃଶ୍ୟ ଲକ୍ଷ୍ୟ କରିଥିଲା। ଭାରତୀୟ ସମ୍ବିଧାନ ପ୍ରଣୟନର ୭୫ତମ ବାର୍ଷିକୀ ପାଳନ ଅବସରରେ ଏହା ସଂପାଦନା କରାଯାଇଛି। ଯେଉଁସବୁ ବୈଶ୍ୱିକ ମହାନ ବ୍ୟକ୍ତିତ୍ୱଙ୍କ ଗହଣରେ ଏହି ପ୍ରତିମୂର୍ତ୍ତିଟି ସେଠାରେ ଅବସ୍ଥାପିତ ହୋଇଛି, ତାହା କେବଳ ଜଣେ ଭାରତୀୟ ନେତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ନୁହେଁ, ବରଂ ସାର୍ବଜନୀନ ନ୍ୟାୟିକ ବ୍ୟବସ୍ଥାର ଏକ ନମୁନା। ଏହି ପ୍ରତିମୂର୍ତ୍ତି ତଳେ ଲେଖାଯାଇଥିବା ଫଳକରେ ରହିଛି- ଭାରତୀୟ ସମ୍ବିଧାନର ସ୍ଥପତି। ତଥାପି ଏହି କେତୋଟି ଶବ୍ଦ କେବଳ ଜଣେ ମହାନ ବ୍ୟକ୍ତିତ୍ୱଙ୍କ ଲିଗାସିକୁ ସଂପୂର୍ଣ୍ଣ ରୂପେ ଧାରଣ କରେ ନାହିଁ, ଯିଏ କି କେବଳ ଆଇନର ବାକ୍ୟମାନ ପ୍ରସ୍ତୁତ କରିନଥିଲେ, ବରଂ ସାମଗ୍ରିକ ଭାବେ ରାଷ୍ଟ୍ର ନିର୍ମାଣର ପରିକଳ୍ପନା କରିଥିଲେ।

ତାଙ୍କର ସମଗ୍ର ଜୀବଦଶାରେ ବାବା ସାହେବ ଡକ୍ଟର ଆମ୍ବେଦକର ନ୍ୟାୟ ପାଇଁ ସଂଘର୍ଷର ମାର୍ଗକୁ ଆଗକୁ ଆଗେଇ ନେଇଥିଲେ। ଶ୍ରମିକମାନଙ୍କ ଅଧିକାର ଓ କଲ୍ୟାଣର ଅଦ୍ୱିତୀୟ ପ୍ରବକ୍ତା ଥିଲେ। ଗୋଲଟେବୁଲ ବୈଠକରେ ଦଳିତ ବର୍ଗଙ୍କ ପ୍ରତିନିଧିଭାବେ ଯୋଗଦେବା ଅବସରରେ ସେ ଉପଯୁକ୍ତ ମଜୁରି ପ୍ରଦାନ, ସମ୍ମାନଜନକ କର୍ମ ପରିସ୍ଥିତି, ଶୋଷକ ଜମିଦାରମାନଙ୍କ କବଳରୁ ଚାଷୀମାନଙ୍କ ମୁକ୍ତି ଏବଂ ଯାହାକି ସମାଜର ନିମ୍ନବର୍ଗରେ ରହୁଥିବା ଲୋକମାନଙ୍କୁ ନିର୍ଯାତିତ କରୁଥିଲା, ସେଭଳି ସାମାଜିକ କୁପ୍ରଥାର ମୂଳପୋଛ କରିବା ସକାଶେ ଦୃଢ ଯୁକ୍ତି ଉପସ୍ଥାପନ କରିଥିଲେ। ସେ ବ୍ୟକ୍ତିଗତ ଭାବେ ଶ୍ରମିକ ଏବଂ ଅବହେଳିତ ଲୋକମାନଙ୍କ ଦୁର୍ଦ୍ଦଶାକୁ ପ୍ରତ୍ୟକ୍ଷ କରିଥିଲେ। ବମ୍ବେରେ ସେ ବମ୍ବେ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ଏକ ବଖରିଆ ଘରରେ ପ୍ରାୟ ୧୦ ବର୍ଷକାଳ ରହିଥିଲେ। ସେହିସବୁ ଘର ମିଲ୍ ଶ୍ରମିକମାନଙ୍କ ପାଇଁ ନିର୍ମାଣ କରାଯାଇଥିଲା। ସେଠାରେ କୌଣସି ପ୍ରକାର ଆଧୁନିକ ସୁବିଧା ଉପଲବ୍ଧ ନଥିଲା ଏବଂ ପ୍ରତ୍ୟେକ ମହଲାରେ ମାତ୍ର ଗୋଟିଏ ପାଇଖାନା ଏବଂ ସମସ୍ତ କାର୍ଯ୍ୟ ସଂପାଦନ ନିମନ୍ତେ ଗୋଟିଏ ପାଣି ଟ୍ୟାପ୍ ସଂଯୋଗ କରାଯାଇଥିଲା। ଏହିସବୁ ସ୍ମୃତି ତାଙ୍କୁ ଶ୍ରମିକମାନଙ୍କ ଜୀବନର ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲା। ତେଣୁ ସେ ଲୋକମାନଙ୍କୁ ଏକଜୁଟ କରି ୧୯୩୬ ମସିହାରେ ଇଣ୍ଡିପେଣ୍ଡେଣ୍ଟ ଲେବର ପାର୍ଟି ଗଠନ କରିଥିଲେ। ଏହାର ଲକ୍ଷ୍ୟ ଥିଲା ଭୂମିହୀନ ଲୋକ, ଗରିବ ଭଡାଟିଆ, କୃଷି ଶ୍ରମିକ ଏବଂ ଶ୍ରମିକମାନଙ୍କ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା। ୧୯୩୭ ମସିହା ସେପ୍ଟେମ୍ବର ୧୭ ତାରିଖ ଦିନ ବମ୍ବେ ବିଧାନସଭାରେ ପୁନା ଅଧିବେଶନ ଚାଲିଥିବାବେଳେ ସେ, କୋଙ୍କଣର ଖୋଟି ଭୂମି ଅଧିକାର ବ୍ୟବସ୍ଥାର ଉଚ୍ଛେଦ ନିମନ୍ତେ ଏକ ବିଲ୍ ଆଗତ କରିଥିଲେ। ୧୯୩୮ ମସିହାରେ ବମ୍ବେର କାଉନସିଲ ହଲ ପର୍ଯ୍ୟନ୍ତ ଏକ କୃଷକମାନଙ୍କ ପଟୁଆରର ନେତୃତ୍ୱ ନେଇଥିଲେ। ସେତେବେଳକୁ ସେ ଗରିବ ପ୍ରଜା, କୃଷକ, ଶ୍ରମିକ ଏବଂ ଭୂମିହୀନ ଲୋକମାନଙ୍କ ନିକଟରେ ଏକ ଜନପ୍ରିୟ ନେତା ଭାବେ ପରିଚିତ ହୋଇ ସାରିଥିଲେ। ସେ ଥିଲେ ପ୍ରଥମ ଭାରତୀୟ ଜନପ୍ରତିନିଧି, ଯିଏ କୃଷି ଶ୍ରମିକମାନଙ୍କ ଦାସତ୍ୱ ପ୍ରଥା ଉଚ୍ଛେଦ ନିମନ୍ତେ ଏକ ବିଲ୍ ଆଗତ କରିଥିଲେ। ସେହିଭଳି ଶିଳ୍ପ ବିବାଦ ବିଲ୍-୧୯୩୭କୁ ସେ ଘୋର ବିରୋଧ କରିଥିଲେ କାରଣ ଏହା ଶ୍ରମିକମାନଙ୍କ ଧର୍ମଘଟ ଅଧିକାରକୁ ସଙ୍କୁଚିତ କରୁଥିଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯେତେବେଳେ ବିଶ୍ୱ ଶୃଙ୍ଖଳା ଏକ ଅନିଶ୍ଚିତତାର ଘଡ଼ିଦେଇ ଗତି କରୁଥିଲା, ଡକ୍ଟର ଆମ୍ବେଦକର ବଡ଼ଲାଟ୍‌ଙ୍କ ଏକ୍‌ଜିକ୍ୟୁଟି କାଉନସିଲରେ ଜଣେ ଶ୍ରମ ସଦସ୍ୟ ଭାବରେ ଭାରତର ଶ୍ରମିକମାନଙ୍କ ନିମନ୍ତେ ଆଇନ ପ୍ରଣୟନ ନିମନ୍ତେ ମାର୍ଗଦର୍ଶକର ଭୂମିକା ନିର୍ବାହ କରୁଥିଲେ। ଯେତେବେଳେ ଅର୍ଥନୀତି ବଦଳିବା ଆରମ୍ଭ କଲା ଏବଂ ଶିଳ୍ପ ସଂପ୍ରସାରଣ ଘଟିଲା ଏବଂ ଉଦ୍ୟୋଗଗୁଡ଼ିକ ମଧ୍ୟ ସମୃଦ୍ଧିର ନୂଆ ନୂଆ ସୁଯୋଗ ହାସଲ କରିଚାଲିଲେ, ସେତେବେଳେ କିନ୍ତୁ ଶ୍ରମକୁ ତା'ର ଉପଯୁକ୍ତ ମର୍ଯାଦା ଓ ମୂଲ୍ୟ ମିଳିନଥିଲା। ସେହି ସମୟରେ ଡକ୍ଟର ଆମ୍ବେଦକର ଶ୍ରମ କଲ୍ୟାଣ ନିମନ୍ତେ ପ୍ରମୁଖ ବ୍ୟବସ୍ଥା ଥିବା ଏକ ବିଲ୍ ଆଗତ କରିଥିଲେ, ଯାହା ସରକାରଙ୍କ ଶ୍ରମନୀତିର ମୂଳଦୁଆ ସ୍ଥାପନ କରିଥିଲା। ସେ ଜଟିଳ ଶ୍ରମ ପ୍ରସଙ୍ଗଗୁଡ଼ିକୁ ଅତି ସୂକ୍ଷ୍ମ ବିଚାର ଓ ସକ୍ରିୟତାର ସହିତ ପରିଚାଳନା କରି ଉଭୟ କର୍ମନିଯୁକ୍ତା ଓ କର୍ମଚାରୀ ମାନଙ୍କ ସମ୍ମାନଭାଜନ ହୋଇପାରିଥିଲେ।

୧୯୪୩ ମସିହାରେ ଆକାଶବାଣୀର ବମ୍ବେ କେନ୍ଦ୍ରରୁ ଅଭିଭାଷଣ ପ୍ରଦାନ କରି ଡକ୍ଟର ଆମ୍ବେଦକର ଶ୍ରମିକମାନଙ୍କ ଜୀବନ ପାଇଁ ସମୁଚିତ ପରିବେଶ ହାସଲ ନିମନ୍ତେ ନିବେଦନ କରିଥିଲେ, ଯାହା ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ଉପରେ ଆଧାରିତ ଥିଲା। ତାଙ୍କର ଏହି ପ୍ରୟାସ ଶ୍ରମିକମାନଙ୍କ ନିମନ୍ତେ ସାମାଜିକ ନିରାପତ୍ତା ହାସଲ କରିପାରିଥିଲା। ପ୍ରମୁଖ ଶ୍ରମ ନିୟାମକ ମାଧ୍ୟମରେ ସେ ଦୀର୍ଘସ୍ଥାୟୀ ଅବଧାନ ଦେଇ ଯାଇଛନ୍ତି। ସେଥିମଧ୍ୟରେ ଯୁଦ୍ଧରେ କ୍ଷତାହତ (ବ୍ୟାପକ ବୀମା) ବିଲ୍, ଭାରତୀୟ ବଏଲର (ସଂଶୋଧନ) ବିଲ୍ ୧୯୪୩- ଯାହା ଅସୁରକ୍ଷିତ ନିରୀକ୍ଷଣ ଯୋଗୁ ଅନେକ ମିଲରେ ଘଟୁଥିବା ମୃତ୍ୟୁକୁ ରୋକିବାରେ ସହାୟକ ହୋଇଥିଲା। ସେହିଭଳି ଭାରତୀୟ ଖଣି ଏବଂ ଶ୍ରମିକ ସଂଗଠନ ସଂଶୋଧନ ବିଲ୍, ଖଣି ଶ୍ରମିକ ମାତୃତ୍ୱ ସୁବିଧା ପ୍ରଦାନ ସଂଶୋଧନ, କୋଇଲା ଖଣି ନିରାପତ୍ତା (ଷ୍ଟୋଇଂ) ସଂଶୋଧନ ଏବଂ ଶ୍ରମିକ କ୍ଷତିପୂରଣ ସଂଶୋଧନ ଆଦି ସାମିଲ।

୧୯୪୩ ମସିହା ଡିସେମ୍ବର ୯ ତାରିଖ ଦିନ ଡକ୍ଟର ବି.ଆର. ଆମ୍ବେଦକର ଧାନବାଦର କୋଇଲା ଖଣିକ୍ଷେତ୍ର ପରିଦର୍ଶନ କରିଥିଲେ। ସେଠାରେ ସେ କୋଇଲା ଖଣିର ୪୦୦ ଫୁଟ ଭୂତଳକୁ ଯାଇ ସେଠାକାର କାର୍ଯ୍ୟ ଏବଂ ଶ୍ରମିକମାନଙ୍କ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଗସ୍ତ ହିଁ ପରେ କୋଇଲାଖଣି ଶ୍ରମିକ କଲ୍ୟାଣ ଅଧ୍ୟାଦେଶକୁ, ଜାନୁଆରୀ ୧୯୪୪ ମସିହାରେ ଜାରି ପାଇଁ ତାଙ୍କୁ ପ୍ରେରିତ କରିଥିଲା ଏବଂ କୋଇଲା ଖଣି ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ଏକ ପାଣ୍ଠି ଗଠନ କରାଯାଇଥିଲା। ସେ ଏହି ପାଣ୍ଠିକୁ ଉତ୍ତୋଳିତ କୋଇଲା ଉପରେ ଟିକସ ବସାଇ ଦ୍ୱିଗୁଣିତ କରିଥିଲେ ଯାହା କୋଇଲାଖଣି ଶ୍ରମିକମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବାରେ ସହାୟକ ହୋଇଥିଲା। ୧୯୪୩ ନଭେମ୍ବର ୮ ତାରିଖ ଦିନ ସେ ଭାରତୀୟ ଟ୍ରେଡ ୟୁନିୟନ (ସଂଶୋଧନ) ବିଲ୍ ପ୍ରବର୍ତ୍ତନ କରିଥିଲେ, ଯାହା କର୍ମନିଯୁକ୍ତାଙ୍କୁ ଶ୍ରମିକ ସଂଗଠନକୁ ସ୍ୱୀକୃତି ପ୍ରଦାନ କରିବାକୁ ବାଧ କରିଥିଲା।

୧୯୪୪ ମସିହା ଫେବୃଆରୀ ୮ ତାରିଖ ଦିନ ବିଧାନସଭାରେ ଅଣ୍ଡରଗ୍ରାଉଣ୍ଡ କୋଇଲା ଖଣିରେ କାର୍ଯ୍ୟରତ ମହିଳା ଶ୍ରମିକମାନଙ୍କ ଉପରୁ ବାସନ୍ଦ ବ୍ୟବସ୍ଥା ଉଠାଇବା ନିମନ୍ତେ ଆଲୋଚନାରେ ଅଂଶଗ୍ରହଣ କରି ଡକ୍ଟର ଆମ୍ବେଦକର ଦର୍ଶାଇଥିଲେ- 'ପ୍ରଥମ ଥରପାଇଁ ମୁଁ ଭାବୁଛି କୌଣସି ଏକ ଶିଳ୍ପସଂସ୍ଥା ନୀତିଗତ ଭାବେ ଲିଙ୍ଗଗତ ନିର୍ବିଶେଷରେ ସମାନ କାର୍ଯ୍ୟପାଇଁ ସମାନ ପାରିଶ୍ରମିକ ବ୍ୟବସ୍ଥା ସ୍ଥାପନ କରିଛନ୍ତି।' ଏହା ରାଷ୍ଟ୍ରପାଇଁ ଥିଲା ଏକ ଐତିହାସିକ ମୁହୂର୍ତ୍ତ। ଖଣିଶ୍ରମିକ ମାତୃତ୍ୱ ସୁବିଧା (ସଂଶୋଧନ) ବିଲ୍ ୧୯୪୩ ମାଧ୍ୟମରେ ସେ ମାତୃତ୍ୱ ସୁବିଧା ଏବଂ ଅନୁପସ୍ଥିତି ଜନିତ ସମସ୍ୟାର ସମାଧାନ କରିବା ସହ ଏହାକୁ ସୁଦୃଢ଼ କରିଥିଲେ। ୧୯୪୫ ମସିହାରେ ସେ ଏହି ଆଇନକୁ ଆହୁରି ସଂଶୋଧନ କରି ମହିଳାମାନଙ୍କୁ ଭୂତଳ ଖଣିରେ କାର୍ଯ୍ୟ କରିବା ଉପରେ ରୋକ୍ ଲଗାଇଥିଲେ। ଏହି ମହିଳାମାନେ ସନ୍ତାନ ଜନ୍ମର ୧୦ ସପ୍ତାହ ପୂର୍ବରୁ କୋଇଲା ଖଣି ଭିତରେ କାର୍ଯ୍ୟ କରିବେ ନାହିଁ। ସେମାନଙ୍କୁ ୧୪ ସପ୍ତାହର ମାତୃତ୍ୱ ଛୁଟି ସୁନିଶ୍ଚିତ ମିଳିବ। ଯାହାକି ସନ୍ତାନ ଜନ୍ମର ୧୦ ସପ୍ତାହ ପୂର୍ବରୁ ଏବଂ ଘରେ ରହିବାର ୪ ସପ୍ତାହ ପର୍ଯ୍ୟନ୍ତ ଲାଗୁ ହେବ।

ନୂଆଦିଲ୍ଲୀଠାରେ ୧୯୪୫ ମସିହା ନଭେମ୍ବର ୨୬ ତାରିଖ ଦିନ ଅନୁଷ୍ଠିତ ଭାରତୀୟ ଶ୍ରମ ସମ୍ମିଳନୀରେ ଉଦବୋଧନ ଦେଇ ସେ ରାଜ୍ୟମାନଙ୍କ ଶ୍ରମିକମାନଙ୍କ ପ୍ରତି ଥିବା ଦାୟିତ୍ୱକୁ ସମୀକ୍ଷା କରିଥିଲେ ଏବଂ ଭାରତୀୟ ଶ୍ରମର ମାନ ଅନ୍ତରାଷ୍ଟ୍ରୀୟ ସ୍ତରକୁ ଉନ୍ନୀତ କରିବା ନିମନ୍ତେ ଆହ୍ୱାନ ଜଣାଇଥିଲେ। ପ୍ରଗତିଶୀଳ ଶ୍ରମ କଲ୍ୟାଣ ଆଇନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ-

'ଶ୍ରମିକମାନେ କହିପାରନ୍ତି ଯେ, ବ୍ରିଟିଶ ସରକାର ଶ୍ରମିକମାନଙ୍କ ପାଇଁ ଉପଯୁକ୍ତ ଆଇନ ପ୍ରଣୟନ କରିବାରେ ୧୦୦ବର୍ଷ ନେଇଗଲେ। କିନ୍ତୁ ଏହା କୌଣସି ଯୁକ୍ତି ନୁହେଁ। ଆମେ ଭାରତରେ ଏଥିପାଇଁ ୧୦୦ବର୍ଷ ନେବା ଅନୁଚିତ। ଇତିହାସକୁ କେବଳ ଭୁଲ ଘଟଣାକୁ ଅନୁକରଣ କରିବା ନିମନ୍ତେ ପଢାଯିବା ଅନୁଚିତ। ଆମେ ଇତିହାସକୁ ଏହି ଦୃଷ୍ଟିଭଙ୍ଗି ଦୃଷ୍ଟିରୁ ଜାଣିବା ଉଚିତ ଯେ, ଲୋକମାନେ କି ପ୍ରକାର ଭୁଲ କରିଛନ୍ତି ଏବଂ ଏହାକୁ କିପରି ଏଡ଼ାଯାଇପାରିବ। ତେଣୁ ଇତିହାସ ସର୍ବଦା ଆମପାଇଁ ଏକ ଉଦାହରଣ ନୁହେଁ। ଏହା ଅଧିକତର ଆମକୁ ସତର୍କ କରାଇ ଦେଇଥାଏ।'

ତହିଁ ପରଦିନ ସେହି ସମ୍ମିଳନୀରେ ସେ କାରଖାନାରେ ସପ୍ତାହକୁ ୪୮ଘଣ୍ଟା ଅବଧିର କାର୍ଯ୍ୟ କରିବା ମାତ୍ରାକୁ ହ୍ରାସ କରିବା ସକାଶେ ଆଇନ ପ୍ରଣୟନ ନିମନ୍ତେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସେହିଭଳି ଶିଳ୍ପସଂସ୍ଥାମାନଙ୍କରେ ବାଧ୍ୟତାମୂଳକ ଭାବେ କ୍ୟାଣ୍ଟିନ ସ୍ଥାପନ କରିବା ଏବଂ କର୍ମଚାରୀ କ୍ଷତିପୂରଣ ଆଇନ ୧୯୩୪ରେ ସଂଶୋଧନ ପାଇଁ ମଧ୍ୟ ପ୍ରସ୍ତାବ ରଖିଥିଲେ। ସେ ଘୋଷଣା କରିଥିଲେ ଯେ, ସର୍ବନିମ୍ନ ମଜୁରି ନିମନ୍ତେ ଚିଠା ଆଇନର ଯୋଜନା ପ୍ରସ୍ତୁତ କରାଯାଇଛି। ସେହିଭଳି ଭାରତୀୟ ଶ୍ରମିକ ସଂଗଠନ ଆଇନ ୧୯୨୬ର ସଂଶୋଧନ ପାଇଁ ମଧ୍ୟ ସେ ପ୍ରସ୍ତାବ ଆଣିଥିଲେ। ୧୯୪୬ ମସିହା ଫେବୃଆରୀ ୨୧ ତାରିଖ ଦିନ ଡକ୍ଟର ବି.ଆର. ଆମ୍ବେଦକର କାରଖାନା (ସଂଶୋଧନ) ବିଲ୍ ଆଗତ କରିଥିଲେ। ଯାହା ସପ୍ତାହକୁ ୪୮ ଘଣ୍ଟାରୁ ହ୍ରାସ କରିବା ସକାଶେ ଉଦ୍ଦିଷ୍ଟ ଥିଲା। ସେହିଭଳି ଓଭରଟାଇମ କାର୍ଯ୍ୟପାଇଁ ପାରିଶ୍ରମିକ ନିର୍ଦ୍ଧାରଣ ଏବଂ ସବୈତନିକ ଛୁଟି ପ୍ରଦାନ ପାଇଁ ମଧ୍ୟ ଏଥିରେ ପ୍ରାବଧାନ ଥିଲା। ସିଲେକ୍ଟ କମିଟି ଦ୍ୱାରା ଏହି ବିଲ୍ ସମୀକ୍ଷିତ ହେବାପରେ ଏହି ଯୁଗାନ୍ତକାରୀ ଆଇନ ଯାହାକି ଡକ୍ଟର ଆମ୍ବେଦକରଙ୍କ ମାନସ ପ୍ରସ୍ତୁତ ଥିଲା, ତାହା ୧୯୪୬ ମସିହା ଏପ୍ରିଲ ୪ ତାରିଖ ଦିନ ଗୃହୀତ ହୋଇଥିଲା।

ଅଭ୍ର ଖଣି ଶ୍ରମିକ କଲ୍ୟାଣପାଣ୍ଠି ବିଲ୍ ମଧ୍ୟ ତାଙ୍କଦ୍ୱାରା ପ୍ରବର୍ତ୍ତନ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଅଭ୍ରଖଣି ଶିଳ୍ପରେ କାର୍ଯ୍ୟରତ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ଏକ ପାଣ୍ଠି ଗଠନ କରିବା। ଏହି ବିଲ୍ ୧୯୪୬ ମସିହା ଏପ୍ରିଲ ୧୫ ତାରିଖ ଦିନ ପାରିତ ହୋଇଥିଲା। ଏହା ଶିଶୁ ଏବଂ ମହିଳା ଶ୍ରମିକମାନଙ୍କ ପାଇଁ ସୁବିଧା ସୁଯୋଗ ଏବଂ କାର୍ଯ୍ୟସ୍ଥଳୀ ସ୍ଥିତିରେ ଉନ୍ନତି ଆଣିଥିଲା। ସେହିଭଳି ସେମାନଙ୍କ କାର୍ଯ୍ୟବଣ୍ଟା ଅବଧି ଓ ମଜୁରୀ ପ୍ରସଙ୍ଗକୁ ମଧ୍ୟ ସୁସଂହତ କରିଥିଲା। ଡକ୍ଟର ଆମ୍ବେଦକର ୧୯୪୬ ମସିହା ଏପ୍ରିଲ ୧୧ ତାରିଖ ଦିନ ସର୍ବନିମ୍ନ ମଜୁରୀ ବିଲ ଆଗତ କରିଥିଲେ। ପ୍ରସ୍ତାବିତ ଏହି ବିଲ୍‌ଟି ଉପଦେଷ୍ଟା କମିଟିମାନଙ୍କୁ ଏବଂ ବୋର୍ଡମାନଙ୍କୁ ସମାନତା ଆଧାରରେ କର୍ମନିଯୁକ୍ତା-ଶ୍ରମିକମାନଙ୍କ ପ୍ରତିନିଧିତ୍ୱ ପାଇଁ ବ୍ୟବସ୍ଥା କରିଥିଲା। ପରେ ୧୯୪୮ ମସିହା ଫେବୃଆରୀ ୯ ତାରିଖ ଦିନ ଏହି ବିଲ୍ ଆଇନରେ ପରିଣତ ହୋଇଥିଲା।

ଡକ୍ଟର ଆମ୍ବେଦକର କମ୍ୟୁନିଷ୍ଟମାନଙ୍କ ଦ୍ୱାରା ହେଉଥିବା ଶ୍ରମିକ ଆନ୍ଦୋଳନକୁ ବିରୋଧ କରିଥିଲେ। ମାର୍କ୍ସଙ୍କ ଉତ୍ପାଦନର ସମସ୍ତ ସାଧନକୁ ସାମଗ୍ରିକ ନିୟନ୍ତ୍ରଣ କରିବା ଚିନ୍ତାଧାରାକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ସେହିଭଳି ବ୍ୟକ୍ତିଗତ ସମ୍ପତ୍ତିର ଉଚ୍ଛେଦ ପାଇଁ ମାର୍କ୍ସଙ୍କ ମତ ସହ ମଧ୍ୟ ସେ ସହମତ ହୋଇନଥିଲେ। ଏହା ଦାରିଦ୍ର୍ୟ ଏବଂ ନିର୍ଯାତନାକୁ ବୃଦ୍ଧି କରିବ ବୋଲି ତାଙ୍କର ମତ ଥିଲା। ସେ ତାଙ୍କର 'ବୁଦ୍ଧ କିମ୍ବା କାଲମାର୍କ୍ସ' ପ୍ରବନ୍ଧରେ ଲେଖିଥିଲେ- 'କମ୍ୟୁନିଷ୍ଟମାନେ କହିପାରିବେ କି ଯେ, ସେମାନଙ୍କର ମୂଲ୍ୟବାନ ଲକ୍ଷ୍ୟ ହାସଲ ଦ୍ୱାରା ସେମାନେ କୌଣସି ମୂଲ୍ୟବାନ ଲକ୍ଷ୍ୟକୁ ଧ୍ୱଂସ କରିନାହାନ୍ତି। ସେମାନେ ବ୍ୟକ୍ତିଗତ ସମ୍ପତ୍ତିକୁ ଧ୍ୱଂସ କରି ଦେଇଛନ୍ତି। ଯଦି ଏହାକୁ ଏକ ମୂଲ୍ୟବାନ ଲକ୍ଷ୍ୟ ବୋଲି ଧରାଯାଏ ତେବେ କମ୍ୟୁନିଷ୍ଟମାନେ କହିପାରିବେ ଯେ, ସେମାନେ ଅନ୍ୟ କୌଣସି ମୂଲ୍ୟବାନ ଲକ୍ଷ୍ୟକୁ ଏହି ପ୍ରକ୍ରିୟାରେ ନିଃଶେଷ କରିଦେଇ ନାହାନ୍ତି। ଏହି ଲକ୍ଷ୍ୟ ହାସଲ କରିବା ଲାଗି ସେମାନେ କେତେ ଲୋକଙ୍କୁ ହତ୍ୟା କରିଛନ୍ତି। ମଣିଷ ଜୀବନର ମଧ୍ୟ କୌଣସି ମୂଲ୍ୟ ନାହିଁ? ସେମାନେ ଧନସମ୍ପତ୍ତି ଛଡ଼ାଇ ନେଇ କ'ଣ ସମ୍ପତ୍ତିର ମାଲିକଙ୍କ ଜୀବନକୁ ଛାଡ଼ିଦେଇ ପାରିନଥାନ୍ତେ?'

ଭାରତ ସମ୍ବିଧାନର ଚିଠା ପ୍ରସ୍ତୁତ କରିବା ସମୟରେ ଡକ୍ଟର ଆମ୍ବେଦକର ଶ୍ରମକୁ ମିଳିତ ତାଲିକାରେ ସାମିଲ କରି, ଏହା ସୁନିଶ୍ଚିତ କରିଥିଲେ ଯେ ଏଥିପାଇଁ ସମାନ ଆଇନ ପ୍ରଣୟନ କରାଯାଇପାରିବ, ଯାହାକି ଅନ୍ତରାଷ୍ଟ୍ରୀୟ ମାନର ସମତୁଲ ହେବ। ତାଙ୍କର ଦୂରଦୃଷ୍ଟି କେବଳ ବନ୍ଧୁଆ ଶ୍ରମିକ ବ୍ୟବସ୍ଥାର ଉଚ୍ଛେଦ କରିନଥିଲା, ସମ୍ବିଧାନ ଦୃଷ୍ଟିରେ ଏହାକୁ ବେଆଇନ ବୋଲି ମଧ୍ୟ ଘୋଷଣା କରାଯାଇଥିଲା।

ସଂସ୍କାର, କାର୍ଯ୍ୟୟନ ଏବଂ ପରିବର୍ତ୍ତନର ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ଏବଂ ଡକ୍ଟର ଆମ୍ବେଦକରଙ୍କ ମୂଲ୍ୟବୋଧରେ ଅନୁପ୍ରାଣିତ ହୋଇ ସରକାର ୪ଟି ବ୍ୟାପକ ଶ୍ରମିକ ସଂହିତା- ମଜୁରି ସଂହିତା, ଶିଳ୍ପ ସମ୍ପର୍କ, ସାମାଜିକ ନିରାପତ୍ତା ଓ କଲ୍ୟାଣ ଏବଂ କାର୍ଯ୍ୟସ୍ଥଳୀ ନିରାପତ୍ତା, ସ୍ୱାସ୍ଥ୍ୟ ଓ କାର୍ଯ୍ୟସ୍ଥିତି ଭଳି ସଂହିତା ପ୍ରଣୟନ କରିଛନ୍ତି। ଏହିସବୁ ସଂସ୍କାର ସାର୍ବଜନନୀ ସାମାଜିକ ନିରାପତ୍ତା, ଶ୍ରମିକମାନଙ୍କ ଅଧିକାରର ସୁରକ୍ଷା, ଉତ୍ପାଦିକା ଶକ୍ତି ବୃଦ୍ଧି, କର୍ମନିଯୁକ୍ତି ସୃଷ୍ଟି ଏବଂ ଭାରତର ଆର୍ଥିକ ବିକାଶକୁ ସୁଦୃଢ କରିବା ନିମନ୍ତେ ଅଭିପ୍ରେତ, ଯାହା ଆମକୁ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଆଡକୁ ଆଗେଇ ନେବ। ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନ-ଧନ ଯୋଜନା ଯାହା ୨୦୧୯ ମସିହା ଫେବୃଆରୀ ମାସରେ ଶୁଭାରମ୍ଭ କରାଯାଇଛି, ତାହା ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ବୃଦ୍ଧାବସ୍ଥା ସୁରକ୍ଷାକୁ ସୁନିଶ୍ଚିତ କରେ। ଯଦ୍ୟପି ମାତୃତ୍ୱ ସଂଶୋଧନ ଆଇନ ୨୦୧୭ ପ୍ରସବକାଳୀନ ଛୁଟି ଅବଧିକୁ ୧୨ରୁ ୨୬ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରିବା ସହିତ କ୍ରେଚ୍ ସୁବିଧାକୁ ବାଧ୍ୟତାମୂଳକ କରେ।

ଆମେ ଯେତେବେଳେ ରାଷ୍ଟ୍ର ନିର୍ମାଣର ଶ୍ରମିକମାନଙ୍କ ଅସୁମାରୀ ଅବଦାନକୁ ସମ୍ମାନ ଜଣାଉଛୁ, ଯାହାକି ସତ୍ୟମେବ ଜୟତେର ଶାଶ୍ୱତ ଭାବନାରେ ପରିଚାଳିତ, ସେତେବେଳେ ଡକ୍ଟର ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ତାଙ୍କର ଚିନ୍ତାଧାରା ଏବଂ କାର୍ଯ୍ୟ ସଂପର୍କରେ ରାଷ୍ଟ୍ର ନିର୍ମାଣ ପାଇଁ ଥିବା ସୂକ୍ଷ୍ମ ଚେତନାକୁ ସ୍ମରଣ କରିବା ତାଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ। ଡକ୍ଟର ଆମ୍ବେଦକରଙ୍କ ଆଦର୍ଶ ଆମପାଇଁ ସର୍ବଦା ଏକ ମାର୍ଗଦର୍ଶନର ଶିଖା ହୋଇ ରହିବ ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ନିମନ୍ତେ ପ୍ରେରଣା ଯୋଗାଇବ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୦୬ ଡିସେମ୍ବର ୨୦୨୫ ଶନିବାର





# ଉନ୍ନତ ସୁବିଧା ପାଇଁ ଯାତ୍ରୀ ସଂରକ୍ଷଣ ସେବାକୁ ସୁଗମ କରୁଛି ପୂର୍ବତଟ ରେଳପଥ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୂର୍ବ ତଟ ରେଳପଥ ଏହାର କାର୍ଯ୍ୟକ୍ଷମ ପ୍ରଣାଳୀକୁ ଉନ୍ନତ କରି ଦକ୍ଷ, ଯାତ୍ରୀ-ଅନୁକୂଳ ସେବା ପ୍ରଦାନ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି । ଏହି ପଦକ୍ଷେପର ଏକ ଅଂଶ ଭାବରେ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସମ୍ବଳର ଉତ୍ତମ ବ୍ୟବହାର ସୁନିଶ୍ଚିତ କରିବା ଏବଂ ଡିଜିଟାଲ୍ ଟିକେଟିଂ ଆଡକୁ ବର୍ଦ୍ଧିତ ପରିବର୍ତ୍ତନକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ କାଉଣ୍ଟରଗୁଡ଼ିକର ନିରନ୍ତର ସମୀକ୍ଷା କରୁଅଛି । ସକ୍ଷମ ଅଧିକାରୀଙ୍କ ଅନୁମୋଦନ ସହିତ, ମେରାମଣ୍ଡଳୀ ଏବଂ କଣାସ ରୋଡ୍ ରେଳ ଷ୍ଟେସନରେ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ (ପିଆରଏସ) କାଉଣ୍ଟରଗୁଡ଼ିକୁ ୨୧.୧୨.୨୦୨୫ ଠାରୁ କମ୍ ପୃଷ୍ଠପୋଷକତା ଯୋଗୁଁ ପ୍ରତ୍ୟାହାର କରାଯିବାକୁ ନିଷ୍ପତ୍ତି ନିଆଯାଇଅଛି । ମେରାମଣ୍ଡଳୀ ଏବଂ କଣାସ ରୋଡ୍ ରେ ଦୈନିକ ହାରାହାରି ଯାତ୍ରୀ ସଂରକ୍ଷଣ ସଂଖ୍ୟା ଯଥାକ୍ରମେ ପ୍ରାୟ




୧୪ ଏବଂ ୧୧ ଟି ଟିକେଟ ଅଟେ । ଏହି ଅଞ୍ଚଳର ଯାତ୍ରୀମାନେ ନିକଟବର୍ତ୍ତୀ ସଂରକ୍ଷଣ ପ୍ରଣାଳୀ ସୁବିଧାର ଉପଯୋଗ ପାଇବା ଜାରି ରଖିବେ: କଣାସ ରୋଡ୍ ଅଞ୍ଚଳ ପାଇଁ : ଡେଲାଙ୍ଗ (୪ କିଲୋମିଟର ଦୂର) ଏବଂ ସାକ୍ଷୀଗୋପାଳ (୧୪ କିଲୋମିଟର ଦୂର) ରେ ସଂରକ୍ଷଣ କାଉଣ୍ଟର ଉପଲବ୍ଧ ଅଛି । ମେରାମଣ୍ଡଳୀ ଅଞ୍ଚଳ ପାଇଁ: ତାଳଚେର ଏବଂ ତାଳଚେର ରୋଡ ଷ୍ଟେସନ ଦ୍ୱୟ ଠାରେ ପିଆରଏସ ସୁବିଧା ଉପଲବ୍ଧ ଏବଂ ଉଭୟ ଟିକେଟ କେନ୍ଦ୍ର ୧୫ କିଲୋମିଟର ମଧ୍ୟରେ ଅବସ୍ଥିତ । ଏହି ବ୍ୟବସ୍ଥାଗୁଡ଼ିକ ରେଳ ବୋର୍ଡ ନିର୍ଦ୍ଦେଶାବଳୀ ଅନ୍ତର୍ଗତ ଅଟେ ଯାହା ୧୫ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ବିକଳ୍ପ ସଂରକ୍ଷଣ ପ୍ରଣାଳୀ ଟ୍ରେନ ଟିକେଟ କାଉଣ୍ଟର ଥିବା ସ୍ଥାନରେ ପିଆରଏସ କାଉଣ୍ଟରଗୁଡ଼ିକୁ ଯୁକ୍ତିଯୁକ୍ତ କରିବା ପାଇଁ ଅନୁମତି ମିଳିଥାଏ । ପୂର୍ବତଟ ରେଳପଥ ମଧ୍ୟ ଅନଲାଇନ୍ ଟିକେଟ ବୁକିଂ ପ୍ରତି ଯାତ୍ରୀମାନଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଲକ୍ଷ୍ୟ କରିଛି । ସଂରକ୍ଷିତ ଟିକେଟର ଏକ ପ୍ରମୁଖ ପ୍ରତିଶତ ବର୍ତ୍ତମାନ ଆଇଆରସିଟିସି ୱେବସାଇଟ୍ ଏବଂ ମୋବାଇଲ୍ ଆପ୍ ଭଳି ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ବୁକ୍ କରାଯାଉଛି ଯାହା ଦ୍ରୁତ ଏବଂ ଅଧିକ ସୁବିଧାଜନକ ବିକଳ୍ପ ପାଇଁ ପରିବର୍ତ୍ତିତ ଯାତ୍ରୀ ପସନ୍ଦକୁ ପ୍ରତିଫଳିତ କରୁଅଛି । ଏହା ସହିତ, କଟକ ହାଇକୋର୍ଟ ଠାରେ କାର୍ଯ୍ୟକାରୀ ଥିବା ଅଣ-ରେଳ ସ୍ଥାନ ପିଆରଏସ କାଉଣ୍ଟରକୁ କାର୍ଯ୍ୟକ୍ଷମ ଆବଶ୍ୟକତା ଏବଂ ସୁରକ୍ଷା ପ୍ରୋଟୋକଲକୁ ବିଚାରକୁ ନେଇ ବ୍ୟାଙ୍କ ଛୁଟିଦିନରେ ବନ୍ଦ ରଖାଯିବାକୁ ନିଷ୍ପତ୍ତି ନିଆଯାଇଅଛି । ଏଠି ପାଇଁ କୌଣସି ସାଧାରଣ କାର୍ଯ୍ୟ ଦିବସ ପ୍ରଭାବିତ ହେବ ନାହିଁ । ଯାତ୍ରୀମାନଙ୍କୁ ସମୟୋଚିତ ଯୋଗାଯୋଗ ସୁନିଶ୍ଚିତ କରିବା ପାଇଁ ଏହି ପରିବର୍ତ୍ତନଗୁଡ଼ିକ ସମ୍ବନ୍ଧୀୟ ବିଜ୍ଞପ୍ତିଗୁଡ଼ିକ ସମ୍ପୃକ୍ତ ଷ୍ଟେସନ ଏବଂ ପିଆରଏସର ପ୍ରମୁଖ ସ୍ଥାନରେ ପ୍ରଦର୍ଶିତ କରଯାଉଅଛି । ସୁଗମ କାର୍ଯ୍ୟାନ୍ୱୟନ ପାଇଁ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ସମ୍ପୃକ୍ତ ରେଳ ସେକ୍ସନର ମୁଖ୍ୟ ବାଣିଜ୍ୟିକ ନିରୀକ୍ଷକଙ୍କ ସହିତ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଅଛି । ପୂର୍ବତଟ ରେଳପଥ ନିରାପଦ, ଦକ୍ଷ ଏବଂ ଯାତ୍ରୀ-କୈନ୍ଦ୍ରିକ ସେବା ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ଏବଂ ଏହି କାର୍ଯ୍ୟକ୍ଷମ ଅପ୍ଟିମାଇଜେସନ୍ ପ୍ରକ୍ରିୟାରେ ସମସ୍ତ ଯାତ୍ରୀଙ୍କ ସହଯୋଗକୁ ପ୍ରଶଂସା କରେ।

# ୩୬ ତମ କୋଣାର୍କ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶୀ ଓ କଥକ ନୃତ୍ୟରେ ଦର୍ଶକ ବିଭୋର

**କୋଣାର୍କ, ନ୍ୟୁଜ ବ୍ୟୁରୋ**
ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ତଥା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଉଦ୍ୟମରେ କୋଣାର୍କ ଠାରେ ଆୟୋଜିତ ପାଞ୍ଚ ଦିନିଆ ୩୬ ତମ କୋଣାର୍କ ଉତ୍ସବ ୨୦୨୫ ଏବଂ ୧୫ ତମ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ ୨୦୨୫ ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ କରକମଳରେ ଉଦ୍‌ଯାପିତ ହୋଇଯାଇଅଛି । ଶୁକ୍ରବାର ଅନ୍ତିମ ସନ୍ଧ୍ୟାର ପ୍ରଥମ ପର୍ଯ୍ୟାୟରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଶ୍ରୀମତୀ ଆରତୀ କର ଓ ତାଙ୍କ ଉତ୍କଳ ଡ୍ୟାନ୍ସ ଓ ରିସର୍ଚ୍ଚ ଏକାଡେମିର ଶିଳ୍ପୀବୃନ୍ଦଙ୍କ ଦ୍ୱାରା ପରିବେଷିତ ହୋଇଥିଲା ଓଡ଼ିଶୀ ନୃତ୍ୟ। ସେମାନଙ୍କର ପ୍ରଥମ ଉପସ୍ଥାପନାଟି ଥିଲା ତ୍ରିପଥଗା, ତ୍ରିପଥଗାପବିତ୍ର ଗଙ୍ଗା ନଦୀକୁ ବୁଝାଏ ଯାହା ତିନୋଟି ଲୋକରେ ପ୍ରବାହିତ ହୁଏ। ପବିତ୍ର ସ୍ନାନ ଜୀବନ ଏବଂ ମୃତ୍ୟୁ ଚକ୍ରରୁ ମୁକ୍ତି ମଧ୍ୟ ପ୍ରଦାନ କରେ ଏବଂ ଏହାର ଅନେକ ନାମ ଅଛି। ଗଙ୍ଗା ନଦୀ ସମସ୍ତ ଭାରତୀୟଙ୍କ ପାଇଁ ଧାର୍ମିକ ଜୀବନରେଖା ସଦୃଶ୍ୟ। ଏହି



ନୃତ୍ୟାଭିନୟଟିର ନୃତ୍ୟ: ସଂରଚନା କରିଥିଲେ ଗୁରୁ ରମେଶ ଚନ୍ଦ୍ର ଜେନା ଓ ଗୁରୁ ଶ୍ରୀମତୀ ଆରତୀ କର। ସଂଗୀତ ସଂଯୋଜନା କରିଥିଲେ ଗୁରୁ ରମେଶ ଚନ୍ଦ୍ରଦାସ, ତାଳ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। ତାଙ୍କର ପରବର୍ତ୍ତୀ ପ୍ରସ୍ତୁତିଟି ଥିଲା ନିୟତି, ନିୟତି ସମସ୍ତଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଦ୍ୱିତୀୟରେ ତଥା କୋଣାର୍କ ଉତ୍ସବର ଅନ୍ତିମ ପର୍ଯ୍ୟାୟରେ ସଞ୍ଜୁକ୍ତା ସିହ୍ନା ଓ ତାଙ୍କ ସଞ୍ଜୁକ୍ତା ସିହ୍ନା ଡାନ୍ସ କମ୍ପାନିର ଶିଳ୍ପୀବୃନ୍ଦଙ୍କ ଦ୍ୱାରା କଥକ ନୃତ୍ୟ ପରିବେଷିତ ହୋଇଥିଲା। ସେମାନଙ୍କ ପ୍ରସ୍ତୁତିରେ ଥିଲା ଆଦି ଅନନ୍ତ। ଏହି ପ୍ରଯୋଜନାଟି ଶିବ ଏବଂ କୃଷ୍ଣଙ୍କ ଦିବ୍ୟ ଶକ୍ତିକୁ ଅନୁସନ୍ଧାନ ଏବଂ ମୂର୍ତ୍ତିମନ୍ତ କରିଥିଲା । ଦୁଇଟି ମହାଜାଗତିକ ଶକ୍ତି - ଯାହା ଏକତ୍ର ସୃଷ୍ଟି, ସଂରକ୍ଷଣ ଏବଂ ବିଲୟନର ଅନନ୍ତ ଚକ୍ରକୁ ସମାପ୍ତ କରି ତାଳ, ଗତି ଏବଂ ଭାବନା ମାଧ୍ୟମରେ, ପ୍ରଦର୍ଶନ ସ୍ଥିରତାରୁ ଆନନ୍ଦକୁ, ତପସ୍ୟାରୁ ପରମାନନ୍ଦକୁ ଯାତ୍ରା କରେ। ଆଦି ଅନନ୍ତ, ଶିବଙ୍କ ପାଇଁ ଅସୀମ ଏବଂ ଅନନ୍ତ। ଏହା କଥକର ବିବିଧତା ଏବଂ ସମନ୍ୱୟକୁ ମଧ୍ୟ ସମ୍ମାନ କରିଥିଲା । ପରେ ପରେ ସେମାନଙ୍କ ପ୍ରସ୍ତୁତିରେ ଥିଲା ଲୀଳା ଯାହା ଆକାଶୀୟ ଆନନ୍ଦର ନୃତ୍ୟ, କୃଷ୍ଣଙ୍କ ଦିବ୍ୟ ଖେଳକୁ ପାଳନ କରେ - ଯେଉଁଠାରେ ଭକ୍ତି ପରିତ୍ୟାଜନା ସହିତ ମିଳେ, ଏବଂଆନନ୍ଦ ସମସ୍ତ ରୂପକୁ ଅତିକ୍ରମ କରେ। ଏକାଠି, ଆଦି ଅନନ୍ତ ଏବଂ ଲୀଳା ଶିବଙ୍କ ଅନନ୍ତ ନୀରବତାରୁ କୃଷ୍ଣଙ୍କ ପରମାନନ୍ଦ ଖେଳ ପର୍ଯ୍ୟନ୍ତ - ଏକ ଆଧ୍ୟାତ୍ମିକ ଯାତ୍ରା ବୁଣିଛି ଯାହା କଥକର ଅସୀମ ସମ୍ଭାବନା ଏବଂ ନୃତ୍ୟର କାଳଜୟୀ ସାରକୁ ଭକ୍ତି ଭାବରେ ପ୍ରତିଫଳିତ କରିଥିଲା।
ଅନ୍ତିମ ଦିନରେ ଅନ୍ତର୍ଜାତୀୟ ବାଲୁକା କଳାର ପୁରୁଷ ବାଲୁକା ଶିଳ୍ପୀଙ୍କ ପାଇଁ ବିଷୟ ବସ୍ତୁ ଥିଲା ଆତ୍ମନିର୍ଭର ଭାରତ ଏବଂ ମହିଳାମାନଙ୍କ ପାଇଁ ଥିଲା ବିକଶିତ ଭାରତ । ଦେଶ ବିଦେଶରୁ ଆସିଥିବା ବାଲୁକା ଶିଳ୍ପୀମାନଙ୍କର କଳା ନିପୁଣ୍ୟତା, ପ୍ରକୃତି କୋଳରେ ତଲ୍ଲିନ ହୋଇ ପ୍ରତ୍ୟକ୍ଷ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରାଇଥିଲା।
କୋଣାର୍କ ଉତ୍ସବର ଶୁକ୍ରବାର ଉଦ୍‌ଯାପନୀ ଦିବସର ମୁଖ୍ୟ ଅତିଥି ଭାବେ ଓଡ଼ିଶାର ମହାମହିମ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ପାପାଟି ଓଡ଼ିଶାର ପ୍ରଥମ ମହିଳା ଡକ୍ଟର ଜୟଶ୍ରୀ କମ୍ପାପାଟି ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଓ ଶିଳ୍ପୀ ବୃନ୍ଦଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତକୁ ତୈଳ ଯୋଗାଣ...

ଯାଉଛୁ। ଏହି ନେଣଦେଣ ୯୬ ପ୍ରତିଶତ କରିଲୁଣି। ଗତବର୍ଷ ଆମର ଦ୍ୱିପାକ୍ଷିକ ବ୍ୟବସାୟରେ ୧୨ ପ୍ରତିଶତ ବୃଦ୍ଧି ଘଟିଛି। ଏହାକୁ ଏକ ମାଇଲଖୁଣ୍ଟ କହିପାରିବା। ଏହା ପାଖାପାଖି ୬୪ ଅରବ ଡଲାର। ଚଳିତ ବର୍ଷ ଏହା ଅଧିକ ପ୍ରଭାବଶାଳୀ ହେବ ବୋଲି ଆଶା କରାଯାଉଛୁ। ଏପରିକି ଏହି ସ୍ତର ୧୦୦ ଅରବ ଡଲାରରେ ପହଁଞ୍ଚାଇବା ପାଇଁ ଆମେ ପ୍ରସ୍ତୁତ ଅଛୁ' ବୋଲି କହିଥିଲେ ପୁଟିନ। ପୁଟିନ କିହଥିଲେ, ପ୍ରଧାନମନ୍ତ୍ରୀ ଆମକୁ ଚାଲେଞ୍ଜର ଏକ ପୂରା ତାଲିକା ଦେଇଥିଲେ। ଏହା ଉପରେ ଆମ ସରକାରଙ୍କୁ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଆଉ ଆମେ ଏହା କରିବୁ ମଧ୍ୟ। ଭାରତ ଏବଂ ୟୁରୋଏସିଆନ ଆର୍ଥିକ ସଂଘ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟିକ ସମ୍ବନ୍ଧର ନିର୍ମାଣ ଦ୍ୱାରା ରୁଷ୍-ଭାରତ ବାଣିଜ୍ୟିକ ସମ୍ପର୍କର ବିକାଶର ରାସ୍ତା ମଧ୍ୟ ସଫା ହୋଇଯିବ। ଆମେ ଏହି ବୁଝାମଣା ଉପରେ ପୂର୍ବରୁ କାମ କରୁଛୁ। ଆମେ ସବୁଠାରୁ ବଡ଼ ଭାରତୀୟ ପରମାଣୁ କେନ୍ଦ୍ର ନିର୍ମାଣ ପ୍ରକଳ୍ପ ଉପରେ ମଧ୍ୟ କାମ କରୁଛୁ। ଛଅଟି ରିଆକ୍ଟର ମଧ୍ୟରୁ ତିନୋଟି ଶକ୍ତି ନେଟୱାର୍କ ସହିତ ସଂଯୁକ୍ତ ହୋଇସାରିଛି। ଆମେ ଆମର ଭାରତୀୟ ଅଂଶୀଦାରମାନଙ୍କ ସହିତ ନୂତନ ଅନ୍ତର୍ଜାତୀୟ ପରିବହନ ମାର୍ଗ ସୃଷ୍ଟି କରିବା ପାଇଁ କାମ କରୁଛୁ, ଯେଉଁଥିରେ ରୁଷ୍ କିମ୍ବା ବେଲାରୁଷ୍‌ରୁ ଭାରତ ମହାସାଗର ଉପକୂଳକୁ ଉତ୍ତର-ଦକ୍ଷିଣ ପରିବହନ ସୃଷ୍ଟି କରିବା ପାଇଁ ଏକ ପ୍ରକଳ୍ପ ଅନ୍ତର୍ଭୁକ୍ତ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଭାରତ-ରୁଷ୍ ମଧ୍ୟରେ ଆର୍ଥିକ ସହଯୋଗ ବୃଦ୍ଧି ଆମର ପ୍ରାଥମିକ ଦାୟିତ୍ୱ। ସେଥିପାଇଁ ଆର୍ଥିକ ସହଯୋଗ କାର୍ଯ୍ୟକ୍ରମ ଉପରେ ସହମତି ବ୍ୟକ୍ତ କରିଛୁ। ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗରେ ଭାରତ ଆରମ୍ଭରୁ ଶାନ୍ତିର ସମାଧାନ ଚାହିଁ ଆସିଛି। ଏହି ମାମଲାରେ ଶାନ୍ତିପୂର୍ଣ୍ଣ ଏବଂ ସ୍ଥାୟୀ ସମାଧାନ ପାଇଁ କରାଯାଉଥିବା ସମସ୍ତ ପ୍ରୟାସକୁ ସ୍ୱାଗତ କରେ। ଏଥିପାଇଁ ଭାରତ ସବୁବେଳେ ସହଯୋଗର ହାତ ବଢାଇବା ପାଇଁ ପ୍ରସ୍ତୁତ ଅଛି ଏବଂ ଭବିଷ୍ୟତରେ ମଧ୍ୟ ରହିବ। ମୋଦୀ କହିଥିଲେ, ଭାରତ-ରୁଷ ୟୁରେସୟାନ ଆର୍ଥିକ ସଂଘ ସହିତ ମୁକ୍ତ ବାଣିଜ୍ୟିକ ବୁଝାମଣା ପାଇଁ କାମ କରୁଅଛି। ଭାରତ-ରୁଷ୍ ଦୀର୍ଘ ସମୟ ଧରି ଆତଙ୍କବାଦ ବିରୁଦ୍ଧରେ ଲଢିବା ପାଇଁ କାନ୍ଧରେ କାନ୍ଧ ମିଶାଇ ଠିଆ ହୋଇଛନ୍ତି। ପହଲଗାମ ଆକ୍ରମଣ ହେଉ ବା କ୍ରୋକ୍ସ ସିଟି ହଲ୍ ଉପରେ ହୋଇଥିବା ଆକ୍ରମଣ ହେଉ, ସମସ୍ତ ଘଟଣାର ମୂଳ ଗୋଟିଏ। ଭାରତ ବିଶ୍ୱାସ କରେ, ଆତଙ୍କବାଦ ମାନବିକତା ଉପରେ ସିଧାସଳଖ ଆକ୍ରମଣ। ଏହା ବିରୋଧରେ ବୈଶ୍ୱିକ ଏକତା ଆମ ପାଇଁ ସବୁଠାରୁ ବଡ଼ ଶକ୍ତି। ଭାରତ-ରୁଷ୍ ସଂଯୁକ୍ତ ରାଷ୍ଟ୍ର, ଜି-୨୦, ବ୍ରିକ୍ସ, ସାଂଘାଇ ସହଯୋଗ ସଂଗଠନ ଏବଂ ଅନ୍ୟ ମଞ୍ଚ ଉପରେ ଘନିଷ୍ଠ ସହଯୋଗ ଜାରି ରଖିବେ। ଏହି ଅବସରରେ ମୋଦି କହିଥିଲେ, ଆମେ ଖୁବ୍ ଶୀଘ୍ର ରୁଷ୍ ନାଗରିକଙ୍କ ପାଇଁ ୩୦ ଦିନିଆ ନିଃଶୁଳ୍କ ଇ-ପର୍ଯ୍ୟଟକ ଭିସା ଏବଂ ୩୦ ଦିନିଆ ସମୂହ ପର୍ଯ୍ୟଟକ ଭିସା ଆରମ୍ଭ କରିବାକୁ ଯାଉଛି।

## ମେଗା ଜଳସେଚନ ପ୍ରକଳ୍ପରେ...

ନିରାପଦ ପାନୀୟ ଜଳ ପ୍ରତ୍ୟେକ ଜନସାଧାରଣଙ୍କ ଏକ ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ। ଗ୍ରାମୀଣ ପରିବାର ଗୁଡ଼ିକୁ ସ୍ୱଚ୍ଛ ନିରାପଦ ପାନୀୟଜଳ ଯୋଗାଇଦେବା ସହିତ ରାଜ୍ୟରେ ଗ୍ରାମୀଣ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରି ବାହ୍ୟ ମଳମୁକ୍ତ ଗ୍ରାମ ଗଢ଼ିବା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମୁଖ୍ୟ ଦାୟିତ୍ୱ। ସେ କହିଥିଲେ, ଆର୍ଥିକ ବର୍ଷ ୨୦୧୪-୧୫ ଠାରୁ ଅଦ୍ୟାବଧି ୩୯,୪୯,୩୧୨ଟି ପକ୍କା ଘର ନିର୍ମାଣ କରି ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ରରେ ଆମ ରାଜ୍ୟ ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟରୂପେ ପରିଗଣିତ ହୋଇପାରିଛି। ୪ ଓ ୬ ମାସ ମଧ୍ୟରେ ଗୃହ ନିର୍ମାଣ ଶେଷ କରୁଥିବା ହିତାଧିକାରୀମାନଙ୍କୁ ଗ୍ରାମୀଣ ଗୃହ ଯୋଜନାରୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଅଛି। ଅଦ୍ୟାବଧି ୧୦.୭୪ଲକ୍ଷ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ବାବଦକୁ ରାଜ୍ୟ ସରକାର ୧,୭୫୭ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସ୍ୱଚ୍ଛତା ଆଧାରରେ କାର୍ଯ୍ୟ କରିବା ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ନୀତି ହୋଇଥିବାରୁ ରାଜ୍ୟ ଦ୍ୱାରା ପରିଚାଳିତ ହେଉଥିବା 'ରୁରାଲ ହାଉସିଂ' ପୋର୍ଟାଲ୍ ଏବଂ 'ଆମ ଘର' ମୋବାଇଲ ଆପ୍ ମାଧ୍ୟମରେ କିସ୍ତି, ପ୍ରୋତ୍ସାହନ ରାଶି ପ୍ରଦାନ ସମ୍ବନ୍ଧୀୟ ତଥ୍ୟ ହିତାଧିକାରୀଙ୍କ ମୋବାଇଲକୁ ମେସେଜ ମାଧ୍ୟମରେ ପ୍ରଦାନ କରାଯାଉଛି। ହିତାଧିକାରୀ ବ୍ଲକ ଅଫିସରୁ କାର୍ଯ୍ୟାଦେଶ ସଂଗ୍ରହ କରିବା ପରିବର୍ତ୍ତେ ନିଜ ମୋବାଇଲରେ ଏହା ଦେଖି ପାରୁଛନ୍ତି। ରାଜ୍ୟରେ ବିଭିନ୍ନ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଆର୍ଥିକ ବର୍ଷ ୨୦୧୪-୧୫ରୁ ଏବେ ସୁଦ୍ଧା ୩୯.୪୯ଲକ୍ଷ ଗୃହ ନିର୍ମାଣ ସଂପୂର୍ଣ୍ଣ ହୋଇଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ମୋଟ ୧,୯୧୫ କୋଟି ବିନିଯୋଗରେ ୧,୩୬,୯୦୫ଟି ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଜନମନ ଯୋଜନା, ଅନ୍ତୋଦୟ ଗୃହ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଆଦି କ୍ଷେତ୍ରରେ ହୋଇଥିବା ସଫଳତା ସମ୍ପର୍କରେ ମନ୍ତ୍ରୀ ସୂଚନା ଦେଇଥିଲେ। ସେ କହିଥିଲେ, ରାଜ୍ୟର ୭୩% ସ୍କୁଲ, ୬୩ % ଅଙ୍ଗନୱାଡ଼ି କେନ୍ଦ୍ରକୁ ଟ୍ୟାପ୍ ସଂଯୋଗ ମାଧ୍ୟମରେ ପାନୀୟ ଜଳ ଯୋଗାଣ କରାଯାଉଛିଓ ପାନୀୟ ଜଳର ଗୁଣବତ୍ତା ନିରୀକ୍ଷଣ କରିବା ପାଇଁ, ରାଜ୍ୟରେ ୭୭ ଟି ଜଳ ଗୁଣବତ୍ତା ପରୀକ୍ଷଣ ପ୍ରୟୋଗଶାଳା ପ୍ରତିଷ୍ଠା କରାଯାଇଛି। ଏଥି ମଧ୍ୟରୁ ଗୋଟିଏ ରାଜ୍ୟ ସ୍ତରୀୟ, ୩୦ଟି ଜିଲ୍ଲା ସ୍ତରୀୟ ଏବଂ ୪୬ଟି ସବ୍-ଡିଭିଜନ ସ୍ତରୀୟ ପ୍ରୟୋଗଶାଳା ଅନ୍ତର୍ଭୁକ୍ତ। ଏହି ୭୭ଟି ପ୍ରୟୋଗଶାଳା ମଧ୍ୟରୁ ୪୩ଟି ଏନଏବିଏଲ (ଜାତୀୟ ପରୀକ୍ଷା ଏବଂ କାଲିବ୍ରେସନ୍ ପରୀକ୍ଷାଗାର ବୋର୍ଡ) ମାନଦଣ୍ଡ ଦ୍ୱାରା ସ୍ୱୀକୃତୀ ପ୍ରାପ୍ତ। ୨୦୨୫-୨୬ ଆର୍ଥିକ ବର୍ଷରେ ଅନ୍ୟ ୧୦ଟି ପ୍ରୟୋଗଶାଳାକୁ ଏନଏବିଏଲ ମାନଦଣ୍ଡରେ ଉନ୍ନୀତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି। ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ୧ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ମନ୍ତ୍ରୀଙ୍କ ଉତ୍ତର ପରେ ଖର୍ଚ୍ଚ ଦାବି ବାଚନିକ ଭୋଟରେ ଗୃହର ଅନୁମୋଦନ ଲାଭ କରିଥିଲା।

## ୬୫ ହଜାର ନିଯୁକ୍ତି ପାଇଁ...

ଦୁର୍ନୀତି କରାଯାଇଛି। ହେଲେ ବର୍ତ୍ତମାନ ସରକାର ଆସିବା ପରେ ରାଜ୍ୟରେ ବିଧିବଦ୍ଧ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଏହାକୁ ତ୍ୱରାନ୍ୱିତ କରାଯାଉଛି। ନୂଆ ସରକାର ସମୟରେ ଏପର୍ଯ୍ୟନ୍ତ ୩୭ ହଜାର ୩୭୧ଜଣଙ୍କୁ ସରକାରୀ ନିଯୁକ୍ତି ଦିଆଯାଇଛି। ଆସନ୍ତା ୫ ବର୍ଷ ମଧ୍ୟରେ ଦେଢ ଲକ୍ଷ ନିଯୁକ୍ତି ଦେବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ସେଥିମଧ୍ୟରୁ ଆଗାମୀ ୨ ବର୍ଷରେ ୬୫ ହଜାର ନିଯୁକ୍ତି ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ଘରୋଇ କ୍ଷେତ୍ରରେ ମଧ୍ୟ ୪୮ ହଜାର ନିଯୁକ୍ତି କରିବାକୁ ସମସ୍ତ ପଦକ୍ଷେପ ନିଆଯାଇଛି। ବିଗତ ସରକାର ସମୟରେ ଗ୍ରୁପ୍ ସି ଓ ଡି ନିଯୁକ୍ତି ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଯାହାକୁ ଏବର ସରକାର ଆରମ୍ଭ କରିଛନ୍ତି। ମନ୍ତ୍ରୀଙ୍କ ଉତ୍ତର ଚାଲିଥିବା ବେଳେ ବିରୋଧୀ ଦଳର ବିଧାୟକମାନେ ପ୍ରତିବାଦରେ କକ୍ଷ ତ୍ୟାଗ କରିଥିଲେ। ଏହି ଆଲୋଚନାରେ ବିରୋଧୀ ଦଳରୁ ବିଧାୟକ ଅଶୋକ କୁମାର ଦାସ, ସିଏସ୍ ରାଜନ ଏକ୍କା, ସୋଫିଆ ଫିର୍ଦ୍ଦୋଷ ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଶାସକ ଦଳରୁ ପ୍ରତାପ ଚନ୍ଦ୍ର ନାୟକ, ରଘୁନାଥ ଜଗଦଳା ପ୍ରମୁଖ ଭାଗ ନେଇଥିଲେ।

## ଭୁବନେଶ୍ୱର...

ନାୟକ ପ୍ରମୁଖ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ। ତେବେ ରାଜଧାନୀରେ ଶିକ୍ଷକ ଆନ୍ଦୋଳନ ପ୍ରସଙ୍ଗରେ ବିଧାୟକ ଗୌତମବୁଦ୍ଧ ଦାସ ଓ ପବିତ୍ର ସାଉଣ୍ଟା ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ। ସରକାର ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ମଧ୍ୟ ସେମାନେ କହିଥିଲେ।

## ମନ୍ଦିରରେ ଦୀପ ଜଳା ବିରୋଧରେ...

କମିଶନରଙ୍କ ଏକ ଇଣ୍ଟ୍ରା-କୋର୍ଟ ଅପିଲ୍ ଖାରଜ କରିଦେଇଥିଲେ। ଏହାସହ ଶ୍ରଦ୍ଧାଳୁଙ୍କୁ ଦୀପ ପ୍ରଜ୍ୱଳନ କରିବା ପାଇଁ ମଞ୍ଜୁରୀ ଦେଇଥିଲେ। ଏହାକୁ ବିରୋଧ କରି ତାମିଲନାଡୁ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଡିସେମ୍ବର ୧ରେ ମାଦ୍ରାସ ହାଇକୋର୍ଟର ଜଷ୍ଟିସ୍ ଜିଆର ସ୍ୱାମୀନାଥନଙ୍କ ଏକକ ଖଣ୍ଡପୀଠ ନିଜ ଆଦେଶରେ କହିଥିଲେ ଯେ ଦୀପାଥୁନ୍ ଉପରେ ଦୀପ ପ୍ରଜ୍ୱଳନ କରିବା ଦାୟିତ୍ୱ ଅରୁଲମିଘୁ ସୁବ୍ରମଣ୍ୟ ସ୍ୱାମୀ ମନ୍ଦିରର ଦାୟିତ୍ୱ। ଏହାସହ କହିଥିଲେ ଯେ ଏପରି କରିବା ଦରଘା ଓ ମୁସଲମାନ ସମୁଦାୟର ଅଧିକାର ଅତିକ୍ରମଣ ନୁହେଁ। ତେବେ ଏକକ ଖଣ୍ଡପୀଠର ଆଦେଶ ସତ୍ତ୍ୱେ ଦୀପ ପ୍ରଜ୍ୱଳନ କରାଯାଇ ନଥିଲା। ଡିସେମ୍ବର ୩ର ଖଣ୍ଡପୀଠ ଶ୍ରଦ୍ଧାଳୁଙ୍କୁ ଦୀପ ପ୍ରଜ୍ୱଳନ କରିବାକୁ କହିଥିଲେ ଓ ସୁରକ୍ଷା ଦାୟିତ୍ୱ ସିଆଇଏସ୍ଏଫ୍‌କୁ ଦେଇଥିଲେ। ଏକକ ଖଣ୍ଡପୀଠର ଆଦେଶ ବିରୁଦ୍ଧରେ ମଦୁରାଇର ଜିଲ୍ଲାଧିକାରୀ ଓ ପୋଲିସ କମିଶନର ଇଣ୍ଟ୍ରା-କୋର୍ଟ ଅପିଲ୍ ଦାୟର କରିଥିଲେ। ହାଇକୋର୍ଟ ମଧ୍ୟ ଏହି ଅପିଲ୍‌କୁ ଖାରଜ କରିଥିଲେ।

## ଡିସେମ୍ବର ୧୫ରୁ ସ୍ୱାଭାବିକ...

ମାତ୍ରାରେ ଥଣ୍ଡା ଅନୁଭୂତ ହୋଇନଥିବା ଲୋକେ କହିଛନ୍ତି। ଅନ୍ୟପଟେ ଶୁକ୍ରବାର ଭୋରରୁ ଘନ କୁହୁଡ଼ି ପଡ଼ିଥିବାରୁ ସକାଳ ୭ ଟା ଯାଏଁ ଭିଜିବିଲିଟି କମ୍ ରହିଥିଲା। କୁହୁଡ଼ି ଯୋଗୁଁ ରାସ୍ତାଘାଟ ଦେଖା ନ ଯିବାରୁ ଲୋକଙ୍କ ଯାତାୟାତରେ ସମସ୍ୟା ଦେଖା ଦେଇଥିଲା।

## ଭୁବନେଶ୍ୱର...

ସମ୍ମୁଖୀନ ହୋଇଛନ୍ତି ତାହାର ସମ୍ପୂର୍ଣ୍ଣ ଦାୟିତ୍ୱ ଆମେ ନେଉଛୁ। ପରିସ୍ଥିତିକୁ ସୁଧାରିବା ପାଇଁ ଆମେ ତିନୋଟି ପ୍ରମୁଖ ପଦକ୍ଷେପ ନେଉଛୁ। ଗ୍ରାହକମାନଙ୍କୁ ସଠିକ୍ ସୂଚନା ପ୍ରଦାନ କରିବା ଏବଂ ସେମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପଦକ୍ଷେପ ନେଉଛୁ। ସାମାଜିକ ଗଣମାଧ୍ୟମ ଏବଂ ଅନ୍ୟାନ୍ୟ ମାଧ୍ୟମରେ ଯୋଗାଯୋଗ କରାଯାଉଛି।' ସେ ଆହୁରି କହିଛନ୍ତି, 'ରିଫଣ୍ଡ, ବାତିଲ ଏବଂ ସହାୟତା ସମ୍ପର୍କରେ ବିସ୍ତୃତ ସୂଚନା ଜାରି କରାଯାଇଛି। ଅଧିକ ଲୋକଙ୍କୁ ସାହାଯ୍ୟ କରିବା ପାଇଁ କଲ୍ ସେଣ୍ଟରର କ୍ଷମତା ବୃଦ୍ଧି କରାଯାଇଛି। ପ୍ରମୁଖ ବିମାନ ବନ୍ଦରରେ ଅସୁବିଧାର ସମ୍ମୁଖୀନ ହୋଇଥିବା ଯାତ୍ରୀମାନଙ୍କୁ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ଉପରେ ଧ୍ୟାନ ଦିଆଯାଉଛି। ଯେଉଁମାନଙ୍କର ବିମାନ ବାତିଲ ହୋଇଛି, ସେମାନଙ୍କୁ ବିମାନବନ୍ଦରକୁ ନଆସିବାକୁ ଅନୁରୋଧ କରାଯାଉଛି। ଆପଣଙ୍କୁ ଏନେଇ ସୂଚିତ କରାଯିବ।

## ୧୦ ଗୁଣା ବଢ଼ିଲା ବିମାନ...

(ଆଇଏଟିଏ) ତଥ୍ୟ ଅନୁସାରେ, ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, କଲକାତା ଏବଂ ହାଇଦ୍ରାବାଦ ମଧ୍ୟରେ ସବୁଠୁ ଅଧିକ ବିମାନ ଯାତ୍ରୀ ଚଳାଚଳ କରୁଛନ୍ତି। ଭାରତରେ ଏହି ରୁଟ ସବୁଠୁ ବ୍ୟସ୍ତବହୁଳ ରୁଟ୍। ବର୍ତ୍ତମାନ ଇଣ୍ଡିଗୋ ବିମାନ ଉଡ଼ାଣରେ ସମସ୍ୟା ଯୋଗୁ ଅନ୍ୟ ବିମାନ କମ୍ପାନୀଗୁଡ଼ିକ ଏହି ରୁଟ୍‌ରେ ଟିକେଟ ଦରକୁ ଅହେତୁକ ବୃଦ୍ଧି କରିଛନ୍ତି। ଦିଲ୍ଲୀରୁ ମୁମ୍ବାଇ ସିଧାସଳଖ ବିମାନ ଯାତ୍ରା ପାଇଁ ଟିକେଟ ଦର ୨୫ ହଜାର ୧୬୧ ଟଙ୍କା ରହିଛି। ଯିବା ଆସିବା ପାଇଁ ଏହା ୪୮ ହଜାର ୯୭୨ ଟଙ୍କା ରଖାଯାଇଛି। ତାହା ପୁଣି ଟିକସ ବ୍ୟତୀତ। ପୂର୍ବରୁ ଏହା ୧୨ରୁ ୧୩ ହଜାର ମଧ୍ୟରେ ରହିଥିଲା। ସେହିପରି ମୁମ୍ବାଇରୁ ଦିଲ୍ଲୀ ଯିବାଆସିବା ଟିକେଟ ଦର ୪୬ ହଜାର ୮୦୦ ଟଙ୍କା ରଖାଯାଇଛି। ଅନ୍ୟପଟେ ଦିଲ୍ଲୀରୁ କଲକତା ଟିକେଟ ଦର ୩୨ ହଜାରରୁ ୩୯ ହଜାର ପର୍ଯ୍ୟନ୍ତ ରଖାଯାଇଛି। ଡିସେମ୍ବର ୬ ତାରିଖ ଯାତ୍ରା ପାଇଁ ଏହି ମୂଲ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି କଲକାତାରୁ ଦିଲ୍ଲୀ ୨୨ ହଜାରରୁ ୩୮ ହଜାର ପର୍ଯ୍ୟନ୍ତ ରହିଛି। ଦିଲ୍ଲୀରୁ ବେଙ୍ଗାଲୁରୁ ବିମାନ ଟିକେଟ ମୂଲ୍ୟ ବୃଦ୍ଧି ପାଇ ୮୦ ହଜାରରୁ ୮୮ ହଜାର ଟଙ୍କା ମଧ୍ୟରେ ରହିଛି। ଅନ୍ୟ ସାଧାରଣ ଦିବସରେ ଏହା ୧୪ ହଜାର ଟଙ୍କା ରହିଥିଲା। ଯେଉଁଠି ଭାରତରୁ ଦୁବାଇକୁ ବିମାନ ଯାତ୍ରା ୧୫ ହଜାର ଟଙ୍କା ଭିତରେ ହୋଇଯାଉଛି ସେଠାରେ ଦେଶ ଭିତରେ ଟିକେଟ ଦର ଏଭଳି ବୃଦ୍ଧି ପାଇବାକୁ ନେଇ ଯାତ୍ରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ପୁଟିନଙ୍କୁ ପବିତ୍ର ଗୀତା...

କପି ଉପହାର ଦେଇଥିଲେ। ପୁଟିନ ମଧ୍ୟ ଗୀତାକୁ ବଡ଼ ଆଦର ସହକାରେ ସ୍ୱୀକାର କରିଥିଲେ। ଏହି ଉପହାର ଦୁଇ ଦେଶର ନେତା ଓ ଭାରତ-ରୁଷ୍ ସଂପର୍କରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମ୍ବନ୍ଧକୁ ନୂଆ ଦିଗ ଦେଇଛି। ପୁଟିନଙ୍କୁ ଗୀତା ଉପହାର କରି ମୋଦି ସୋସିଆଲ ମିଡ଼ିଆ ଆକାଉଣ୍ଟ ଏକ୍ସରେ ଏହାର ଫଟୋ ମଧ୍ୟ ସେୟାର କରିଛନ୍ତି। ସେ କହିଛନ୍ତି- ଗୀତାର ଜ୍ଞାନ ଓ ସନ୍ଦେଶ ସାରା ବିଶ୍ୱର କୋଟି କୋଟି ଲୋକଙ୍କୁ ପ୍ରେରଣା ଦେଇଥାଏ ଏବଂ ଏହାର ଶିକ୍ଷା ପ୍ରତି ଯୁଗରେ ମାନବତାକୁ ସଠିକ୍ ଦିଗ ଦେଖାଇ ଥାଏ।

# ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ ପକ୍ଷରୁ ରବି ଫସଲ ପାଇଁ ଚାଷୀ ସଚେତନତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭାରତର ଅଗ୍ରଣୀ ସାଧାରଣ ବୀମା କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ, ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ଅଧୀନରେ ଆୟୋଜିତ ଆଗାମୀ ଫସଲ ବୀମା ସପ୍ତାହରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ପାଇଁ ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ସହିତ ସହଭାଗୀ ହୋଇଛି। ଏହି ସପ୍ତାହର ଲକ୍ଷ୍ୟ ହେଉଛି ଫସଲ ବୀମାର ଗୁରୁତ୍ୱ ବିଷୟରେ କୃଷକମାନଙ୍କର ସଚେତନତା ବୃଦ୍ଧି କରିବା ଏବଂ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିବା, ଯାହା ଦ୍ୱାରା ସେମାନେ ସେମାନଙ୍କର କୃଷି ଜୀବିକା ସୁରକ୍ଷିତ କରିପାରିବେ।
ଏହି ପଦକ୍ଷେପ ଅଧୀନରେ, କମ୍ପାନୀ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ଆନ୍ଧ୍ର ପ୍ରଦେଶ, ଓଡ଼ିଶା, ଆସାମ ଏବଂ ତାମିଲନାଡୁର ବିଭିନ୍ନ ଜିଲ୍ଲାଗୁଡ଼ିକରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକଳାପ ଆୟୋଜନ କରିବ। କୃଷକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ଫସଲ ବୀମା ଯୋଜନାର ବୈଶିଷ୍ଟ୍ୟ, କଭରେଜ୍ ବିବରଣୀ, ନାମଲେଖା ନିୟମ ଏବଂ ଦାବି ପ୍ରକ୍ରିୟା ବିଷୟରେ ସେମାନଙ୍କୁ ଶିକ୍ଷା ଦେବା ପାଇଁ ବ୍ୟାପକ କାର୍ଯ୍ୟକଳାପ ଆୟୋଜନ ଯୋଜନା କରାଯାଇଛି। ଏଥିରେ ଫସଲ ବୀମା ସ୍କୁଲ, ଚାଷୀ କର୍ମଶାଳା, ଚାଷୀ ମେଳା ଏବଂ ମହିଳା ଚାଷୀଙ୍କ ଉପରେ କେନ୍ଦ୍ରିତ ସ୍ୱତନ୍ତ୍ର ନାମଲେଖା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ରହିବ।
ଚାଷୀମାନଙ୍କ ମଧ୍ୟରେ ସଚେତନତାକୁ ଆହୁରି ସୁଦୃଢ଼ କରିବା ପାଇଁ, ଏସବିଆଇ ଜେନେରାଲ୍ ଇନସ୍ୟୁରାନ୍ସ ସ୍ଥାନୀୟ କାର୍ଯ୍ୟକ୍ରମ ଯେପରିକି ଘରକୁ ଘର ଅଭିଯାନ, ସ୍କୁଲ ଏବଂ କଲେଜରେ ଶିକ୍ଷାଗତ କାର୍ଯ୍ୟକଳାପ, ବାଇକ୍ ରାଲି, ଡଙ୍ଗା ପ୍ରଚାର, ପଥପ୍ରାନ୍ତ ନାଟକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା। ଗ୍ରାମ, ବ୍ଲକ ଏବଂ ଜିଲ୍ଲା ସ୍ତରରେ ପ୍ରଚାର ବୃଦ୍ଧି କରିବା ପାଇଁ ପାଲେଟ୍, ବାରମ୍ବାର ପଚାରା ଯାଉଥିବା ପ୍ରଶ୍ନ (ଏଫ୍ଏକ୍ୟୁ) ପାଇଁ ବିଲବୋର୍ଡ, ବ୍ୟାନର ଏବଂ ପୋଷ୍ଟର ମାଧ୍ୟମରେ ବ୍ୟାପକ ବାହ୍ୟ ବିଜ୍ଞାପନ ମଧ୍ୟ କରାଯିବ।
ଭୂମିଗତ କାର୍ଯ୍ୟକଳାପ ସହିତ, ଆଞ୍ଚଳିକ ଭାଷାରେ ଏକ ଦୃଢ଼ ଡିଜିଟାଲ୍ ଏବଂ ସାମାଜିକ ଗଣମାଧ୍ୟମ ଅଭିଯାନ ମଧ୍ୟ ଏହି ପଦକ୍ଷେପର ପ୍ରଭାବକୁ ବୃଦ୍ଧି କରିବ।
ଏହି ପ୍ରୟାସ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରି, ଏସବିଆଇ ଜେନେରାଲ ଇନସ୍ୟୁରାନ୍ସର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ନବୀନ ଚନ୍ଦ୍ର ଝା କହିଛନ୍ତି, 'ଏସବିଆଇ ଜେନେରାଲ ଇନସ୍ୟୁରାନ୍ସରେ, ଆମର ଉଦ୍ଦେଶ୍ୟ ସର୍ବଦା ଭାରତର ଚାଷୀଙ୍କ ଶକ୍ତି ଏବଂ ପ୍ରଗତିକୁ ସମର୍ଥନ କରିବା। ଚାଷୀମାନେ ଆମ ଅର୍ଥନୀତିର ମେରୁଦଣ୍ଡ, ଏବଂ ସେମାନଙ୍କୁ ସମର୍ଥନ କରିବା ଆମର କର୍ତ୍ତବ୍ୟର ଅଂଶବିଶେଷ।
ଫସଲ ବୀମା ସପ୍ତାହ ଆମକୁ କୃଷକମାନଙ୍କ ସହିତ ଅଧିକ ନିକଟତର ହେବା, ଯୋଜନାର ବୁଝାମଣାକୁ ସରଳ କରିବା ଏବଂ ସେମାନଙ୍କ ପାଇଁ ଉପଲବ୍ଧ ସୁରକ୍ଷା ବିଷୟରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ପ୍ରଦାନ କରେ। ସରକାରୀ ସଂସ୍ଥା ଏବଂ ଅନୁଷ୍ଠାନିକ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରି, ଆମେ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖୁଛୁ ଯେ ପୀକରଣ ପ୍ରକ୍ରିୟା ସରଳ ହେବ ଓ ଭୂମିଗତ କାର୍ଯ୍ୟାନ୍ୱୟନ ସମୟୋଚିତ ଏବଂ ପ୍ରଭାବଶାଳୀ ହେବ। ପ୍ରତିବର୍ଷ, ଆମେ ଜାତୀୟ ସ୍ତରୀୟ ପଦକ୍ଷେପଗୁଡ଼ିକରେ ଅଂଶଗ୍ରହଣ କରୁ ଯାହା ଗ୍ରାମୀଣ ଭାରତରେ ବିଶ୍ୱାସ ଗଠନ, ଆର୍ଥିକ ସୁରକ୍ଷା ବୃଦ୍ଧି ଏବଂ ସ୍ଥାୟୀ ତଥା ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରେ।' ଏହି ଅଭିଯାନ ମାଧ୍ୟମରେ, ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ ରବି ଫସଲ (୨୦୨୫-୨୬) ପାଇଁ କୃଷକମାନଙ୍କ ପାଖରେ ପହଞ୍ଚିବା ଉପରେ ଧ୍ୟାନ ଦେବ ଯାହା ଦ୍ୱାରା ପିଏମଏଫବିୱାଇର ବୈଶିଷ୍ଟ୍ୟ ଏବଂ ଲାଭ ବିଷୟରେ ସଚେତନତା ବୃଦ୍ଧି କରାଯିବ। ଏହି ପ୍ରୟାସ ମାଧ୍ୟମରେ ଚାଷୀମାନଙ୍କୁ ସଶକ୍ତ କରିବା, କୃଷି ସ୍ଥିରତା ବୃଦ୍ଧି କରିବା ଏବଂ ସରକାରଙ୍କ ଏକ ଆତ୍ମନିର୍ଭରଶୀଳ ତଥା ସଶକ୍ତ କୃଷି କ୍ଷେତ୍ରର ଦୃଷ୍ଟିକୋଣରେ ଯୋଗଦାନ ଦେବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରେ।

# ୯ ମାସରେ ପ୍ରକଳ୍ପ ଗ୍ରାଉଣ୍ଡିଂ ହୋଇଛି ୨ ଲକ୍ଷ କୋଟି ଟଙ୍କା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**
୨୦୨୫ ଜାନୁଆରୀ ୨୮, ୨୯ରେ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଫଳରେ ରାଜ୍ୟରେ ସମୁଦାୟ ୫୯୩ଟି ଶିଳ୍ପ ପ୍ରତିଷ୍ଠା ଲାଗି ୧୬ ଲକ୍ଷ ୭୩ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ନେଇ ଆଗ୍ରହ ପ୍ରସ୍ତାବ ଆସିଥିବା ବେଳେ ସେଥିମଧ୍ୟରୁ ୧୩ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ନେଇ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ବିଗତ ୯ ମାସ ମଧ୍ୟରେ ୮୫ଟି ପ୍ରକଳ୍ପ ପାଇଁ ୨ ଲକ୍ଷ ୪ ହଜାର କୋଟି ଟଙ୍କାର ଶିଳ୍ପ ଗ୍ରାଉଣ୍ଡିଂ ବା କାର୍ଯ୍ୟାରମ୍ଭ ହୋଇଛି ବୋଲି ଆଜି ବିଧାନସଭାରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଛନ୍ତି। ବିଜେଡ଼ି ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଏସମ୍ପର୍କିତ ପ୍ରଶ୍ନ ଏବଂ ବିଧାୟକ ସର୍ବଶ୍ରୀ ବିଭୂତି ବଳବନ୍ତରାୟ, ଧ୍ରୁବଚରଣ ସାହୁ, ରାମଚନ୍ଦ୍ର କାଡ଼ାମ, ଇରାଶିଷ ଆଚାର୍ଯ୍ୟ ଓ ଗଣେଶ୍ୱର ବେହେରା ପ୍ରମୁଖଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଶିଳ୍ପମନ୍ତ୍ରୀ କହିଥିଲେ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କୁ ଶିଳ୍ପ ପ୍ରତିଷ୍ଠା ପାଇଁ ଦିଆଯାଇଥିବା ଜମିରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶିଳ୍ପ ପ୍ରତିଷ୍ଠା କରିନଥିଲେ ସେମାନଙ୍କ ଠାରୁ ସମ୍ପୃକ୍ତ ଜମିକୁ ଫେରାଇ ଆଣିବାର ବ୍ୟବସ୍ଥା ରହିଛି । ସେହିପରି ଏମ୍‌ଓୟୁ ଅନୁସାରେ ସ୍ଥାନୀୟ ନିଯୁକ୍ତି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ାରେ ନିପନ ଷ୍ଟିଲ୍ କମ୍ପାନୀ ପକ୍ଷରୁ ପ୍ରସ୍ତାବିତ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ଦିଗରେ ଜଙ୍ଗଲ ଅନୁମତି ମିଳିବା ପରେ କାର୍ଯ୍ୟାରମ୍ଭ ହେବ। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି କାରଖାନା ପାଇଁ ସମ୍ପ୍ରତି ରାସ୍ତା ଓ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକ୍ରମ ଚାଲୁ ରହିଛି ବୋଲି ମନ୍ତ୍ରୀ କହିଥିଲେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISON GAJAPATI PARLAKHEMUNDI
e-mail: rwd_gajapati@yahoo.co.in
O-1637
NATIONAL COMPETITIVE BIDDING THROUGH e-Procurement
Identification No. Online Tender- 10/GJP/2025-26

1. Name of the work : Road Works
2. Total No. Work : 01 (One) No. of Road Work
3. Estimated Cost : Rs. 24.92 lakhs
4. Class of Contractor : 'C' & 'B' Class Contractor
5. Period of Completion : Furnished in Annexure
6. Availability of Tender Online for bidding : 08.12.2025 at 10.00 A.M to 15.12.2025 up to 5.00 PM.
7. Date and Time of Opening of Tender : 16.12.2025 at 11.00 A.M
8. Place of Opening : As per Annexure

Further details can be seen from the Website www.tenderorissa.gov.in
OIPR-25158/11/0028/2526
EXECUTIVE ENGINEER
R.W. DIVN.GAJAPATI

OFFICE OF THE PANCHAYAT SAMITI
KORUKONDA
i-406
No. 5056 /VI-155/2025/Dev.
TENDER CALL NOTICE NO- 04/2025-26
Dated:4-12-2025

Sealed Tender in the prescribed form to be eventually drawn up in PWD Form P-1 (Percentage Rate Bids) in conformity with detailed Tender Call Notice are invited by the Block Development Officer, Korukonda on behalf of Government of Odisha for tenders for construction of various work as mentioned below from eligible Contractors registered with the State Government and Contractor of equivalent grade/class registered with Central Government /MES/ Railways, having registration for Civil works on production of definite proof from the appropriate authority. The detailed of the works are available in the Website https://malkangiri.odisha.gov.in and Office Notice Board. Any further deviation/ corrigendum will be available in the above website.

| | |
|---|---|
| Name of the works | 1. Improvement of Road with Culvert from Naringjhola to Khajuriguda Via-Bakuli, 2. Ghat cutting Road with Box cell Culvert from R.D Road to Damodarbeda –Talasahi, 3. Construction of Minor Bridge with Improvement of Road from Majhiguda to Gajalbandha .4.Construction of Addl Class Room at Chitapari-1 High School. |
| No.of works | 04 nos ( Four ) only |
| Amount put to Tender | As laid down in the DTCN/ Tender call notice |
| Tender Paper Cost | As laid down in the DTCN/ Tender call notice |
| E.M.D amount required | As laid down in the DTCN/ Tender call notice |
| Period of completion | As laid down in the DTCN for each Work |
| Date of sale of Tender paper | The Bid documents can be downloaded from the Govt. Website https://malkangiri.odisha.gov.in from 06.12.2025 to 22.12.2025 |
| Date of receipt of Tender paper | From 06.12.2025 to 22.12.2025 up to 5.30 P.M (in working days) through Registered post / Speed post only. |
| Date of opening of Tender papers | At 11.00 A.M on dated 23.12.2025 in the office of the Block Development Officer, Korukonda in presence of Tenderer/ their authorized representatives. |

If the last date of receipt of tender paper turns out be a holiday, it will automatically be extended to next working day.
OIPR-19021/11/0011/2526
Block Development Officer,
Korukonda

ପୂର୍ବ ତଟ ରେଳପଥ
'ଇ' କ୍ରୟ ପ୍ରଣାଳୀ
ଟେଣ୍ଡର ବିଜ୍ଞପ୍ତି ସଂ. SDMM/KUR/EP/2025-26/ E-procurement Tender Notice/13, ତା.02.12.2025ରିଖ
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି।
କ୍ରମ ସଂ. 01 : ଟେଣ୍ଡର ସଂ. 81256540, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଟ୍ରାକ୍ସନ ଏନର୍ଜି ମ୍ୟାନେଜମେଣ୍ଟ ସେଣ୍ଟର (TEMC)ର ରୂପାନ୍ତରଣ ନିମନ୍ତେ ଡାଟା ଟ୍ରାନ୍ସମିଶନ ସିଷ୍ଟମର ଯୋଗାଣ ଏବଂ ସଂସ୍ଥାପନ, ପରିମାଣ : 1 ସେଟ୍।
କ୍ରମ ସଂ. 02 : ଟେଣ୍ଡର ସଂ. 81256545, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଉଭୟ ସୀମାରେ ରେଲ କ୍ଲାମ୍ପ ସହିତ ବିଭିନ୍ନ ସାଇଜର ରେଲ ଜମ୍ପର, ଲମ୍ବ-01 ମିଟର, 05 ମିଟର ଏବଂ 14 ମିଟର, ପରିମାଣ : 1520 ସଂଖ୍ୟକ।
କ୍ରମ ସଂ. 03 : ଟେଣ୍ଡର ସଂ. 81256542A, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ସିଙ୍ଗଲ ଲିଫ୍ ଅଟୋମେଟିକ ସ୍ଲାଇଡିଙ୍ଗ ମେନ୍ ଏଣ୍ଟ୍ରାନ୍ସ ପ୍ଲଗ୍ ଡୋର୍ ର ଯୋଗାଣ, ପରିମାଣ : 04 ସେଟ୍।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 29.12.2025, 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-877/Q/25-26

ଭୁବନେଶ୍ୱର
୦୬ ଡିସେମ୍ବର,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

### ମାର୍ଚ୍ଚ ସୁଦ୍ଧା ସରିବ ଏକାମ୍ର ପ୍ରକଳ୍ପ

# ଶ୍ରୀମନ୍ଦିର ଢାଞ୍ଚାରେ ନିର୍ମାଣ ହେଉଛି ପରିକ୍ରମା ପ୍ରକଳ୍ପ

**ଭୁବନେଶ୍ୱର, ୫/୧୨**
**ନ୍ୟୁଜ ବ୍ୟୁରୋ**

ନୂଆ ରୂପରେ ଶୋଭା ପାଇବ ଏକାମ୍ର କ୍ଷେତ୍ର । ପୁରୀ ଶ୍ରୀମନ୍ଦିର ଢାଞ୍ଚାରେ ନିର୍ମାଣ ହେଉଛି ଏକାମ୍ର ପରିକ୍ରମା ପ୍ରକଳ୍ପ। ବର୍ଷ ୨୦୨୬, ମାର୍ଚ୍ଚ ମାସ ସୁଦ୍ଧା ସରିବ ଏକାମ୍ର ପ୍ରକଳ୍ପ । ମଠର ପୁନରୁଦ୍ଧାର ସହ କରାଯିବ ସୌନ୍ଦର୍ଯ୍ୟକରଣ । ପାରିପାର୍ଶ୍ୱିକ ବିକାଶ ସହ ଐତିହ୍ୟର ସୁରକ୍ଷା ପ୍ରତି ଦିଆଯାଉଛି ବିଶେଷ ଧ୍ୟାନ । ଏକାମ୍ର ପ୍ରକଳ୍ପର ସମୀକ୍ଷା କରି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହା କହିବା ସହିତ ସମୟସୀମା ମଧ୍ୟରେ କାମ ସାରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନ ଠାରେ ଏକାମ୍ର ସଂରକ୍ଷଣ ଯୋଜନା ସମ୍ପର୍କରେ ଅନୁଷ୍ଠିତ ବୈଠକରେ ଏନେଇ ଆଲୋଚନା ହୋଇଥିଲା। ଏହା ସହିତ ଉକ୍ତ ବୈଠକରେ ବିନ୍ଦୁସାଗରର ପାର୍ଶ୍ୱବର୍ତ୍ତୀ ସୌନ୍ଦର୍ଯ୍ୟକରଣ, ଔଷଧୀୟ ଉଦ୍ୟାନର ସଂରକ୍ଷଣ, ମନ୍ଦିର ସହିତ ବିଭିନ୍ନ ମଠର ପୁନଃନିର୍ମାଣ, ସେବାୟତମାନଙ୍କ ପାଇଁ ମୋବାଇଲ ଶୌଚାଳୟର ବ୍ୟବସ୍ଥା। ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି । ଏନେଇ ପୂର୍ତ୍ତ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, 'ଖୁବଶୀଘ୍ର ସରିବ ଏକାମ୍ର ପ୍ରକଳ୍ପ ।' ଏନେଇ ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି, 'ଏକାମ୍ର ପ୍ରୋଜେକ୍ଟ ପାଇଁ ସମୁଦାୟ ଜମି ଅଧିଗ୍ରହଣରୁ ଅବଶିଷ୍ଟ ଅଂଶ ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପୂର୍ତ୍ତ ମନ୍ତ୍ରୀ । ଯେଉଁଠି ଜମି ଅଧିଗ୍ରହଣ ସମସ୍ୟା ଥିଲା ସେଠି କାମ ବନ୍ଦ ରହିଛି। ମାର୍ଚ୍ଚ ମାସ ବା ଶିବରାତ୍ରି ପୂର୍ବରୁ ବିଶେଷ କରି ବଡ଼ ପାର୍କିଂ ଯାହାକି ପ୍ରକଳ୍ପର ବଡ଼ ପାର୍ଟ ଏବଂ କେଦାରଗୌରୀ ଛକ ଠାରୁ ମନ୍ଦିର ଯାଏ ରାସ୍ତା କାମ ମାର୍ଚ୍ଚ ପୂର୍ବରୁ ସରିବାକୁ ଆଇନ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ସଂସ୍ଥାକୁ କାମ ଦିଆଯାଇଥିଲା ସେ କାମରେ ବିଳମ୍ବ କଲେ। ତେଣୁ ୧୫ ଦିନ ଭିତରେ ଟେଣ୍ଡର ଡାକି ନୂଆ ସଂସ୍ଥାକୁ କାମ ଦିଆଯିବ। ଲିଙ୍ଗରାଜ ମନ୍ଦିରର ଯେଉଁ ବିକାଶ ଗତ ସରକାର ଆରମ୍ଭ କରିଥିଲା, ତାହା ଠପ ହୋଇଯାଇଛି । ପୂର୍ତ୍ତମନ୍ତ୍ରୀ ଏହା ଉପରେ ସମୀକ୍ଷା କରିଛନ୍ତି ।'



ଭୁବନେଶ୍ୱର : ରବିନ୍ଦ୍ର ମଣ୍ଡପରେ ଆୟୋଜିତ ସଂଗୀତ ସନ୍ଧ୍ୟା "ମେରା ଭାରତ ମହାନ" ସୁଷମା ସଂଗୀତ ସଦନର ଶିଳ୍ପୀମାନଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଉଛି। ଏହାକୁ ନିର୍ଦ୍ଦେଶନା ଦେଉଛନ୍ତି ବିଶିଷ୍ଟ କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଲିତ। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଭୁବନେଶ୍ୱର ଏମ୍ସକୁ ୩କୋଟି ୪୦ ଲକ୍ଷ ଟଙ୍କା ଦାନ କରିଥିବା ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର ଡା. ଲକ୍ଷ୍ମୀ ବାଇ ଏମ୍ସର ଡାକ୍ତରମାନଙ୍କ ଗହଣରେ । (ଫଟୋ : ସମ୍ବାଦ କଳିକା)

# 'ହିନ୍ଦୁ ଶତାବ୍ଦୀ' ଓ ସୁକାନ୍ତ ତ୍ରିପାଠୀଙ୍କ ୨ଟି କବିତା ପୁସ୍ତକ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୫/୧୨ ନ୍ୟୁଜ ବ୍ୟୁରୋ**

ଶୁକ୍ରବାର ରାଜ୍ୟ ଅତିଥି ଭବନରେ ବିଶ୍ୱ ହିନ୍ଦୁ ପରିଷଦର ମୁଖପତ୍ର 'ହିନ୍ଦୁ ଶତାବ୍ଦୀ' ପତ୍ରିକା ଉନ୍ମୋଚନ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପତ୍ରିକାର ଉନ୍ମୋଚନ କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଲେଖିଛନ୍ତି ଯେ, ଏହି ମୁଖପତ୍ରଟି ସାମାଜିକ, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଚେତନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ କାର୍ଯ୍ୟ କରିବ। 'ହିନ୍ଦୁ ଶତାବ୍ଦୀ' ଆମର ସନାତନ ସଂସ୍କୃତି, ମୂଲ୍ୟବୋଧ ଏବଂ ଜୀବନଶୈଳୀ ସମ୍ବନ୍ଧରେ ସକାରାତ୍ମକ ଭାବନା ପ୍ରସାର କରି ଜାତୀୟ ଚିନ୍ତାଧାରାକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ମୋର ଦୃଢ଼ ବିଶ୍ୱାସ। ଏହି ଅବସରରେ, ମୁଖ୍ୟମନ୍ତ୍ରୀ ବିଶିଷ୍ଟ କବି ସୁକାନ୍ତ ତ୍ରିପାଠୀଙ୍କ ଦ୍ୱାରା ରଚିତ ଦୁଇଟି କବିତା ସଂକଳନ 'ଗୀତି ମାଳା' ଓ 'ଭାରତ ଭାରତୀ'ର ମଧ୍ୟ ଉନ୍ମୋଚନ କରିଛନ୍ତି। କବି ତ୍ରିପାଠୀଙ୍କର ଏହି ମହତ୍ତ୍ୱପୂର୍ଣ୍ଣ ସାହିତ୍ୟିକ ଅବଦାନ ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରିବା ସହ ପାଠକମାନଙ୍କ ହୃଦୟରେ ମହାନ ଭାରତୀୟ ପରମ୍ପରା ଏବଂ ଗଭୀର ଦେଶାତ୍ମବୋଧର ଭାବନାକୁ ଜାଗ୍ରତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### କୃଷି ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

# ମୃତ୍ତିକା ଖାଦ୍ୟ ନିରାପତ୍ତା, ପରିବେଶ ସନ୍ତୁଳନ ଏବଂ ଉନ୍ନତ ଜୀବନଶୈଳୀ ସୁନିଶ୍ଚିତ କରେ

**ଭୁବନେଶ୍ୱର, ୦୫/୧୨**
**ନ୍ୟୁଜ ବ୍ୟୁରୋ**

ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ ୫ ଡିସେମ୍ବର ୨୦୨୫ ରେ କୃଷି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ମୃତ୍ତିକା ଦିବସର ବିଶ୍ୱସ୍ତରୀୟ ପାଳନକୁ ଚିହ୍ନିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏ ବର୍ଷର ବିଷୟବସ୍ତୁ ଥିଲା 'ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା'। ମୃତ୍ତିକା ସ୍ୱାସ୍ଥ୍ୟ କିପରି ସହରାଞ୍ଚଳରେ ଖାଦ୍ୟ ନିରାପତ୍ତା, ପରିବେଶ ସନ୍ତୁଳନ, ପରିଷ୍କାର ବାୟୁ, ବିଶୁଦ୍ଧ ଜଳ ଏବଂ ଉନ୍ନତ ଜୀବନଶୈଳୀ ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ସେନେଇ ଆଲୋଚନା ହୋଇଥିଲା। କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ଭବିଷ୍ୟତ ପିଢ଼ି ପାଇଁ ମୃତ୍ତିକାର ଉର୍ବରତାକୁ ରକ୍ଷା କରିବା ନିମନ୍ତେ ରାସାୟନିକ ସାମଗ୍ରୀର ହ୍ରାସ, ଜୈବିକ ପଦାର୍ଥର ପ୍ରୋତ୍ସାହନ ଏବଂ ପ୍ରାକୃତିକ ତଥା ଜଳବାୟୁ-ସହନଶୀଳ କୃଷି କୌଶଳର ବ୍ୟାପକ ପ୍ରଚଳନ ଭଳି ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାକୁ କୃଷକ, ବୈଜ୍ଞାନିକ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ଆହ୍ୱାନ ଦେଇଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ରାଜ୍ୟରେ ମୃତ୍ତିକା ପରୀକ୍ଷଣ ସୁବିଧାକୁ ଦୃଢ଼ କରିବା ପାଇଁ ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରିଥିଲେ। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବିଷୟବସ୍ତୁର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶ୍ୱ ମୃତ୍ତିକା ଦିବସ ୨୦୨୫ ଉପରେ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହେବା ସହିତ 'ମାନୁଆଲ୍ ଅନ୍ ଏଗ୍ରିକଲଚରାଲ୍ ପ୍ରଡକ୍ସନ୍ ଟେକ୍ନୋଲୋଜି – ରବି ୨୦୨୫-୨୬' ପୁସ୍ତିକାର ଉନ୍ମୋଚନ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା। ବୈଜ୍ଞାନିକ ଉପାୟରେ ମୃତ୍ତିକାରେ ଉପଲବ୍ଧ ପୋଷକ ତତ୍ତ୍ୱ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ କୃଷକମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା ଏବଂ କୃଷି ସମ୍ପର୍କିତ ପ୍ରଦର୍ଶନୀକୁ ଉଦ୍ଘାଟନ କରାଯାଇଛି । ବୈଷୟିକ ଅଧିବେଶନରେ ବିଶେଷଜ୍ଞମାନେ ସ୍ଥାୟୀ ମୃତ୍ତିକା ପରିଚାଳନା, ପ୍ରାକୃତିକ ଚାଷ, ସିଟି କମ୍ପୋଷ୍ଟର ବ୍ୟବହାର, ସହରାଞ୍ଚଳ ଓ ଛାତ ବଗିଚା ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ସୁପାରିଶ ଉପରେ କହିଥିଲେ। କୃଷକମାନେ କ୍ଷେତ୍ର ସ୍ତରରେ ମୃତ୍ତିକା ସ୍ୱାସ୍ଥ୍ୟ ବଜାୟ ରଖିବା ବିଷୟରେ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କ ପ୍ରୟାସକୁ ସ୍ୱୀକୃତି ଦେଇ ସମାପନ ମନ୍ତବ୍ୟ ଏବଂ ଧନ୍ୟବାଦ ଅର୍ପଣ ଆଦି ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା କରିଥିଲେ । ମୃତ୍ତିକା ହେଉଛି ଏକ ଜୀବନ୍ତ ସମ୍ବଳ । ସୁସ୍ଥ ଖାଦ୍ୟ, ସୁସ୍ଥ ଲୋକ ଏବଂ ସୁସ୍ଥ ସହର ସୁନିଶ୍ଚିତ କରିବା ପାଇଁ ମୃତ୍ତିକାକୁ ସୁରକ୍ଷା ଦେବା ଅତ୍ୟନ୍ତ ଜରୁରୀ।



# ନନ୍ଦନକାନନରେ ନୂଆ ଅତିଥି : ଆସିଲେ ୪ ପ୍ରଜାତିର ୧୯ ଜୀବଜନ୍ତୁ

### ଯିବେ ୫ ପ୍ରଜାତିର ୧୪ ଜୀବଜନ୍ତୁ

**ଭୁବନେଶ୍ୱର, ୫/୧୨**
**ନ୍ୟୁଜ ବ୍ୟୁରୋ**

ନୂଆ ବର୍ଷ ପୂର୍ବରୁ ନନ୍ଦନକାନନକୁ ଆସିଛନ୍ତି ନୂଆ ଅତିଥି । ମହାବଳ ବାଘ ବଦଳରେ ଦୀର୍ଘ ୨୫ ବର୍ଷ ପରେ ନନ୍ଦନକାନନକୁ ଆସିଛି ଓଧ । ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ଗୁଜୁରାଟର ସୁରଟରେ ଥିବା ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ପ୍ରାଣୀ ଉଦ୍ୟାନ ମଧ୍ୟରେ ବନ୍ୟଜନ୍ତୁ ବିନିମୟ ମାଧ୍ୟମରେ ପ୍ରାଣୀ ଅଦଳବଦଳ କରାଯାଇଛି । ସଂରକ୍ଷଣ ଏବଂ ଜେନେଟିକ୍ ବିବିଧତା ବୃଦ୍ଧି କରିବା ପାଇଁ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଏହି ପଦକ୍ଷେପକୁ ଅନୁମୋଦନ କରିଛନ୍ତି । ସୁରଟର ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ପ୍ରାଣୀ ଉଦ୍ୟାନରୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ୫ଟି ଓଧ (୩ଟି ପୁରୁଷ ଓ ୨ଟି ମାଈ), ଇଣ୍ଡିଆନ୍ ଗ୍ରେ ଗଧିଆ (୨ଟି ପୁରୁଷ), ୧୦ଟି ଇଣ୍ଡିଆନ୍ ଷ୍ଟାର କଇଁଛ (୫ ପୁରୁଷ ଏବଂ ୫ ମାଈ), ୨ଟି ସିଲଭର ଫିଜାଣ୍ଟ ପକ୍ଷୀ ଆସିଛନ୍ତି। ଉଭୟ ଚିଡ଼ିଆଖାନାର ମିଳିତ ଏକ ଟିମ ଶୁକ୍ରବାର ଭୋର ସମୟରେ ସୁରଟରୁ ନନ୍ଦନକାନନକୁ ପ୍ରାଣୀମାନଙ୍କୁ ଆଣିଛନ୍ତି । ତେବେ ୨୦୦୦ ମସିହାରେ ନନ୍ଦନକାନନରେ ଶେଷ ଥର ପାଇଁ ଓଧମାନଙ୍କୁ ରଖାଯାଇଥିଲା। ଦୀର୍ଘ ୨୫ ବର୍ଷ ପରେ ଏବେ ପର୍ଯ୍ୟଟକମାନେ ନନ୍ଦନକାନନରେ ଓଧ ଦେଖିବାକୁ ପାଇବେ । ତେବେ ନୂଆ ଅତିଥି ଆସିବା ପରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପ୍ରଜାତି ସଂଖ୍ୟା ୧୭୬ରୁ ୧୭୭କୁ ବୃଦ୍ଧି ପାଇଛି। ନୂଆ କରି ଆସିଥିବା ପ୍ରାଣୀମାନଙ୍କୁ ଏନକ୍ଲୋଜରକୁ ଛଡ଼ାଯିବା ପୂର୍ବରୁ ୨୦ରୁ ୩୦ ଦିନ ପର୍ଯ୍ୟନ୍ତ କ୍ୱାରେଣ୍ଟାଇନରେ ରଖାଯିବ। ପରେ ସେମାନଙ୍କୁ ସେମାନଙ୍କ ଏନକ୍ଲୋଜରକୁ ସ୍ଥାନାନ୍ତର କରାଯିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ନନ୍ଦନକାନନର ଡେପୁଟି ନିର୍ଦ୍ଦେଶକ ସନତ କୁମାର ଏନ । ସେପଟେ ପ୍ରତିବଦଳରେ ନନ୍ଦନକାନନ ଚିଡ଼ିଆଖାନାରୁ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ପ୍ରାଣୀ ଉଦ୍ୟାନକୁ ରୟାଲ ବେଙ୍ଗଲ ଟାଇଗର (୧ଟି ବାଘ ଏବଂ ୧ଟି ବାଘୁଣୀ), ଇଣ୍ଡିଆନ ଗ୍ରେ ଗଧିଆ (୨ଟି ମାଈ), ଚାରି-ଶୃଙ୍ଗଯୁକ୍ତ କୃଷ୍ଣସାର ମୃଗ (୧ଟି ପୁରୁଷ ଏବଂ ୨ଟି ମାଈ), ବାର୍କିଂ ଡିଅର (୨ଟି ମାଈ) ଏବଂ ଇଣ୍ଡିଆନ ବିଲୁଆ (୨ଟି ପୁରୁଷ ଏବଂ ୩ଟି ମାଈ) ପଠାଯିବ । ଏହି ପ୍ରାଣୀ ଅଦଳବଦଳ ବିଶେଷ କରି ସ୍ଥାନାନ୍ତର ପ୍ରକ୍ରିୟା ଦୁଇଟି ପର୍ଯ୍ୟାୟରେ କରାଯିବାର ଯୋଜନା କରାଯାଇଛି । ପ୍ରଥମ ପର୍ଯ୍ୟାୟରେ କୃଷ୍ଣସାର ମୃଗ, ବାର୍କିଂ ଡିଅର ଏବଂ ଇଣ୍ଡିଆନ ଜ୍ୟାକେଲ ପଠାଯିବ । ପରେ ଦ୍ୱିତୀୟ ପର୍ଯ୍ୟାୟରେ ବାଘ ଏବଂ ଗଧିଆ ପଠାଯିବ । ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଉପନିର୍ଦ୍ଦେଶକ ସନତ କୁମାର ଏନ. କହିଛନ୍ତି, 'ପ୍ରତ୍ୟେକ ବର୍ଷ ବିଭିନ୍ନ ସମୟରେ ବନ୍ୟପ୍ରାଣୀ ଅଦଳବଦଳ କରାଯାଇଥାଏ। ବଡ଼ଦିନ ଓ ନୂଆବର୍ଷ ସହିତ ନନ୍ଦନକାନନର ପ୍ରତିଷ୍ଠା ଦିବସ ଉପଲକ୍ଷେ ଆସିଥିବା ପ୍ରାଣୀମାନଙ୍କୁ ପର୍ଯ୍ୟଟକଙ୍କ ପାଇଁ ସାଧାରଣରେ ଛଡାଯିବାର ଯୋଜନା ରହିଛି। ତେବେ ଆଗକୁ ପର୍ଯ୍ୟଟକଙ୍କ ଭିଡ ରହିବା କାରଣରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଉଛି। କିଭଳି ଭାବରେ ପର୍ଯ୍ୟଟକମାନେ ସୁବିଧା ଓ ସୁରକ୍ଷିତ ଭାବରେ ପ୍ରାଣୀ ଉଦ୍ୟାନ ବୁଲି ପାରିବେ ସେନେଇ ସମସ୍ତ ଦିଗକୁ ନଜର ରଖାଯାଇଛି ।'



### ଆଜିଠୁ ରାଜ୍ୟ ପୁସ୍ତକ ମହୋତ୍ସବ

# ସ୍ୱାଧୀନତା ସଂଗ୍ରାମୀ ଓ ଯୁଗସ୍ରଷ୍ଟା ସାରସ୍ୱତ ସାଧକଙ୍କ ସାହିତ୍ୟ ସର୍ଜନାକୁ ଦିଆଯିବ ପ୍ରାଧାନ୍ୟ : ସଂସ୍କୃତି ମନ୍ତ୍ରୀ

**ଭୁବନେଶ୍ୱର, ୫/୧୨**
**ନ୍ୟୁଜ ବ୍ୟୁରୋ**

ଶନିବାରଠାରୁ ଭୁବନେଶ୍ୱରସ୍ଥିତ ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହେବ ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ। ଏହା ଆସନ୍ତା ଡିସେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ଆୟୋଜନ କରାଯିବ। ଚଳିତ ବର୍ଷ ପୁସ୍ତକ ମେଳାରେ ୫୫୦ଟି ଷ୍ଟଲ୍ ନିର୍ମାଣ ହେବା ସହିତ ପ୍ରାୟ ୨୫୦ ପ୍ରକାଶକ ଓ ପୁସ୍ତକ ବିକ୍ରେତା ଯୋଗଦେବେ। ଏଥିସହ ୬ଟି ଅନ୍ତର୍ଜାତୀୟ ସ୍ତରୀୟ ପ୍ରକାଶନ ସଂସ୍ଥା ମଧ୍ୟ ଚଳିତ ବର୍ଷ ପୁସ୍ତକ ମେଳାରେ ଅଂଶଗ୍ରହଣ କରିବେ । ଚଳିତ ବର୍ଷ ଓଡ଼ିଶାର ମହିଳା ସ୍ୱାଧୀନତା ସଂଗ୍ରାମୀ ଏବଂ ସର୍ଦ୍ଦାର ପଟେଲ-୧୫୦କୁ ନେଇ ଦୁଇଗୋଟି ଥିମ୍ ପାଭିଲିୟନ ନିର୍ମାଣ କରାଯିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏଥିସହ ପୁସ୍ତକ ମେଳାର ମୁଖ୍ୟ ପ୍ରବେଶ ଦ୍ୱାରକୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମା' ରମାଦେବୀ, ମୁଖ୍ୟମଞ୍ଚକୁ ସୁନାମଧନ୍ୟ ସାହିତ୍ୟିକ ରମାକାନ୍ତ ରଥ, ମେଳାର ଭିତର ପ୍ରବେଶ ଦ୍ୱାରକୁ ସନ୍ଥକବି ଭୀମଭୋଇଙ୍କ ନାମରେ ନାମିତ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପୁସ୍ତକ ମେଳାକୁ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିବେ। ପୁସ୍ତକମେଳାର ଉଦ୍ଘାଟନୀ ସମାରୋହରେ ବିଶିଷ୍ଟ ସାହିତ୍ୟିକ ତଥା ୨୦୨୨ ମସିହା ବୁକର ପୁରସ୍କାର ବିଜେତା ସ୍ନେହାନ କରୁଣାତିଳକ ଅତିଥି ଭାବେ ଯୋଗଦେବେ। କରୁଣାତିଳକଙ୍କ ଲିଖିତ ପୁସ୍ତକ 'ଦ ସେଭେନ ମୁନ୍ ଅଫ୍ ମାଲି ଅଲମେଡ଼ା' ବୁକର ପୁରସ୍କାର ଜିତିବା ସହ ପାଠକ ସମାଜରେ ବହୁ ପ୍ରଶଂସିତ ହୋଇଥିଲା। ପୁସ୍ତକ ମହୋତ୍ସବର ଉଦ୍ଘାଟନୀ ସମାରୋହରେ ଜ୍ଞାନପୀଠ ପୁରସ୍କାର ବିଜେତା ତଥା ବିଶିଷ୍ଟ ସାହିତ୍ୟିକା ଡ଼. ପ୍ରତିଭା ରାୟ ମଧ୍ୟ ଅତିଥି ଭାବେ ଯୋଗଦେବେ। ଚଳିତବର୍ଷର ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ଆୟୋଜନ ସମ୍ବନ୍ଧରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଆରମ୍ଭ ହେବାକୁ ଯାଉଛି । ଚଳିତବର୍ଷର ରାଜ୍ୟ ପୁସ୍ତକ ମହୋତ୍ସବରେ ସ୍ୱାଧୀନତା ସଂଗ୍ରାମୀ ଏବଂ ଯୁଗସ୍ରଷ୍ଟା ସାରସ୍ୱତ ସାଧକମାନଙ୍କର ସାହିତ୍ୟ ସର୍ଜନାକୁ ପ୍ରାଧାନ୍ୟ ଦିଆଯାଉଛି। ଏଥିସହ ଓଡ଼ିଶାର ମହିଳା ସ୍ୱାଧୀନତା ସଂଗ୍ରାମୀ ଓ ସର୍ଦ୍ଦାର ପଟେଲଙ୍କ ଜୀବନୀ ଉପରେ ଥିମ୍ ପାଭିଲିୟନ ନିର୍ମାଣ କରାଯାଉଛି। ପୁସ୍ତକମେଳାରେ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରକାଶନୀ ସଂସ୍ଥା ଯୋଗଦେବା ସହ ସାହିତ୍ୟ ଜଗତର ବହୁ ସାରସ୍ୱତ ସାଧକମାନେ ଯୋଗଦେଉଛନ୍ତି। ରାଜ୍ୟ ସ୍ତରୀୟ ପୁସ୍ତକ ମେଳା ରାଜ୍ୟରେ ପାଠକୀୟ ପରିବେଶ ଓ ସାହିତ୍ୟ ଜଗତକୁ ସମୃଦ୍ଧ କରିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଛନ୍ତି।



# ବିଶ୍ୱ ମୃତ୍ତିକା ଦିବସ : ଓଡ଼ିଶା ମାଟିରେ ୪୩% ଜୈବିକ କମ୍ପୋଷ୍ଟ ଅଭାବ

**ଭୁବନେଶ୍ୱର, ୫/୧୨**
**ନ୍ୟୁଜ ବ୍ୟୁରୋ**

ଅନୁର୍ବର ହୋଇଗଲାଣି ମାଟି । ଆଉ ଫଳୁନି ସୁନାର ଫସଲ, ହସୁନି ଶ୍ୟାମଳ କ୍ଷେତ। ସ୍ଥିତି ଏମିତି ଯେ, ମାଟିରେ ଆଉ ଫସଲ ଉଧଉନି । କେଉଁଠି ପନିପରିବା ଫଳୁନି ତ କେଉଁଠି ମୁଗ, ବାଦାମ, ସୋରିଷ ଓ ଡାଲି ଭଳି ଫସଲ ଉତ୍ପାଦନ କମିଗଲାଣି। ଏପରିକି ଚାରା ପୋତିଲେ ତାହା ବି କମ୍ ଦିନରେ ମରିଯାଉଛି । ଯାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀକୂଳ। ଇଣ୍ଟରନ୍ୟାସନାଲ କ୍ରପ୍ସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଫର୍ ଦି ସେମି-ଏରିଡ୍ ଟ୍ରପିକ୍ସ (ଆଇସିଆରଆଇଏସଏଟି)ର ଏକ ରିପୋର୍ଟରୁ ଏହା ଜଣାପଡିଛି। ରିପୋର୍ଟ ଅନୁଯାୟୀ, ଓଡ଼ିଶା ମାଟିରେ ୪୩% ଜୈବିକ କମ୍ପୋଷ୍ଟ ଅଭାବ ଦେଖାଯାଉଛି। ରାଷ୍ଟ୍ରୀୟ ମୃତ୍ତିକା ସର୍ବେକ୍ଷଣ ଓ ଭୂମି ଉପଯୋଗ ନିୟୋଜନ ବ୍ୟୁରୋ, କୃଷି ବିଭାଗ ଏବଂ ମୃତ୍ତିକା ବିଶେଷଜ୍ଞଙ୍କୁ ନେଇ ଗତ କିଛିବର୍ଷ ତଳେ ୩୦ଟି ଜିଲ୍ଲାର ୪୦,୨୬୫ ମାଟିର ନମୁନା ସଂଗ୍ରହ ପରେ କରାଯାଇଥିବା ଅନୁଧ୍ୟାନ ରିପୋର୍ଟରେ ଏହା ପ୍ରକାଶ ପାଇଛି । ଓଡ଼ିଶାର ମୃତ୍ତିକାରେ ମାଗ୍ନେସିୟମ୍, ନାଇଟ୍ରୋଜେନ୍, ଫସ୍ଫରସ୍ ଓ ପଟାସ୍ ଭଳି ଅଣୁସାର ଶତପ୍ରତିଶତ ରହିବା ଦରକାର । ମାତ୍ର ମାଗ୍ନେସିୟମକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଉପାଦାନ ଓ ମାଟିରେ ବହୁତ ମାତ୍ରାରେ ହ୍ରାସ ପାଇଚାଲିଛି। ଫଳରେ ଉର୍ବରତା କମିଚାଲିଛି। ଧାନଚାଷ ପାଇଁ ରାଜ୍ୟରେ ଆଗୁଆ ବରଗଡ଼ର ମାଟି ବି ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଯୋଗୁଁ ଉର୍ବରତା ହରାଇଲାଣି । ଅଧିକରୁ ଅଧିକ ଫସଲ ଉତ୍ପାଦନ ପାଇଁ ମାଟିରେ ସାର ପ୍ରୟୋଗ ଉର୍ବରତା ବଢ଼ାଇବା ପରିବର୍ତ୍ତେ ହ୍ରାସ ପାଉଛି। କେବଳ ସେତିକି ନୁହେଁ, ଦୋରସା ଓ ଉର୍ବର ମାଟିରେ କ୍ରମଶଃ ବନ୍ଧ୍ୟା ଦୋଷ ଦେଖାଗଲାଣି । ଉପକୂଳ ଜମି ଲବଣାକ୍ତ ହେଲାଣି । ଫଳରେ ଫସଲ ଉତ୍ପାଦନ ଖସୁଛି ବୋଲି ବିଶେଷଜ୍ଞମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଜଗତସିଂହପୁର କେଭିକେରେ ଥିବା ମୃତ୍ତିକା ବୈଜ୍ଞାନିକ ପ୍ରଦୀପ୍ତ ମାଝୀଙ୍କ କହିବା ଅନୁଯାୟୀ, ଓୟୁଏଟି ପକ୍ଷରୁ ଗତବର୍ଷ ଏକ ସର୍ଭେ ହୋଇଥିଲା। ଧାନ ପରେ ମୁଗ ଚାଷ ଆଉ ହେଉନି ବୋଲି ଜଣାପଡ଼ିଲା। ଏହାର କାରଣ ମାଟିରେ ଅମ୍ଳ ଅଂଶ ବଢୁଛି। ଅଙ୍ଗାରକ କମୁଛି । ବାଦାମ ଓ ସୋରିଷ ନହେବାର କାରଣ ମାଟିରେ ଗନ୍ଧକଯୁକ୍ତ ଖାଦ୍ୟାଂଶ ରହୁନି। ମାଟିରେ ବୋରନ୍ ବା ଅଣୁସାର ବି କମୁଛି । ଫଳରେ ନଡ଼ିଆର ଗୋଟମା ଖସିପଡୁଛି । ଏଭଳି ସମସ୍ୟା ଉପକୂଳର ପ୍ରତି ଜିଲ୍ଲାରେ ରହିଛି। ବରଗଡ଼ କେଭିକେରେ ଥିବା ବୈଜ୍ଞାନିକ ଡ. ରାହୁଲ ଦେବ ବେହେରାଙ୍କ କହିବା କଥା, ବରଗଡ଼ର ମାଟିରେ ଅମ୍ଳ (ଏସିଡ୍) ଅଂଶ ବଢୁଛି । ଏହାର କାରଣ ରାସାୟନିକ ସାର । ସେଥିପାଇଁ ଧାନ ଚାଷ ଆଗଭଳି ହୋଇପାରୁନି । ବରିଷ୍ଠ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ଓଡ଼ିଶା ଭଳି ରାଜ୍ୟରେ ଜଙ୍ଗଲ କ୍ଷୟ, ଭୂମି ଅବକ୍ଷୟ ଓ ଉର୍ବରତା ହ୍ରାସର ମୁଖ୍ୟ କାରଣ ହେଉଛି ଖଣି ଖନନ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାଟିରେ ଆର୍ଦ୍ରତା ହ୍ରାସ ପାଉଛି। ଫ୍ଲାଏ ଆସ୍, ରେଡ୍ ମଡ୍ ଓ ବିପଦସଙ୍କୁଳ ଶିଳ୍ପ ବର୍ଜ୍ୟବସ୍ତୁ ନିଷ୍କାସନ ଭୂମି ଉର୍ବରତା ହ୍ରାସର ମୁଖ୍ୟ କାରଣ ପାଲଟିଛି । ତେଣୁ ବେଳଥାଉ ଏଥିପାଇଁ ଚେତିବାକୁ ପଡ଼ିବ। ରାସାୟନିକ ସାର ବଦଳରେ ଖତର ବ୍ୟବହାର କରନ୍ତୁ ବୋଲି ସେ କହିଛନ୍ତି । ଅପରପକ୍ଷେ, ପ୍ରତିବର୍ଷ ଜିଲ୍ଲାସ୍ତରରେ ମାଟି ପରୀକ୍ଷା କରାଯାଇ, ଉର୍ବରତା ବୃଦ୍ଧି ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଉଥିବା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ସୂଚନା ମିଳିଛି।



# ପ୍ରଶ୍ନପତ୍ର ଲିକ୍ : ଏଏନଏମ ଦ୍ୱିତୀୟ ବର୍ଷର ପରୀକ୍ଷା ସ୍ଥଗିତ




### ମନ୍ତ୍ରୀଙ୍କ ଉତ୍ତର ଦାବିରେ ଗୃହରେ ହଟ୍ଟଗୋଳ

**ଭୁବନେଶ୍ୱର, ୫।୧୨ ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ବିଧାନସଭାରେ ବିଜେଡ଼ିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏ.ଏନ୍.ଏମ୍ ପ୍ରଶ୍ନପତ୍ର ଲିକ୍ ହୋଇଥିବା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରି ଏହା ଉପରେ ସରକାର ଉତ୍ତର ଦେବାକୁ ଦାବି କରିଥିଲେ। ଶ୍ରୀ ସ୍ୱାଇଁଙ୍କ ଦାବିକୁ ବିରୋଧୀ ଦଳର ବିଧାୟକମାନେ ସମର୍ଥନ ଜଣାଇ ନିଜ ନିଜ ଆସନରେ ଠିଆହୋଇ ପାଟିତୁଣ୍ଡ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଗୃହର ମଧ୍ୟଭାଗକୁ ଆସି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏଥିଯୋଗୁଁ ଅଚଳାବସ୍ଥା ସୃଷ୍ଟି ହେବାରୁ ପ୍ରଥମେ ବାଚସ୍ପତି ୪ ମିନିଟ୍ ପାଇଁ ଏବଂ ପରେ ଉପବାଚସ୍ପତି ୧୦ ମିନିଟ୍ ପାଇଁ ଗୃହକୁ ମୁଲତବୀ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ଏହି ପ୍ରସଙ୍ଗରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଗୃହରେ ବିବୃତ୍ତି ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଗୃହରେ ବିବୃତି ରଖି କହିଥିଲେ ରାଜ୍ୟ ସରକାର ଏଏନ୍ଏମ୍ ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ ଅବଗତ ଅଛନ୍ତି ଏବଂ ଏହାର ଅନୁଧ୍ୟାନ କରାଯାଉଛି।

**ଭୁବନେଶ୍ୱର ୫।୧୨**
**ନ୍ୟୁଜ ବ୍ୟୁରୋ**

ସ୍ଥଗିତ ହେଲା ଏଏନଏମର ଦ୍ୱିତୀୟ ବର୍ଷର ଶୁକ୍ରବାର ପରୀକ୍ଷା । ପଞ୍ଚମ ପେପର- ମିଡ ଓ୍ୱାଇଫେରୀ ପରୀକ୍ଷା ସ୍ଥଗିତ ହୋଇଛି । ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ପରୀକ୍ଷା ସ୍ଥଗିତ ନିର୍ଦ୍ଦେଶ ଦିଆଯାଇଛି । ଓଏନ୍ଏମ୍ଓବି ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ପରୀକ୍ଷା ଆରମ୍ଭ ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ନେଇ ଅଭିଯୋଗ ହୋଇଥିଲା। ଏଏନଏମ ପ୍ରଶ୍ନପତ୍ର ଲିକ୍ ନେଇ ବିଧାନସଭାରେ କଂଗ୍ରେସ ବିଧାୟକ ରାଜନ ଏକ୍କା ପ୍ରଶ୍ନ ଉଠାଇଥିଲେ । ପଏଣ୍ଟ ଅଫ୍ ଅର୍ଡରରେ ପ୍ରସଙ୍ଗ ଉଠାଇଲେ କଂଗ୍ରେସ ବିଧାୟକ ରାଜନ ଏକ୍କା । ପରୀକ୍ଷାକୁ ବାତିଲ ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ କି ବୋଲି ପ୍ରଶ୍ନ କରିଥିଲେ ବିଧାୟକ । ଶୁକ୍ରବାର ୨ଟା ବେଳେ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଦିନ ୧୧ଟା ବେଳେ ବଜାରରେ ପ୍ରଶ୍ନପତ୍ର ବିକ୍ରି ହେଉଥିବା ନେଇ ବିଧାୟକ ପ୍ରଶ୍ନ କରିଥିଲେ। ଗଜପତି ଜିଲ୍ଲାରେ ପାରଳାଖେମୁଣ୍ଡି ମହାରାଜ ବାଳକ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ମଧ୍ୟ ବଣ୍ଟା ହୋଇଥିଲା । ପରେ ହଠାତ ପରୀକ୍ଷାକୁ ବାତିଲ କରାଯାଇଛି । ପରିଶ୍ରମ କରି ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିବା ପରୀକ୍ଷାର୍ଥୀମାନେ ପରୀକ୍ଷାକେନ୍ଦ୍ରରୁ ନିରାଶ ହୋଇ ଫେରିଛନ୍ତି। ସେହି ସମୟରେ ପରୀକ୍ଷାର୍ଥୀ ମାନେ ଭାବବିହ୍ୱଳ ହୋଇପଡ଼ିଥିଲେ । କେହି ଦୁର୍ବୃତ୍ତ ପ୍ରଶ୍ନପତ୍ର ଲିକ୍ କରିବା ଯୋଗୁଁ ସମସ୍ତଙ୍କୁ ହଇରାଣ ହେବାକୁ ପଡିଲା ବୋଲି ପରୀକ୍ଷାର୍ଥୀମାନେ କହିଛନ୍ତି।